

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୩୦ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 30 April 2026
Vol.No. 36 ■ No.113 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଆସିଲା ଏଗଜିଟ୍ ପୋଲ୍

# ଆସାମରେ କ୍ଷମତା ହାସଲ କରିପାରେ ଏନ୍‌ଡିଏ, ପଶ୍ଚିମବଙ୍ଗରେ ଫୁଟିପାରେ ପଦ୍ମ

■ପୁଡୁଚେରୀରେ ପରିବର୍ତ୍ତନର ସଙ୍କେତ
■କେରଳମ୍‌ରେ ପୁଣି ଏଲଡିଏଫ୍
■ତାମିଲନାଡୁରେ ଡିଏମକେ




ନୂଆଦିଲ୍ଲୀ,୨୯/୪ : ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳମ ଏବଂ ପୁଡୁଚେରିରେ ବିଧାନସଭା ନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି। ପଶ୍ଚିମବଙ୍ଗ ବ୍ୟତୀତ ଅନ୍ୟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଗୋଟିଏ ଲେଖାଏଁ ପର୍ଯ୍ୟାୟରେ ମତଦାନ ହୋଇଥିଲା। ପଶ୍ଚିମବଙ୍ଗରେ ଆଜି ଦ୍ୱିତୀୟ ପର୍ଯ୍ୟାୟର ମତଦାନ ଶେଷ ହେଲା ପରେ ଏକ୍‌ଜିଟ୍ ପୋଲ୍ ଆସିଛି। ବିଭିନ୍ନ ସଂସ୍ଥା ଦ୍ୱାରା ସର୍ଭେ କରାଯାଇଥିବା ରିପୋର୍ଟ ଅନୁସାରେ କେଉଁ ରାଜ୍ୟରେ କିଏ ସରକାର ଗଢ଼ିବେ ତାହାର ପୂର୍ବାନୁମାନ କରାଯାଇଛି। ତେବେ ପ୍ରକୃତରେ କେଉଁଠି କିଏ ସରକାର ଗଢ଼ିବେ ତାହା ୨୦୨୬ ମେ' ୪ ତାରିଖ ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟ ହୋଇଯିବ ବୋଲି ଆଶା କରାଯାଉଛି। ଆସାମରେ ବିଜେପି ନେତୃତ୍ୱ ଏନ୍‌ଡିଏ ସରକାର ଆସିପାରେ। 'ଆକ୍ସିସ ମାଇ ଇଣ୍ଡିଆ'ର ସର୍ଭେ ରିପୋର୍ଟ ଅନୁସାରେ ୧୨୬ ବିଧାନସଭା ଆସନ ବିଶିଷ୍ଟ ଆସାମ ବିଧାନସଭା ନିର୍ବାଚନରେ ଏନ୍‌ଡିଏକୁ ୮୮ରୁ ୧୦୦ ଆସନ ମିଳିପାରେ। ଏଠାରେ କଂଗ୍ରେସକୁ ୨୮ରୁ ୩୬ଟି ଆସନ ମିଳିପାରେ। ଅନ୍ୟ ଦଳ ମାତ୍ର ୩ଟି ଆସନ ହାତେଇ ପାରନ୍ତି। ପଶ୍ଚିମବଙ୍ଗରେ ୨୯୪ଟି ଆସନ ପାଇଁ ମତଦାନ ହୋଇଛି। ଏଠାରେ ବିଜେପିକୁ ୧୫୦ରୁ ୧୬୦ ଆସନ ମିଳିପାରେ। ଶାସକ ତୃଣମୂଳ କଂଗ୍ରେସକୁ ୧୩୦ରୁ ୧୪୦ ଆସନ ମିଳିପାରେ। ଚାଣକ୍ୟ ଦ୍ୱାରା ଏଭଳି ସର୍ଭେ ଆକଳନ କରାଯାଇଛି। ମୋର୍ଟିଜ୍ ସର୍ଭେ ରିପୋର୍ଟ ଅନୁସାରେ ୧୪୬ରୁ ୧୬୧ ଆସନ ଦେଇଥିବା ବେଳେ ତୃଣମୂଳ କଂଗ୍ରେସକୁ ୧୨୫ରୁ ୧୪୦ ଆସନ ମିଳୁଛି। ପୁଲ ଡାଏରି ସର୍ଭେ ରିପୋର୍ଟ ଅନୁସାରେ ଟିଏମ୍‌ସିକୁ ପଶ୍ଚିମବଙ୍ଗରେ ୯୯ରୁ ୧୨୭ ଆସନ ମିଳିବ। କିନ୍ତୁ ବିଜେପିକୁ ୧୪୨ରୁ ୧୭୧ ଆସନ ମିଳିବ। ଅନ୍ୟ ଦଳକୁ ୫ରୁ ୯ଟି ଆସନ ମିଳିପାରେ। ଏତଦ ବ୍ୟତୀତ ଅନ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେ ମଧ୍ୟ ପଶ୍ଚିମବଙ୍ଗରେ ବିଜେପି ଆସିବ ବୋଲି ଆକଳନ କରିଛନ୍ତି। ମୋର୍ଟିଜ୍ ସର୍ଭେ ରିପୋର୍ଟ ଅନୁସାରେ ୨୩୪ ବିଧାନସଭା ଆସନ ବିଶିଷ୍ଟ ତାମିଲନାଡୁରେ ଡିଏମ୍‌କେକୁ ୧୨୨ରୁ ୧୩୨ଟି ଆସନ ମିଳିପାରେ। ଅପରପକ୍ଷେ ବିରୋଧୀ ଦଳ ଏଆଇଡିଏମ୍‌କେକୁ ୮୭ରୁ ୧୦୦ ଆସନ ମିଳିପାରେ। ସେହିଭଳି ଅନ୍ୟ ଦଳ ୧୦ରୁ ୧୮ଟି ଆସନ ହାତେଇପାରନ୍ତି।

◆◆ପୃଷ୍ଠା ୭

## କଳାହାଣ୍ଡିରେ ମୃଦୁ ଭୂମିକମ୍ପ: ରିକ୍ଟର ସ୍କେଲ୍‌ରେ ତୀବ୍ରତା ୪.୧



ଭୁବନେଶ୍ୱର, ୨୯/୪ (ନି.ପ୍ର): କଳାହାଣ୍ଡିରେ ମୃଦୁ ଭୂମିକମ୍ପ । କଳାହାଣ୍ଡିର ବିଭିନ୍ନ ଅଞ୍ଚଳରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି । ଜୟପାଟଣା, ଧର୍ମଗଡ, ଜୁନାଗଡ଼, କୋକସରା ଅଞ୍ଚଳରେ ମୃଦୁ ଭୂକମ୍ପ ପରେ ଛାନିଆ ଲୋକେ । ସଂପୃକ୍ତ ଅଞ୍ଚଳରେ ୪ ସେକେଣ୍ଡ ଧରି ଥରିଲା ମାଟି । ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୪.୧ ଥିଲା ବୋଲି ସୂଚନା ମିଳିଛି । କୋକସରା ବ୍ଲକରେ ସନ୍ଧ୍ୟା ୭ଟା ୪୨ରୁ ୭ଟା ୪୩ ମଧ୍ୟରେ ମୃଦୁ ଭୂମିକମ୍ପ ଅନୁଭୂତି ହୋଇଥିବା ଜଣାପଡ଼ିଛି ।

## ଆଜି ବିଧାନସଭା ସ୍ୱତନ୍ତ୍ର ଅଧିବେଶନ: ବଦଳିଲା ଭୁବନେଶ୍ୱରର ଟ୍ରାଫିକ୍ ଗତିପଥ




ଭୁବନେଶ୍ୱର, ୨୯/୪ (ନି.ପ୍ର): ଗୁରୁବାର (୩୦ ଅପ୍ରିଲ୍ ୨୦୨୬)ରେ ସଂସଦରେ ମହିଳା ସଂରକ୍ଷଣ ଓ ନାରୀ ଶକ୍ତି ବନ୍ଦନା ଅଧିନିୟମ ସମ୍ପର୍କରେ ବିଧାନସଭାରେ ଆଲୋଚନା ନିମନ୍ତେ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସହରରେ ସାମୟିକ ଟ୍ରାଫିକ୍ ନିୟନ୍ତ୍ରଣ କରାଯାଇଛି। ଭୁବନେଶ୍ୱର-କଟକ ପୁଲିସ କମିସନରେଟ୍ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ବିଧାନସଭା ସଂଲଗ୍ନ ରାସ୍ତାଗୁଡ଼ିକରେ ଓଡ଼ିଶା ସହରାଞ୍ଚଳ ଆଇନ ୨୦୦୩ରୁ ଧଶରା ୨୮ (ଓଡ଼ିଶା ଆଇନ ୨୦୦୭ର ଧାରା ୮) ଓ ପୁଲିସ କମିସନରେଟ୍ ଟ୍ରାଫିକ୍ ଓ ପବ୍ଲିକ୍ ଅର୍ଡର ଓ ରେଗୁଲେସନ୍ ୨୦୦୮ର ଧାରା ୩୭ ଅନୁସାରେ କଟକଣା ଜାରି କରାଯାଇଛି। ହାଉସିଂ ବୋର୍ଡ ଛକ ପଟୁ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଆସୁଥିବା ସମସ୍ତ ଯାନବାହାନଗୁଡ଼ିକ କେଶରୀ ଟକିଜ୍ ଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ନିଜ ଗନ୍ତବ୍ୟସ୍ଥଳକୁ ଯାଇପାରିବେ। ଏଜି ଛକ ପଟୁ ପିଏମ୍‌ଜି ଛକ ଆଡ଼କୁ ଆସୁଥିବା ସମସ୍ତ ଯାନବାହାନ ଗୁଡ଼ିକ ଜୟଦେବ ଭବନ ପାଖରେ ଡାହାଣ ପାର୍ଶ୍ୱରେ ଥିବା ଇନ୍ଦିରା ଗାନ୍ଧୀ ପାର୍କ ରାସ୍ତା ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ। ମାଷ୍ଟର କ୍ୟାଣ୍ଟିନ୍ ଛକ ପଟୁ ଆସୁଥିବା ସମସ୍ତ ଯାନବାହାନଗୁଡ଼ିକ ଲୋଏର ପିଏମ୍‌ଜି ଠାରୁ ବାମ କିମ୍ବା ଡାହାଣ ପାର୍ଶ୍ୱ ରାସ୍ତା ଦେଇ ଯାଇପାରିବେ। ୧୨୦ ବାଟାଲିଅନ୍ ଛକ ପଟୁ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଯିବାକୁ ଚାହୁଁଥିବା ସମସ୍ତ ଯାନବାହାନ ଗୁଡ଼ିକ ପାୱାର ହାଉସ୍ ଛକ ଦେଇ ଯିବେ। ଲୋକଭବନ ଛକପଟୁ ଏମ୍‌ଏଲ୍‌ଏ କଲୋନୀ ଓ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଯିବାକୁ ଚାହୁଁଥିବା ସମସ୍ତ ଯାନବାହାନ ଗୁଡ଼ିକ ଶାସ୍ତ୍ରୀନଗର ଛକଦେଇ ଯିବେ। ତେବେ ଏହି କଟକଣା ପୁଲିସ, ଅଗ୍ନିଶମ, ଆମ୍ବୁଲାନ୍‌ସ ଆଦି ଜରୁରୀକାଳୀନ ଯାନ ଏବଂ ବିଧାନସଭା, ରାଜ୍ୟ ସଚିବାଳୟ ଓ ଅନ୍ୟ ସରକାରୀକାର୍ଯ୍ୟାଳୟକୁ ଯାଉଥିବା ଅଧିକୃତ ଯାନବାହାନ ନିମନ୍ତେ ଲାଗୁହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

## ୪୦ଗ୍ରାମ ବ୍ରାଉନ ସୁଗାର ଜବତ: ଜଣେ ଗିରଫ

ଖୋର୍ଦ୍ଧା, ୨୯/୪ (ନି.ପ୍ର): ଆଦର୍ଶ ଥାନା ପୋଲିସ ବ୍ରାଉନ ସୁଗାର କାରବାର କରୁଥିବା ଅଭିଯୋଗରେ ବୁଧବାର ଆଦର୍ଶ ଥାନା ପୋଲିସ ଜଣକୁ ଗିରଫ କରିବା ସହ ତାଠାରୁ ୪୦ଗ୍ରାମ ବ୍ରାଉନ ସୁଗାର ସମେତ ବାଇକ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ପାନବରଜ ଗାଁ ର ଶିବ ପ୍ରସାଦ ରଥ।(୨୩)ଗିରଫ ଅଭିଯୁକ୍ତର ଜାମିନ ନାମଞ୍ଜୁର ହେବାରୁ ତାକୁ ଖୋର୍ଦ୍ଧା ଉପ କାରାଗାରକୁ ପଠାଇ ଦିଆଯାଇଛି ବୋଲି ଆଦର୍ଶ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## କେନ୍ଦୁଝରକୁ ୧୩୩୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଭେଟି ଦେଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୨୯/୪ (ନି.ପ୍ର): କେନ୍ଦୁଝର ଜିଲ୍ଲାର ସାମଗ୍ରିକ ବିକାଶ ଓ ଗମନାଗମନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଠାରେ ଏକାଧିକ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ ବିକାଶ ସମାବେଶରେ ଜିଲ୍ଲାର ସାମଗ୍ରିକ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ପ୍ରାୟ ୧,୩୩୦ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମୋଟ ୧୮୭ଟି ପ୍ରକଳ୍ପର ଲୋକାର୍ପଣ, ଭିତ୍ତିପ୍ରସ୍ତର ସ୍ଥାପନ ଓ ନୂତନ ଘୋଷଣା କରାଯାଇଛି। ଜିଲ୍ଲାବାସୀଙ୍କୁ ସ୍ମାର୍ଟ ପବ୍ଲିକ ଟ୍ରାନ୍ସପୋର୍ଟ ସେବା ଯୋଗାଇଦେବା ପାଇଁ ୨୫ଟି ଅତ୍ୟାଧୁନିକ ଇ-ବସ ସହିତ ୧୭ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଆମ ବସ' ଡିପୋର ଲୋକାର୍ପଣ କରାଯାଇଛି। ସୂଚନାଯୋଗ୍ୟଯେ, ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୭୦୫ କୋଟି ଟଙ୍କାର ୬୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ, ପ୍ରାୟ ୨୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୪ଟି ପ୍ରକଳ୍ପକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି।

◆◆ପୃଷ୍ଠା ୭

## ଡାବୁଗାଁ ପୁଲିସ ଥାନାରେ ଅଭିଯୁକ୍ତଙ୍କ ଆତ୍ମହତ୍ୟା: ହାଜତ ମୃତ୍ୟୁ ଅଭିଯୋଗ

ନବରଙ୍ଗପୁର /ଡାବୁଗାଁ, ୨୯/୪ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ହାଜତରେ ଅଟକ ଥିବା ଜଣେ ଅଭିଯୁକ୍ତ ଯୁବକ ଶୌଚାଳୟରେ ବେକରେ ଚାଦର ଲଗାଇ ଆତ୍ମହତ୍ୟା କରିଛି। ଯୁବକ ଜଣକ ଡାବୁଗାଁ ଥାନା ଅଞ୍ଚଳା ଗ୍ରାମର ପୂର୍ଣ୍ଣ କଲାର (୨୩) । ଘଟଣାକୁ ନେଇ ରାସ୍ତାରୋକ ସହ ଥାନା ଉପରକୁ ଯୁବକଙ୍କ ସମ୍ପର୍କୀୟ ଓ ଗାଁଲୋକ ଢେଲାମାଡ଼ କରିଛନ୍ତି। ସୂଚନାନୁସାରେ,

◆◆ପୃଷ୍ଠା ୭

## ଆଇପିଏଲ ବେଟିଂ ରାକେଟ ୪ ଗିରଫ : ୫୭ ଲକ୍ଷ ଟଙ୍କା ଜବତ

ପୁରୀ, ୨୯/୪ (ନି.ପ୍ର): ପୁରୀ ପୋଲିସ ପକ୍ଷରୁ ଏକ ବଡଧରଣର ଆଇପିଏଲ ବେଟିଂ ରାକେଟ ଠାବ କରିବା ସହ ୪ ଜଣକୁ ଗିରଫ କରିଛି । ସେମାନଙ୍କ ଠାରୁ ୬ଟି ମୋବାଇଲ, ୨୫ ଲକ୍ଷ ୩୫ ହଜାର ନଗଦ ଟଙ୍କା ଓ ବ୍ୟାଙ୍କ ପାସବୁକ ରେ ଥିବା ୩୧ ଲକ୍ଷ ୮୧ ହଜାର ୨୪୪ଟଙ୍କା ଫ୍ରିଜ କରାଯାଇଛି । ଏ ସମ୍ପର୍କରେ ବୁଧବାର ସାମ୍ବାଦିକ ସମ୍ମିଳନୀରେ ଏସପି ପ୍ରତୀକ ସିଂଙ୍କ କହିଛନ୍ତି ଅତି ସତର୍କତାର ସହ ସାଇବର ଥାନା ପୋଲିସ ଗିରଫ କରିବାରେ ସମର୍ଥ ହୋଇଛି । ଏ ସମ୍ପର୍କରେ ସାଇବର ଥାନାରେ ୧୮/୨୬ରେ ମାମଲା ରୁଜୁ ହୋଇଛି ।

## ସାରା ଦେଶରେ ଘରୋଇ ଏଲ୍‌ପିଜି ଯୋଗାଣ ନିରବଚ୍ଛିନ୍ନ ଭାବେ ଜାରି ରହିଛି: କେନ୍ଦ୍ର

ନୂଆଦିଲ୍ଲୀ,୨୯/୪ : ପଶ୍ଚିମ ଏସିଆର ପରିବର୍ତ୍ତିତ ପରିସ୍ଥିତି ମଧ୍ୟରେ ସରକାର ବୁଧବାର କହିଛନ୍ତି ଯେ ସାରା ଦେଶରେ ଘରୋଇ ରନ୍ଧନ ଗ୍ୟାସ୍(ଏଲ୍‌ପିଜି) ଯୋଗାଣ ବିନା ବାଧାରେ ସୁରୁଖୁରୁରେ ଜାରି ରହିଛି। ସରକାର କହିଛନ୍ତି ଯେ ଏଲ୍‌ପିଜି ବିତରକଙ୍କ ପାଖରେ କୌଣସି ଅଭାବ ବିଷୟରେ କୌଣସି ରିପୋର୍ଟ ନାହିଁ। ଏହାସହିତ, ଅନଲାଇନ୍ ବୁକିଂ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ରହିଛି। ନୂଆଦିଲ୍ଲୀରେ ଆୟୋଜିତ ଏକ ଆନ୍ତଃମନ୍ତ୍ରିସ୍ତରୀୟ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ ଦେଶର କୌଣସି ଏଲ୍‌ପିଜି ବିତରକଙ୍କ ଠାରୁ ଷ୍ଟକ୍ ଶେଷ ହେବାର କୌଣସି ରିପୋର୍ଟ ମିଳିନାହିଁ। ପଶ୍ଚିମ ଏସିଆ ସଙ୍କଟ କାରଣରୁ ଏଲ୍‌ପିଜି ଆମଦାନୀ ପ୍ରଭାବିତ ହୋଇଛି, କିନ୍ତୁ ଆମର ଘରୋଇ ଏଲ୍‌ପିଜି ଯୋଗାଣ ନିରବଚ୍ଛିନ୍ନ ଭାବେ ଜାରି ରହିଛି ବୋଲି ସେ କହିଛନ୍ତି।

## ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘର ବାଲେଶ୍ୱର ଜିଲ୍ଲା ସମ୍ମିଳନୀ ଓ ଜିଲ୍ଲା ଶାଖା ଉଦଘାଟନ




ବାଲେଶ୍ୱର, ୨୯/୪ (ନି.ପ୍ର): ସ୍ଥାନୀୟ ସଭାଗୃହ ଠାରେ ବରିଷ୍ଠ ସାମ୍ବାଦିକ ତଥା ବାଲେଶ୍ୱର ଜିଲ୍ଲା ଶାଖା ସମ୍ପାଦକ ଦେବବ୍ରତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘର ବାଲେଶ୍ୱର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀଯୁକ୍ତ ପୀତବାସ ମିଶ୍ର ଯୋଗଦେଇ ସାମ୍ବାଦିକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ବହୁବିଧ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହିତ ସଂଘ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ଠାରେ ସାମ୍ବାଦିକଙ୍କ ହିତ ସାଧନ ନିମନ୍ତେ ଦାବୀ ଉପସ୍ଥାପନ କରିଆସୁଥିବା କହିଥିଲେ । ସମ୍ମାନୀତ ଅତିଥି ଭାବେ ସଂଘର ଭୁବନେଶ୍ୱର ଅଧକ୍ଷ ହୃଷିକେଶ ମହାନ୍ତି, ସଂଘର କାର୍ଯ୍ୟକର୍ତ୍ତା। ରବୀନ୍ଦ୍ର କୁମାର ମହାନ୍ତି, ରାଜ୍ୟ ଉପସଭାପତି ଅନିଲ କୁମାର ସାହୁ,ମୁଖ୍ୟ ଉପଦେଷ୍ଟା ଶୁଭେନ୍ଦୁ ଦାସ, ସୃଷ୍ଟିଧର ପରିଡା, ଜିଲ୍ଲା ସଭାପତି ଅପର୍ଣ୍ଣା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ସମ୍ମିଳନୀ ପାଳନ ସମ୍ପର୍କରେ ସାମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଏଥିସହ ସମସ୍ତ ସଦସ୍ୟ ଓ ସଦସ୍ୟା ଏବଂ ଆଗାମୀ ଦିନରେ ଜଡିତ ହେବାକୁ ଥିବା ନୂତନ ସଦସ୍ୟ ଓ ସଦସ୍ୟା ମାନେ ଏକତ୍ରିତ ମନୋଭାବ

◆◆ପୃଷ୍ଠା ୭

## ଟ୍ରମ୍ପଙ୍କ ବିପଜ୍ଜନକ ଯୋଜନା: ହର୍ମୁଜରେ ଦୀର୍ଘକାଳୀନ ଅବରୋଧ, ଇରାନର ବଢ଼ିଲା ସମସ୍ୟା



ନୂଆଦିଲ୍ଲୀ,୨୯/୪ : ହର୍ମୁଜ ପ୍ରଣାଳୀ ହେଉଛି ବିଶ୍ୱବ୍ୟାପୀ ଇନ୍ଧନ ଯୋଗାଣ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୁଦ୍ରପଥ। ତେବେ ଗତ ୨ ମାସ ଧରି ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଏହି ମାର୍ଗ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଅନେକ ଦେଶରେ ଇନ୍ଧନ ଅଭାବ ହେତୁ ପରିସ୍ଥିତି ଖରାପ ହେବାରେ ଲାଗିଛି। ଅନ୍ୟପକ୍ଷରେ ଏବେ ଖବର ଆସୁଛି ଯେ ଏହି ଜଳପଥ ଦୀର୍ଘ ଦିନ ଧରି ବନ୍ଦ ରହିପାରେ। ଏହାର କାରଣ ହେଉଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ଯୋଜନା। ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ, ଟ୍ରମ୍ପ ଇରାନକୁ ଏକ ଲମ୍ବା ଝଟକା ଦେବାକୁ ଯୋଜନା କରୁଛନ୍ତି ଏବଂ

◆◆ପୃଷ୍ଠା ୭

# ମୁରିବାହାଲ ବ୍ଲକର ବିଭିନ୍ନ ସ୍ଥାନରେ ଚନ୍ଦନଯାତ୍ରା ମହୋତ୍ସବ ଆରମ୍ଭ

ବଲାଙ୍ଗିର, ୨୯/୦୪ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଂଚଳର ଯମୁନା (ଷ୍ଟେସନ ପଡ଼ା), ବାହାଡୁକି ସମେତ ବିଭିନ୍ନ ଗ୍ରାମରେ ରବିବାର ଠାରୁ ଚନ୍ଦନ ଯାତ୍ରା ମହୋତ୍ସବ ଆରମ୍ଭ ହୋଇଯାଇଛି । ଯମୁନା, ବନବାହାଲ, ବାରବନ୍ଧ, ଷ୍ଟେସନପଡ଼ା ଓ ବାହାଡୁକି ସମେତ ମୁରିବାହାଲ ବ୍ଲକର ବିଭିନ୍ନ ସ୍ଥାନରେ ଚନ୍ଦନଯାତ୍ରା ମହୋତ୍ସବ ଆରମ୍ଭ' ହୋଇଛି। ଦୀର୍ଘ ପାଂଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଚନ୍ଦନ ଯାତ୍ରା ମହୋତ୍ସବ ଚନ୍ଦନ ପୂର୍ଣ୍ଣିମା ତଥା ବୁଦ୍ଧ ପୂର୍ଣ୍ଣିମାରେ ଉଦଯାପିତ ହେବା ସହ ବୈଶାଖ ବ୍ରତ ସମାପ୍ତ ହେବ । ଏହି ମହୋତ୍ସବରେ ପ୍ରତିଦିନ ମହାଭାରତର ବିରାଟ ପର୍ବ, ପୁରାଣ ପଠନ, ନାବକେଳି ସାଙ୍ଗକୁ ପ୍ରତିଦିନ ରାତିରେ ଗୁପ୍ତବନବାସ, କିଚକ ବଧ, ଗୋଧନ ହରଣ, ଅଭିମନ୍ୟୁ-ଉତରାବାଲି ବିବାହ ପ୍ରଭୃତି ବିରାଟପର୍ବର ପୌରାଣିକ ନାଟକଗୁଡ଼ିକ ମଂଚସ୍ଥ ହେବ ।ପୂର୍ବଦିନ ପ୍ରତ୍ୟେକ ଗ୍ରାମରେ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଯମୁନା ଗ୍ରାମରେ ଅନୁଷ୍ଠିତ ଚତୁର୍ଥ ବର୍ଷ ଚନ୍ଦନ ଯାତ୍ରାରେ ଗାନ୍ଧୀଲାଲ ମହାକୁର ଓ ତାଙ୍କ ଧର୍ମପତ୍ନୀ ସୌରୀ ମହାକୁର କର୍ତା, ଦୁର୍ଯ୍ୟୋଧନ ପାଣିଗ୍ରାହୀ ଓ ପ୍ରେମାନନ୍ଦ ଥନାପତି ପୂଜକ ଦାୟିତ୍ୱରେ ଅଛନ୍ତି। ଏହି ଅବସରରେ ଆୟୋଜକ କମିଟି ପକ୍ଷରୁ ପୌରାଣିକ ଚନ୍ଦନ ଯାତ୍ରାର ବୟୋଜ୍ୟେଷ୍ଠ ଶତାୟୁ କଳାକାର ପୂର୍ଣ୍ଣଚନ୍ଦ୍ର ମହାକୁରଙ୍କୁ ସ୍ୱତନ୍ତ୍ର ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ଯମୁନା ଗ୍ରାମର ହୃଦାନନ୍ଦ କର୍ଣ୍ଣ, ସୁଶୀଲ ମେର୍ଲି, ବ୍ରଜମୋହନ ମହାକୁର, ମଲିଆ ପଧାନ, ମାର୍କଣ୍ଡ ମହାକୁର, ପରମାନନ୍ଦ ମହାକୁର,ଉଦ୍ରାଧର ମହାକୁର, ନଟବର ମେର୍ଲି, ଦେବେନ୍ଦ୍ର ପଧାନ, ଜେହେରୁ ମହାକୁର, ମଧୁସୁଦନ କର୍ମୀ ଡ଼ାଙ୍ଗ, ସୁରେଶ ପଧାନ, ଶଙ୍କର୍ଷଣ କର୍ମୀ, ଦିଲ୍ଲୀପ କର୍ଣ୍ଣ,ପ୍ରମେଷ୍ଟି ମହାକୁର, ସଂକୀର୍ତନ କର୍ମୀ, ସୁରେନ୍ଦ୍ର ଡାଙ୍ଗ, ଭିକୁ ମେର୍ଲୀ, ଶ୍ରୀରାମ ଡାଙ୍ଗଙ୍କ ସହ ସମସ୍ତ ଯମୁନା ଗ୍ରାମବାସୀ ଓ ଶ୍ରଦ୍ଧାଳୁ ମହିଳାମାନେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି । ସେହିପରି ବନବାହାଲ ଗ୍ରାମରେ ରଘୁନାଥ ବେହେରା ଓ ତାଙ୍କ ଧର୍ମପତ୍ନୀ ଚଂଚଳା ବେହେରା କର୍ତା, ଗୁଣନିଧି ପାଣିଗ୍ରାହୀ ଓ ସଦାଶିବ ଦାସ ପୂଜକ ଦାୟିତ୍ୱରେ ଅଛନ୍ତି । ଆୟୋଜକ ପୂଜା କମିଟି ସଭାପତି ପ୍ରହଲ୍ଲାଦ ବେହେରା, ସମ୍ପାଦକ ସୁବୋଧ ବେହେରା, ସହସମ୍ପାଦକ କ୍ରିଷ୍ଣା ବାଗ ଓ କୋଷାଧ୍ୟକ୍ଷ ହରିଶଙ୍କର ବେହେରାଙ୍କ ସହ ସମସ୍ତ ଶ୍ରଦ୍ଧାଳୁ ମହିଳା ଓ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି । ମୁରିବାହାଲ ଷ୍ଟେସନପଡାରେ ଅନୁଷ୍ଠିତ ପଂଚମ ବର୍ଷ ଚନ୍ଦନ ଯାତ୍ରାରେ ତରୁଣ ପୋଢ଼ ଓ ତାଙ୍କ ଧର୍ମପତ୍ନୀ ତପସ୍ୱିନୀ ପୋଢ଼ କର୍ତା ଓ ପ୍ରଣବ କୁମାର ଦାସ ପୂଜକ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଶତାଧିକ ମହିଳା ଶ୍ରଦ୍ଧାଳୁ ସହଯୋଗ କରୁଛନ୍ତି। ଗୁଡିଘାଟ ପଂଚାୟତ ବାରବନ୍ଧ ଗ୍ରାମରେ ଅନୁଷ୍ଠିତ ଚନ୍ଦନ ଯାତ୍ରାରେ ସୁମନ ନାଏକ ଓ ତାଙ୍କ ଧର୍ମପତ୍ନୀ ସଜମନି ନାଏକ କର୍ତା,ଘାସିରାମ ପାଣିଗ୍ରାହୀ ପୂଜକ ଦାୟିତ୍ୱରେ ଥିବା ବେଳେ ଆୟୋଜକ କମିଟିର ବଳବନ୍ତ ଭୋଇ, ଦେବାର୍ଚ୍ଚନ ନାଏକ, ଦୁର୍ବାସା ସାହୁ, ଲୋକନାଥ ବଘାର, ଅଭି ଖର୍ସେଲ ରିଧାରୀ ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି ।

# ଜୟନ୍ତୀ ପଟେଲ ହେଲେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ

ବଲାଙ୍ଗୀର, ୨୯/୦୪ (ନି.ପ୍ର): ସର୍ବ ଭାରତୀୟ ମହିଳା କଂଗ୍ରେସର ସଭାନେତ୍ରୀ ଅଲକା ଲାମ୍ବାଙ୍କ ଅନୁମୋଦନ କ୍ରମେ ବଲାଙ୍ଗୀର ଜିଲ୍ଲା ସଭାନେତ୍ରୀ ଭାବେ ଆଗଲପୁର ବ୍ଲକର ନାରୀ ନେତ୍ରୀ ଜୟନ୍ତୀ ପଟେଲ ଜିଲ୍ଲା ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି। ତାଙ୍କ ଏହି ନିଯୁକ୍ତିକୁ ନେଇ କଂଗ୍ରେସ ର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ସ୍ୱାଗତ କରିବା ସହ ଶ୍ରୀମତୀ ପଟେଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଜୟନ୍ତୀ ପଟେଲ ଜଣେ ଲଢୁଆ ନେତ୍ରୀ, ଦୀର୍ଘବର୍ଷ ହେବ ସେ ଅଂଚଳର କେବଳ ମହିଳା ନୁହନ୍ତି ଛାତ୍ର, ଯୁବକ, କୃଷକ ଓ ଶ୍ରମିକ ସମସ୍ତଙ୍କ ପାଇଁ ଅଧିକାର ର ଲଢେଇ ଲଢୁଛନ୍ତି। ସେ ଏକ କଂଗ୍ରେସ ପରିବାରରୁ ଆସିଥିବାରୁ ଏବଂ ପଂଚାୟତ ସ୍ତର ରାଜନୀତିରେ ବିଶେଷ ଅଭିଜ୍ଞତା ଥିବାରୁ ମହିଳା ସୁରକ୍ଷା ତଥା ଅଧିକାରର ଲଢେଇକୁ ଠିକ୍ ହିସାବରେ ନେତୃତ୍ୱ ନେବା ସହ ସାଧାରଣ ଜନତାଙ୍କ ସ୍ୱର ହୋଇ ଆଗାମୀ ଦିନରେ କାମ କରିବେ। ତାଙ୍କର ଏହି ଜିଲ୍ଲା ସଭାପତି ଭାବରେ ନୂତନ ନିଯୁକ୍ତି ନିଶ୍ଚିତ ଭାବରେ ବଲାଙ୍ଗୀରର ରାଜନୈତିକ ଚିତ୍ରପଟରେ ବିଶେଷ ପ୍ରଭାବ ପକାଇବ। ଆହୁରି ମଧ ତାଙ୍କ ନିଯୁକ୍ତି ଯୋଗୁଁ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଦିଲିପ ବେହେରା, ଅଶୋକ ନନ୍ଦ, ମନୀଷ ମିଶ୍ର, ସନ୍ତକ ବହିଦାର, ନଗର ସଭାପତି ବୁଲୁ ଦାନୀ, ଅସୀତ ମିଶ୍ର, ଉମାଶଙ୍କର ପଣ୍ଡା, କୈଳାସ ମିଶ୍ର, ଅରବିନ୍ଦ ସାହୁ, ଚାଷୀନେତା ସାନନ୍ଦ ମିଶ୍ର, ଜୁଲୁ ପଟ୍ଟନାୟକ, ଯୁବ ନେତା ଅଙ୍କିତ ସାହୁ, ଲୋପନ ମିଶ୍ର, ନାସିର ଖାନ ପ୍ରମୁଖ ଶୁଭେଚ୍ଛା ବାର୍ତା ଜଣାଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଶ୍ରୀମତୀ ପଟେଲ ୨୦୧୨ ମସିହାରେ ରାଜନୀତିରେ ଯୋଗ ଦେଇ ଆଗଲପୁର ବ୍ଲକ ଉପରବାହାଲ ପଂଚାୟତର ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ଆଗଲପୁର ବ୍ଲକର ଅଧକ୍ଷା ଭାବେ ସଫଳତା ସହ କାର୍ଯ୍ୟ ତୁଲାଇଥିଲେ। ପୁଣି ୨୦୧୭ ମସିହାରେ ସେ ବେନ୍ଦ୍ରା ପଂଚାୟତର ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ।

# ଜିଲ୍ଲା ଉନ୍ନୟନ ସମିତି ଓ ଗ୍ରାମୋଦୟ ବୈଠକ ଅନୁଷ୍ଠିତ

ନୂଆପଡ଼ା, ୨୯/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲାର ସାମଗ୍ରିକ ଉନ୍ନତିକୁ ତ୍ୱରାନ୍ୱିତ କରିବା ସହ ଅନ୍ତଃବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ୍ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଏପିଡି କ୍ଷମାନିଧି ଭୋଇ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକର ଆରମ୍ଭରେ ଜିଲ୍ଲାପାଳ ପାଣି ସମସ୍ୟା ଉପରେ ଗୁରୁତ୍ୱ ଦେଇ ସମ୍ବନ୍ଧିତ ବିଭାଗକୁ ଶୀଘ୍ର ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓସ୍ୱାସ୍ ମାଧମରେ ଅନଲାଇନ ଫାଇଲ ଓ ଚିଠିପତ୍ର ଆଦାନ-ପ୍ରଦାନକୁ ତରନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଯେଉଁ କାର୍ଯ୍ୟାଳୟରେ ଓସ୍ୱାସ୍ ମାଧମରେ ସର୍ବାଧିକ ଫାଇଲ ଆଦାନ ପ୍ରଦାନ ହେବ, ସେହି କାର୍ଯ୍ୟାଳୟକୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲାପାଳ ଘୋଷଣା କରିଥିଲେ।ଉପ ନିର୍ଦ୍ଦେଶକ (ପରିସଂଖ୍ୟାନ) ଦିଲେଶ୍ୱର ଧରୁଆ ପୂର୍ବତନ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ବିଗତ ମାସର ଉନ୍ନୟନ କାର୍ଯ୍ୟରେ ଥିବା ବାଧା, ବିସଂଗତି ଓ ସେଗୁଡ଼ିକର ସମାଧାନ ସହ ପ୍ରତ୍ୟେକ ବିଭାଗର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ପର୍ଯ୍ୟଟନ ବିଭାଗ ସହିତ ବିଭିନ୍ନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଉପରେ ମଧ ସମୀକ୍ଷା ହୋଇଥିଲା। ରାସ୍ତା ଓ ଗୃହନିର୍ମାଣ, ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ରାଜପଥ ବିଭାଗକୁ ଶୀଘ୍ର କାର୍ଯ୍ୟ ସମାପ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଜଳସେଚନ, ପଂଚାୟତିରାଜ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ଜଙ୍ଗଲ, ଖଣି ଓ ଅନ୍ୟାନ୍ୟ ବିଭାଗର କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ତହସିଲଦାରମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପଶୁ ଚିକିତ୍ସାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ଖେଳପଡିଆ ପାଇଁ ଜମି ପଟ୍ଟା ପ୍ରଦାନ ଓ ନୂତନ ଭବନ ନିର୍ମାଣ ବିଷୟରେ ମଧ ଆଲୋଚନା ହୋଇଥିଲା। ବୈଠକ ଶେଷରେ ଜିଲ୍ଲାପାଳ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସର୍ଗୀକୃତ ଭାବନା ସହ କାମ କରି ଜିଲ୍ଲାକୁ ଦ୍ରୁତ ଉନ୍ନୟନ ପଥରେ ଆଗେଇ ନେବା ପାଇଁ ଆହ୍ୱାନ କରିଥିଲେ। ଏହାପରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗ୍ରାମଦୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ ବୈଠକର ଉଦ୍ଦେଶ୍ୟ ବ୍ୟାଖ୍ୟା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂଙ୍କ ସହ ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲ୍ଲାରେ ହୋମିଓପାଥିକ ହସ୍ପିଟାଲ ପ୍ରତିଷ୍ଠା ପାଇଁ ୧୪ ଏକର ଜମି ଚିହ୍ନଟ କରାଯାଇଛି। ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କୁ ଉକ୍ତ ଜାଗାକୁ ଯୁଗ୍ମ ପରିଦର୍ଶନ କରିବା ପାଇଁ କହିଥିଲେ।

ବୈଠକରୁ ଜଣାଗଲା ଯେ, ଜିଲ୍ଲା ନିଯୋଜନ କାର୍ଯ୍ୟାଳୟରେ ୟୁପିଏସସି ଓ ଓପିଏସସି ପରୀକ୍ଷା ପ୍ରାର୍ଥୀମାନଙ୍କ ପାଇଁ ମାଗଣା କୋଚିଂ ବ୍ୟବସ୍ଥା ଗତ ୦୮.୦୪.୨୦୨୬ ତାରିଖରେ ଜିଲ୍ଲାପାଳଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ବୈଠକରେ ଜିଲ୍ଲାର ଉନ୍ନୟନ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଓ ଲୋକମାନଙ୍କ ସେବା ପ୍ରଦାନରେ ଗୁଣାତ୍ମକ ସୁଧାର ଆଣିବା ଉପରେ ଜିଲ୍ଲାପାଳ ଜୋର ଦେଇଥିଲେ।

# ଜିଲ୍ଲାପାଳଙ୍କ ଦୂରଦୃଷ୍ଟି : କାଗଜପତ୍ର ଜଟିଳତା ଦୂର କରି ଶିକ୍ଷାନୁଷ୍ଠାନକୁ ସୁରକ୍ଷିତ କରିବ ମାଲକାନଗିରି ପ୍ରଶାସନ

ମାଲକାନଗିରି, ୨୯/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଶିକ୍ଷାର ବିକାଶ ପାଇଁ ଏକ ଯୁଗାନ୍ତକାରୀ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସୂଚିନ୍ତିତ ନିର୍ଦ୍ଦେଶ କ୍ରମେ ଆଜି ଏଫଏଲସି ହଲ ପରିସରରେ ଏକ ବିଶାଳ ବିଦ୍ୟାଳୟ ଜମିପଟ୍ଟା ମେଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱତନ୍ତ୍ର ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ବେଦବର ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ସହକାରୀ ବନ ଅଧିକାରୀ ମନସୁନ୍ ଖେମୁଣ୍ଡୁ ଉପସ୍ଥିତ ଥିଲେ। ଏହି ଶିବିରରେ ଜିଲ୍ଲାର ୧୦୫୦ଟି ସରକାରୀ ବିଦ୍ୟାଳୟକୁ ଜମି ପଟ୍ଟା ପ୍ରଦାନ କରିବା ପ୍ରକ୍ରିୟାକୁ ଯୁଦ୍ଧକାଳୀନ ଭିତିରେ ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲାରେ ଥିବା ମୋଟ ୧୨୪୨ଟି ସରକାରୀ ବିଦ୍ୟାଳୟ ମଧ୍ୟରୁ ପ୍ରାୟ ୮୫ ପ୍ରତିଶତ ଅନୁଷ୍ଠାନର ନିଜସ୍ୱ ପଟ୍ଟା ନଥିବାରୁ ଅତିରିକ୍ତ ଶ୍ରେଣୀଗୃହ, ଶୌଚାଳୟ, ଏବଂ ପାଚେରୀ ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବର୍ଷ ବର୍ଷ ଧରି ଅଧାପନ୍ତରିଆ ହୋଇ ରହିଥିଲା। ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏକ ଫୋରମ ଗଠନ କରି ରାଜସ୍ୱ, ତହସିଲ, ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନେ ଗୋଟିଏ ସ୍ଥାନରେ ଏକାଠି ହୋଇ କାଗଜପତ୍ର ଯାଂଚ୍ କଲେ। ତହସିଲକୁ ୬୪୭ ବିଦ୍ୟାଳୟ ଏବଂ ବନ ବିଭାଗକୁ ୩୦୪ ବିଦ୍ୟାଳୟ ପଟ୍ଟା ପାଇଁ ଯାହା ଆବେଦନ କରିଥିଲେ ତାହାର ସମୟସୀମା ମଧ୍ୟରେ ଅବଶିଷ୍ଟ ବିଦ୍ୟାଳୟଗୁଡ଼ିକର ଜମି ଚିହ୍ନଟ, ମାପଚୁପ ଓ ପଟ୍ଟା ପ୍ରଦାନ ପ୍ରକ୍ରିୟା ଅତିଶୀଘ୍ର ଶେଷ କରିବାକୁ ଉପ ଜିଲ୍ଲାପାଳ ସମସ୍ତ ତହସିଲଦାର ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଲେ। ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପାଇଁ ଯଥାଶୀଘ୍ର ଜମି ପଟ୍ଟା ଦେବାକୁ ଗୁରୁତ୍ୱ ଦିଆଗଲା ।ସେହିପରି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଅଧୀନରେ ଥିବା ୨୫ଟି ଆଶ୍ରମ ବିଦ୍ୟାଳୟ ପାଇଁ ମଧ ଆବେଦନ ପ୍ରକ୍ରିୟା ଜାରି ରହିଛି । ଅନ୍ୟପଟେ, ଜଙ୍ଗଲ ଜମିରେ ଅବସ୍ଥିତ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ଶିକ୍ଷା ବିଭାଗର ୩୦୪ଟି ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ୧୩ଟି ଆଶ୍ରମ ବିଦ୍ୟାଳୟ ପାଇଁ ସମ୍ପୃକ୍ତ ବନ ଅଧିକାରୀଙ୍କ ନିକଟରେ ଆବେଦନ କରାଯାଇଛି । ବିଭିନ୍ନ ତହସିଲ ଏବଂ ବନ ବିଭାଗ କାର୍ଯ୍ୟାଳୟରେ ଏହି ପଟ୍ଟା ପ୍ରଦାନ ପ୍ରକ୍ରିୟା କେଉଁ କାରଣରୁ ବାକି ରହିଛି, ସେ ସମ୍ପର୍କରେ ଏକ ବିସ୍ତୃତ ସମୀକ୍ଷା କରାଯାଇଛି । ଏଥିରେ ଆବଶ୍ୟକୀୟ ଫର୍ମ, ଦଲିଲ ସଂଗ୍ରହ ଏବଂ ଗ୍ରାମସଭା ନିର୍ଦ୍ଧାରଣ ଭଳି ପ୍ରକ୍ରିୟାଗୁଡ଼ିକୁ ଆପୋଷ ଆଲୋଚନା ମାଧ୍ୟମରେ ଚୂଡ଼ାନ୍ତ ରୂପ ଦେବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକ୍ରିୟାକୁ ଶୀଘ୍ର ସମାପ୍ତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସମ୍ପୃକ୍ତ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଯେ, କୌଣସି ବିଦ୍ୟାଳୟ କେବଳ ଜମି ପଟ୍ଟା ଅଭାବରୁ ବିକାଶରୁ ବଂଚିତ ହେବ ନାହିଁ। ପ୍ରଶାସନ ଓ ଶିକ୍ଷା ବିଭାଗ ମିଶି ମିଶନ ମୋଡରେ କାମ କରିବ। ଜିଲ୍ଲା ପ୍ରଶାସନର ଏହି ଉଦ୍ୟମ ମାଲକାନଗିରି ପରି ଏକ ଦୁର୍ଗମ ଅଂଚଳରେ ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରିବାରେ ଏକ ମାଇଲଖୁଣ୍ଟ ସଦୃଶ ହେବ। ବିଦ୍ୟାଳୟ ଗୁଡ଼ିକର ନିଜସ୍ୱ ଜମି ପଟ୍ଟା ରହିଲେ ସରକାରୀ ଅନୁଦାନର ସଠିକ୍ ବିନିଯୋଗ ହୋଇପାରିବ, ଯାହା ଜିଲ୍ଲାର ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଏକ ସୁରକ୍ଷିତ ଓ ଆଧୁନିକ ପାଠପଢ଼ା ପରିବେଶ ପ୍ରଦାନ କରିବ। ଜିଲ୍ଲାପାଳଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତି ପାଇଁ ଆଜି ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଜିଲ୍ଲା ପ୍ରଶାସନକୁ ଉଚ୍ଚ ପ୍ରଶଂସା କରାଯାଉଛି। ପ୍ରଶାସନର ଏହି ମିଶନ ମୋଡ୍ କାର୍ଯ୍ୟଶୈଳୀ ଶିକ୍ଷା କ୍ଷେତ୍ରରେ ଥିବା ପ୍ରଶାସନିକ ବାଧାବିଘ୍ନକୁ ଦୂର କରିବାରେ ଏକ ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିଛି। ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ତହସିଲଦାର ଏବଂ ବ୍ଲକ୍ ଶିକ୍ଷା ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଚମ୍ପୁଆ ବ୍ଲକରେ ଆଦର୍ଶ ପଂଚାୟତର ଅସଲ ଚିତ୍ର : ବାଲିପଶି ଗାଁରେ ଜଳ ସଙ୍କଟ, ଅଚଳ ପଡ଼ିଛି ସ୍ୱଜଳଧାରା

ଚମ୍ପୁଆ, ୨୯/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ଗ୍ରାମପଂଚାୟତକୁ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ 'ଆଦର୍ଶ ପଂଚାୟତ'ର ମାନ୍ୟତା ଦେବା ପାଇଁ ଯୁଦ୍ଧକାଳୀନ ଭିତିରେ ପ୍ରକ୍ରିୟା ଚାଲିଥିବା ବେଳେ, ବାସ୍ତବ ଚିତ୍ର କିନ୍ତୁ ଓଲଟା । ପଡୁଆ ପଂଚାୟତ ଅନ୍ତର୍ଗତ ବାଲିପଶି ଗ୍ରାମରେ ଏବେ ଜଳ ସଂକଟ ଉତ୍କଟ ରୂପ ଧାରଣ କରିଛି । ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସ୍ୱଜଳଧାରା ପ୍ରକଳ୍ପ ଅଧୀନରେ ବଡ଼ ଟାଙ୍କି ନିର୍ମାଣ କରାଯାଇଥିଲା । ସୌରଶକ୍ତି ଦ୍ୱାରା ଏହି ପ୍ରକଳ୍ପ ଚାଲିବା କଥା, କିନ୍ତୁ ଦୀର୍ଘ ଦିନ ହେବ ଏହାର ମୋଟର ଖରାପ ଯୋଗୁଁ ଅଚଳ ହୋଇ ପଡ଼ିରହିଛି । ଫଳରେ ସୌର ପ୍ୟାନେଲ୍ ଥାଇ ମଧ ପାଣି ପମ୍ପ ଚାଲି ପାରୁନାହିଁ । ଭୀଷଣ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଭୂତଳ ଜଳସ୍ତର ହ୍ରାସ ପାଇଥିବା ବେଳେ, ଗାଁର ନଳକୂପ ଗୁଡ଼ିକ ମଧ କାମ କରୁନାହିଁ ।ଲୋକେ ପିଇବା ପାଣି ଟୋପାଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମହିଳାମାନେ ପାଣି ମୁନ୍ଦେ ପାଇଁ କାହିଁ କେତେ ଦୂରକୁ ଯିବାକୁ ବାଧ ହେଉଛନ୍ତି । ଗୋଟିଏ ପଟେ ପଂଚାୟତକୁ କାଗଜପତ୍ରରେ 'ଆଦର୍ଶ' କରାଯାଉଥିବା ବେଳେ, ମୌଳିକ ସୁବିଧାରୁ ବଂଚିତ ବାଲିପଶି ଗ୍ରାମବାସୀଙ୍କ ଦୁଃଖ ଦୂର ହେବ କେବେ ? ଚମ୍ପୁଆ ବ୍ଲକ ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନେ ଏହି ବିଷୟକୁ ଗୁରୁତ୍ୱର ସହ ନେଇ ତୁରନ୍ତ ମୋଟର ମରାମତି କରିବା ସହ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଶିଶୁ ମନ୍ଦିରରେ ମଧୁବାବୁ ଜୟନ୍ତୀ ପାଳିତ

ବଲାଙ୍ଗୀର, ୨୯/୦୪ (ନି.ପ୍ର): ଆଜି ବଲାଙ୍ଗୀରର କଲେଜ ଛକ ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ "ମଧୁବାବୁ ଜୟନ୍ତୀ" ସଭାପତି ଡ.ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ବ୍ୟବସାୟୀ କିଶୋର କୁମାର ରଥ ଯୋଗ ଦେଇଥିଲେ। ମଂଚାସୀନ ଅତିଥିଙ୍କ ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ବଲାଙ୍ଗୀର ସହରର ଉଭୟ ଶିଶୁ ମନ୍ଦିରର ସମସ୍ତ କାର୍ଯ୍ୟକର୍ତା ସମ୍ମିଳିତ ଭାବରେ ପାଳନ କରିଥିଲେ। ସ୍ୱାଗତ ଭାଷଣ ସଭାପତି ତ୍ରିବିକ୍ରମ ଦାସ ପ୍ରଦାନ କରିଥିଲେ। ସଂଯୋଜନା ଗୁରୁମା ଖୁଲଣା ବାରିକ କରିଥିଲେ। ଶିଶୁବକ୍ତା ରୂପେ ଦେବାଶିଷ ରମଣ ପଣ୍ଡା ଓ ଶୁଭମ୍ ମିଶ୍ର ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଲେ ଯେ ମହାନ ପୁରୁଷଙ୍କ ଜୀବନରେ ଘଟିତ ଘଟଣାବଳୀରୁ ପ୍ରେରଣା ନେଇ ଜୀବନରେ ପ୍ରୟୋଗ କରିବା ଉଚିତ୍। ପରେ ଅଭିଭାବିକା ସ୍ମୃତି ଦାଶ୍ ନିଜର ବିଚାର ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଡ.ପଟେଲ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ମଂଚାସୀନ ଅନ୍ୟତମ ଅତିଥିଙ୍କ ମଧ୍ୟରେ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର କୁମାର ମିଶ୍ର ଉପସ୍ଥିତ ଥିଲେ। ଶେଷରେ ଧନ୍ୟବାଦ ଅର୍ପଣ ସଂପାଦକ ନୀଳାଚଳ ଚିରଗୁଣ ପ୍ରଦାନ କରିଥିଲେ।

# ବଢୁଛି ତାତି: ଜନଜୀବନ ଅସ୍ତବ୍ୟସ୍ତ

ଜୟପୁର, ୨୯/୦୪ (ନି.ପ୍ର): ଜଳିଲାଣି କୋରାପୁଟ ଜିଲ୍ଲାର ୧୪ଟି ବ୍ଲକ । ସବୁଦିନ ତାପମାତ୍ରା ୩୪ ଡିଗ୍ରୀ ପାର କରୁଛି । ପ୍ରତିଦିନ ୨ଡିଗ୍ରୀ ଲେଖାଏଁ ତାପମାତ୍ରା ବଢୁଥିବା ଜଣାଯାଇଛି । । ଏପଟେ ତାତିକୁ, ସେ ପଟେ ଝାଞ୍ଜିରେ ଅଂଚଳବାସୀ ଛଟପଟ ହୋଉଛନ୍ତି । ଦିନରେ ବାହାରକୁ ବାହାରିବା କଷ୍ଟକର ହୋଇ ପଡୁଛି । ସାଧାରଣତଃ ମେ ପ୍ରଥମ ସପ୍ତାହ ଆଡକୁ ତାତି ବଢିବା ଆଶଙ୍କା କରାଯାଉଛି । ଚଳିତ ବର୍ଷ କୋରାପୁଟ ଜିଲାର ୧୪ଟି ବ୍ଲକ ଅଂଚଳ ବିଭିନ୍ନ ଗ୍ରାମାଚଂଳରେ ବୃଦ୍ଧି ପାଇଛି ବେଆଇନି ଇଟା ଭାଟି । ଯାହା ଫଳରେ ଉତାପ ସହ ଗରମ ଅନୁଭୂତ ହେଉଛି । ଦିନ ୧୦ଟା ପରେ ତାତି ଅନୁଭୂତ ହେଉଥିବାରୁ ଘରୁ ବାହାରିବା ମୁସ୍କିଲ ହୋଇଯାଇଛି । ଟାଣ ଖରା, ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜୀବନ ଦହଗଞ୍ଜ ହୋଇ ପଡୁଛି । ରାସ୍ତାଘାଟ ଖାଁ.. ଖାଁ । ପୂର୍ବରୁ ଜନଗହଳି ରହୁଥିବା ଜୟପୁର, କୋରାପୁଟ, ବୋରିଗୁମ୍ମା, କୋଟପାଡ ବସଷ୍ଟାଣ୍ଡ, ଅନ୍ୟ ଛକ ଗୁଡିକରେ ମଧ ଆଗଭଳି ଭିଡ଼ ଦେଖିବାକୁ ମିଳୁନାହିଁ । ତାତିରୁ ରକ୍ଷା ପାଇବା ପାଇଁ ଲୋକେ ମୁଣ୍ଡରେ ରୁମାଲୁ, ଗାମୁଛା, ଟାଓ୍ୱେଲ ଓ ମହିଳା ମାନେ ଓଢଣୀ ଘୋଡାଇ, ଛତା ଧରି ଯିବା ଆସିବା କରୁଥିବାର ଦେଖିବାକୁ ମିଳିଛି । ଜୟପୁର ପୌରାଚଂଳର ତରଫରୁ ଜଳ ଛତ୍ର ଖୋଲାଯାଇଛି । ତେବେ ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି ସ୍ଥାନୀୟ ପ୍ରଶାସନ ଆବଶ୍ୟକତା ଦେଖି ସମସ୍ତ ବ୍ୟବସ୍ଥା କରିବା ଆବଶ୍ୟକ । ଅବାଧରେ ଇଟାଭାଟି ଯୋଗୁଁ ସ୍ଥାନୀୟ ଅଂଚଳରେ ଗରମ ଅନୁଭୂତ ହେଉଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଦରକାର । ଯଦି ପ୍ରଦୂଷଣ ରୋକାଯାଇ ଜଙ୍ଗଲ ବଂଚାଇବା ଦିଗରେ ସରକାର ପଦପେକ୍ଷ ନେବେ ତେବେ ଜଳବାୟୁ ପରିବର୍ତନକୁ ରୋକଯାଇ ପାରିବ ବୋଲି ମତ ପ୍ରକାଶ ପାଇଛି ।

# କାଳିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲ୍ଲାପାଳଙ୍କ ସମୀକ୍ଷା: ରୋଗୀଙ୍କ ସୁବିଧା ପାଇଁ ସାମାଜିକ ସହଭାଗିତା ଉପରେ ଗୁରୁତ୍ୱ

ମାଲକାନଗିରି, ୨୯/୦୪ (ନି.ପ୍ର): ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ ଓ ସୁଦୃଢ଼ କରିବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଆଜି କାଳିମେଳା ବ୍ଲକ ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିବା ସହ ସେଠାରେ ରୋଗୀଙ୍କୁ ମିଳୁଥିବା ଚିକିତ୍ସା ଓ ସୁବିଧା ସୁଯୋଗର ତଦାରଖ କରିଥିଲେ। ଜିଲ୍ଲାପାଳ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରତିଟି ଓ୍ୱାର୍ଡ ବୁଲି ଦେଖିବା ସହ ଚିକିତ୍ସାଧୀନ ରୋଗୀଙ୍କ ସହ ସିଧାସଳଖ ଆଲୋଚନା କରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ସ୍ୱାସ୍ଥ୍ୟ ସେବାକୁ ଅଧିକ ରୋଗୀ-ଅନୁକୂଳ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ମାଲକାନଗିରି ଜିଲ୍ଲାର ଦୁର୍ଗମ ଅଂଚଳରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପ୍ରଶାସନର ପ୍ରାଥମିକତା ବୋଲି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପ୍ରକାଶ କରିଛନ୍ତି। ଖରା ଦିନେ ରୋଗୀମାନେ ଯେଭଳି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ସଜାଗ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ, ସ୍ୱାସ୍ଥ୍ୟ କେନ୍ଦ୍ରର ଭିତିଭୂମିରେ ସାମାଜିକ ସହଯୋଗର ଏକ ଉଦାହରଣ ଦେଖିବାକୁ ମିଳିଥିଲା। ସ୍ଥାନୀୟ ରୋଗୀଙ୍କୁ ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିବା ପାଇଁ ସାମାଜିକ ଦାୟିତ୍ୱବୋଧର ସହ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୫ଟି କୁଲର ପ୍ରଦାନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଏହାକୁ ଗ୍ରହଣ କରିଛନ୍ତି ଏବଂ ଜିଲ୍ଲାପାଳ ଏହି ଅବସରରେ କହିଛନ୍ତି ଯେ, ସରକାରୀ ବ୍ୟବସ୍ଥା ସହ ଯେତେବେଳେ ସମାଜର ବିଭିନ୍ନ ବର୍ଗ ସ୍ୱତଃପ୍ରବୃତ ଭାବେ ଜନସେବାରେ ସାମିଲ ହୁଅନ୍ତି, ସେତେବେଳେ ସେବା ଅଧିକ ପ୍ରଭାବଶାଳୀ ହୋଇଥାଏ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦୀନବନ୍ଧୁ ମହାନନ୍ଦ ଏବଂ କାଳିମେଳା ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତାମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଆଲୋଚନା କରିଥିଲେ। ସମ୍ବାଦ ପରିବେଷଣ ସହିତ ମାନବିକ ସେବା କ୍ଷେତ୍ରରେ ସାମ୍ବାଦିକମାନଙ୍କ ଏହି ସହଯୋଗ ଅନ୍ୟମାନଙ୍କ ପାଇଁ ଏକ ଅନୁକରଣୀୟ ପଦକ୍ଷେପ ବୋଲି ପ୍ରଶାସନ ପକ୍ଷରୁ ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ସଭାପତି ଅଶୋକ ମିଶ୍ର, କାଳିମେଳା ଓ ପଡିଆ ବ୍ଲକ ସଭାପତି ଟି. ସତ୍ୟ ନାରାୟଣ ସୁବୁଦ୍ଧି, ସାଧାରଣ ସମ୍ପାଦକ ସୌରଭ ମଣ୍ଡଳ, ବିଦ୍ୟୁତ୍ ବୈରାଗୀ, ଆଶିଷ ବାଇନ୍, ଚିରଞ୍ଜିବୀ ସରକାର, ଉତମ ରାୟ, ଜଗନ୍ନାଥ ପଡିଆମୀଙ୍କ ସମେତ ସଂଘର ସଦସ୍ୟମାନେ ସାମିଲ ହୋଇଥିଲେ।

# ନିମ୍ବ ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

ମୁଖୀଗୁଡା, ୨୮ ଏପ୍ରିଲ (ହି.ସ.)- କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଧନସୁଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମ ନିକଟସ୍ଥ ଏକ ବିଲରେ ଥିବା ନିମ୍ବ ଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ଶବ ଉଦ୍ଧାର କରିଛି ଜୟପାଟଣା ପୋଲିସ। ମୃତକ ଜଣକ ହେଉଛନ୍ତି ଜୁନାଗଡ଼ ଥାନା ଛୋରିଆଗଡ଼ ଅଞ୍ଚଳର ସୁବଳ ବାଗ (୫୫)।ସୂଚନା ଅନୁଯାୟୀ, ସୁବଳ ପ୍ରାୟ ୨୫ ବର୍ଷ ହେବ ନିଜ ଗାଁ ଛାଡ଼ି ଜୟପାଟଣା ପ୍ରଧାନୀ ପଡ଼ାରେ ରହି ଆସୁଥିଲେ। ଆଜି ସକାଳେ ସ୍ଥାନୀୟ ଲୋକେ ଧନସୁଲି ଗ୍ରାମର ଏକ ବିଲରେ ଥିବା ନିମ୍ବ ଗଛରେ ବେକରେ ଦଉଡି ବନ୍ଧା ଅବସ୍ଥାରେ ସୁବଳ ଝୁଲୁଥିବାର ଦେଖିବାକୁ ପାଇଥିଲେ। ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ଖେଳିଯାଇଥିଲା। ଖବର ପାଇ ଜୟପାଟଣା ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ପକ୍ଷରୁ ଛୋରିଆଗଡ଼ରେ ରହୁଥିବା ସୁବଳଙ୍କ ପ୍ରଥମ ପତ୍ନୀ ଓ ପରିବାରକୁ ଖବର ଦିଆଯାଇଥିଲେ ମଧ ସେମାନେ ଆସିବାକୁ ମନା କରିଦେଇଥିବା ଜଣାପଡ଼ିଛି। ପରବର୍ତୀ ସମୟରେ, ଧନସୁଲି ଗାଁରେ ରହୁଥିବା ସୁବଳଙ୍କ ଦ୍ୱିତୀୟ ପତ୍ନୀଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଥିଲା ଓ ପରେ ଶବ ସତ୍କାର ସମ୍ପନ୍ନ ହୋଇଛି। ଏହି ଘଟଣାରେ ଜୟପାଟଣା ପୋଲିସ କେସ୍ ନମ୍ବର ୮/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏହା ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ତାହା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି ।

# ବେଲବାହାଲିରେ ଲୋକଙ୍କୁ ଭେଟିଲେ ନରସିଂହ: ବିଜୁଳି ଏବଂ ପାଣି ସମସ୍ୟା ନେଇ ଲୋକେ କଲେ ଅଭିଯୋଗ

ବଲାଙ୍ଗୀର, ୨୯/୦୪ (ନି.ପ୍ର): ପୁଇଁନ୍ତଲା ବ୍ଲକ ବୁଢେଲ ପଂଚାୟତ ଅନ୍ତର୍ଗତ ବେଲବାହାଲି ଗ୍ରାମକୁ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଗସ୍ତ କରି ଲୋକଙ୍କର ବିଭିନ୍ନ ସମସ୍ୟା ଶୁଣିଲେ। ଲୋକଙ୍କ କହିବା ଅନୁଯାୟୀ ପ୍ରବଳ ଖରାରେ ଅଂଚଳରେ ଘନ ଘନ ବିଦ୍ୟୁତ କାଟ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ତଥା ଉଠା ଜଳସେଚନ ଯୋଗେ ହେଉଥିବା ଚାଷ କାର୍ଯ୍ୟରେ ନାହିଁ ନ ଥିବା ଅସୁବିଧା ସମ୍ମୁଖିନ ହେଉଥିବା ଅଭିଯୋଗ କରିଥିଲେ। ସେହିପରି ଅଂଚଳରେ ପିଇବା ପାଣିର ଶୁଭାରମ୍ଭ ଆଜି ପର୍ଯ୍ୟନ୍ତ ହୋଇନଥିବା ଲୋକେ ଅଭିଯୋଗ କରିଥିଲେ। ଲୋକଙ୍କ ସମସ୍ୟା ଶୁଣି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଅତିଶିଘ୍ର ଏହି ସମସ୍ୟା ର ସମାଧାନ ଉପରେ ବିହିତ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ମିଶ୍ର ଉପସ୍ଥିତ ଜନସାଧାରଣଙ୍କୁ ପ୍ରତିଶୃତି ଦେଇଥିଲେ। ଆଜିର ଏହି ଗସ୍ତ ସମୟରେ ପୂର୍ବତନ ବ୍ଲକ ସଭାପତି ଉମାକାନ୍ତ ସାହୁ, ଜିଲ୍ଲା କୃଷକ ସଂଘ ସଭାପତି ସାନନ୍ଦ ମିଶ୍ର, ଲଳିତ ପଟେଲ, ବୁଢେଲ ଗଉନ୍ତିଆ ଟିକେଶ୍ୱର ସାଏ, ବେଲବାହାଲି ଗଉନ୍ତିଆ ବେଣୁ ସାଏ, ସାରଙ୍ଗଧର ସାଏ, ବସୁଦେବ ନାଏକ, ମନୋଜ ସାଏ, ଜିତୁ ମନହିରା, ପୂର୍ବତନ ସରପଂଚ ସର୍ଜନ ବିଶ୍ୱାଲ, ଦଳିତ ନେତା ହରି ନନ୍ଦ, ଡ. ହୃଦାନନ୍ଦ ଡାଙ୍ଗ, ଘନଶ୍ୟାମ ଦାଶ, ଅଜିତ ଗୁରୁ,ପ୍ରୀୟବନ୍ଧୁ ସାଏ, କମଳ ଦୀପ, ନାରଦ ରଣା, ସଜିନ୍ଦ୍ର ପଧାନ, ନିଳାଂଚଳ ସାଏ, ଭରତ ମନହିରା, କ୍ଷିତିରାଜ ପରୁଆ, ଜଗନ୍ନାଥ ଚନ୍ଦନ, ବିଶେଶ୍ୱର ଚନ୍ଦନ, ରିଙ୍କୁ ବାଗ, ଗଙ୍ଗାଧର ମନହିରା, ଶ୍ୟାମ ସୁନ୍ଦର ସାଏ ପ୍ରମୁଖ ଉପସ୍ଥିତ ଥିଲେ।

## ଧାରାବାହିକ:

ଭାଗ-୩୯

# ସଂକ୍ଷିପ୍ତ ଭାଗବତ କଥାମୃତ

### ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ଅନେକ ରାଜକୁମର ମତ୍ସ୍ୟର ଛାୟାକୁ ଚାହିଁ ଧନୁଶର ଦ୍ୱାରା ଉପରସ୍ଥ ମତ୍ସ୍ୟର ଚକ୍ଷୁଭେଦ କରିବାକୁ ବିଫଳ ହେଲେ ଏପରିକି ଦୁର୍ଯ୍ୟୋଧନ, କର୍ଣ୍ଣ, ଅଶ୍ୱ ମା ବୀରମାନେ ମଧ୍ୟ ନିଷ୍ଫଳ ହେଲେ । ତାଙ୍କପରେ ଅର୍ଜୁନ ଉଠିଲେ ମାତ୍ର ତାଙ୍କର ନାରାଚ ମତ୍ସ୍ୟକୁ ସ୍ପର୍ଶ ନକରି ଶୂନ୍ୟରେ ଚାଲିଗଲା । ଏହି ସବୁ ଦେଖି ମୁଁ ମନେ ମନେ ଆମୋଦିତ ହେଉଥାଏ ଏବଂ ଶ୍ରୀକୃଷ୍ଣଙ୍କୁ ନ ଦେଖି ଆତଙ୍କିତ ମଧ୍ୟ ହେଉଥାଏ । କିନ୍ତୁ ବିଶ୍ୱାସ ଥାଏ ନିଶ୍ଚିତ ସେ ଯଥା ସମୟରେ ପହଞ୍ଚିବେ । ଏହି ସମୟରେ ସମସ୍ତଙ୍କୁ ଚକିତ କରିଦେଇ ପ୍ରଭୁ ସତେ ଯେପରି ଶୂନ୍ୟରୁ ଓହ୍ଲାଇ ଆସି ସମସ୍ତଙ୍କୁ ଦରସ୍ମିତ ବଦନରେ ଯଥାବିଧି ସମ୍ମାନ ଜଣାଇଲେ ଓ ଅବଲୀଳା କ୍ରମେ ଧନୁ ଧାରଣ କରି ଜଳକୁଣ୍ଡରେ ମତ୍ସ୍ୟର ପ୍ରତିବିମ୍ବକୁ ଚାହିଁ ଶରସନ୍ଧାନ କଲେ । ଶର ମତ୍ସ୍ୟର ଚକ୍ଷୁକୁ ଭେଦ କରି ମତ୍ସ୍ୟ ସହ ଭୂପତିତ ହେଲା । ଉପସ୍ଥିତ ରାଜାମାନେ ସ୍ତମ୍ଭୀଭୁତ ହୋଇଗଲେ, ଦେବତାମାନେ ପୁଷ୍ପବୃଷ୍ଟି କରି ନୃତ୍ୟକଲେ । ମୋର ହୃଦୟରେ ପୁଲକ ଜାତ ହେବା ସହ ଆନନ୍ଦାଶ୍ରୁ ଗଡିବାକୁ ଲାଗିଲା । ପ୍ରଭୁଙ୍କ ଶ୍ରୀମୁଖ ଦେଖି କ୍ରମେ ମୁଁ ସେହିଦିଗକୁ ଅଗ୍ରସର ହେଲି ଏବଂ ପ୍ରଭୁ ମୋତେ ଲକ୍ଷ୍ୟ କରି ମୃଦୁ ମୃଦୁ ହସୁଥାନ୍ତି । ମୁଁ ସମସ୍ତ ଲଜ୍ଜା ସରମ ତ୍ୟାଗକରି ତାଙ୍କର ବିପୁଳ ବକ୍ଷଦେଶରେ ବରଣମାଳାକୁ ଲମ୍ବାଇ ଦେଇ ଶ୍ରୀଚରଣ ବନ୍ଦନା କଲି । ପ୍ରଭୁ ତାଙ୍କର କମଳ କରପଲ୍ଲବରେ ମୋତେ ଉଠାଇ ଦେଲେ । ମୁଁ ଆତ୍ୟନ୍ତିକ ଲଜ୍ଜାରୁ ଆଉ ଚାହିଁନପାରି ମୁଖ ଅବନତ କଲି । ବିଭିନ୍ନ ମଙ୍ଗଳବାଜଣା ମଧ୍ୟରେ ଆମର ଚତୁର୍ଦ୍ଦଗରେ ଘେରି ବେଦମନ୍ତ୍ର ପାଠ ପୂର୍ବକ ଆଶୀର୍ବାଦ କଲେ । ଏହି ସମୟରେ ହଠାତ୍ ରାଜାମାନେ ମତେ ବଳାତ୍କାରେ ଘେନିଯିବାକୁ ଘୋର ଯୁଦ୍ଧ ଆରମ୍ଭ କଲେ । ପ୍ରଭୁ ଶ୍ରୀକୃଷ୍ଣ ମତେ ଉତ୍ତମ ରଥରେ ବସାଇ ସାରଙ୍ଗ ଧନୁକୁ ହସ୍ତରେ ଧାରଣ କରି ରାଜାମନାଙ୍କୁ ଅକ୍ଳେଶରେ ପରାସ୍ତ କରି ତଡିଦେଲେ । ରାଜାମାନେ ପ୍ରଭୁ ଶ୍ରୀକୃଷ୍ଣଙ୍କ ରାକ୍ରମ ସମ୍ମୁଖରେ ଅଧିକ କ୍ଷଣ ତିଷ୍ଠି ନପାରି ପ୍ରାଣ ଘେନି ପଳାୟନ କଲେ । ମୋର ପିତା ପରମାନନ୍ଦରେ ଅନେକ ଧନରତ୍ନ, ଦାସଦାସୀ, ଚତୁରଙ୍ଗ ବଳ ସହିତ ମତେ ପ୍ରଭୁଙ୍କ ହସ୍ତରେ ସମର୍ପଣ କଲେ । ପ୍ରଭୁ ମହାସମାରୋହରେ ମତେ ସାଥିରେ ଘେନି ଦ୍ୱାରକା ନଗରୀକୁ ପ୍ରତ୍ୟାବର୍ତ୍ତନ କରି ବିବାହୋତ୍ସବ ଅତ୍ୟନ୍ତ ଜାକଜମକରେ ପାଳିତ ହେଲା । ପୂର୍ବ ଜନ୍ମର ଅନେକ ତପସ୍ୟା ଫଳରେ ମୁଁ ଏହି ଜନ୍ମରେ ପ୍ରଭୁଙ୍କ ଦାସୀ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ଷୋଳସହସ୍ର କନ୍ୟାଙ୍କ ମଧ୍ୟରେ ଜଣେ କହିଲେ, ଭୂମି ନନ୍ଦନ ଦୁର୍ଜୟ ତାରକାସୁର ଆମର ପିତାମାନଙ୍କୁ ଯୁଦ୍ଧରେ ପରାସ୍ତ କରି ଆମ୍ଭମାନଙ୍କୁ ହରଣ କରି ଆଣିଥିଲା । ପ୍ରଭୁ ଶ୍ରୀକୃଷ୍ଣ ତାକୁ ସସୈନ୍ୟ ବିନାଶ କରି ଆମ୍ଭମାନଙ୍କର ପାଣି ଗ୍ରହଣ ପୂର୍ବକ ଆମକୁ କୃତାର୍ଥ କରିଛନ୍ତି । ଯାହାଙ୍କ ନାମ ସ୍ମରଣ ମାତ୍ରେ ପ୍ରାଣୀ ଭବସାଗର ପାର ହୋଇଯାଏ ଆମର ଅତ୍ୟନ୍ତ ସୌଭାଗ୍ୟ କାରଣରୁ ସେହି ପ୍ରଭୁଙ୍କୁ ସ୍ୱାମୀ ରୂପେ ପ୍ରାପ୍ତ ହୋଇ ଜୀବନ ସଫଳ କରିଛୁ । ବ୍ରହ୍ମା, ରୁଦ୍ର ଇନ୍ଦ୍ରାଦି ଦେବ ବାଞ୍ଛିତ ତାଙ୍କର ପରମ ପବିତ୍ର ଶ୍ରୀଚରଣ ଧୂଳିକୁ ନିତ୍ୟ ଆମର କୁଚକୁଙ୍କୁମ ସହ ବୋଳି ହୋଇ ଆମ୍ଭେମାନେ ଏହି ମାତ୍ର କାମନା ହୃଦୟରେ ପୋଷଣ କରୁଛୁ ଯେ, ଜନ୍ମ ଜନ୍ମାନ୍ତରରେ ଆମକୁ ଏହି ଦୁର୍ଲ୍ଲଭ ସୌଭାଗୟ ପ୍ରାପ୍ତ ହେଉଥାଉ ।

### ୮୫ ଅଧ୍ୟାୟ, ମୁନିରଷିମାନଙ୍କ ଦ୍ୱାରା ଶ୍ରୀକୃଷ୍ଣ ମହିମା କୀର୍ତ୍ତନ ଓ ବସୁଦେବଙ୍କ ଯଜ୍ଞାନୁଷ୍ଠାନ

ଶ୍ରୀ ଶୁକଦେବ କହିଲେ, ହେ ରାଜା ! ଭଗବାନ ଶ୍ରୀକୃଷ୍ଣଙ୍କ ରାଣୀମାନଙ୍କ ମୁଖରୁ ତାଙ୍କର ଗୁଣ, ମହିମା, ଯଶ, କୀର୍ତ୍ତି ଆଦି ବିଷୟ ଶ୍ରବଣ କରି କୁନ୍ତୀ, ଗାନ୍ଧାରୀ, ଯାଜ୍ଞସେନୀ ଓ ଉପସ୍ଥିତ ଅନ୍ୟାନ୍ୟ ରାଜପତ୍ନୀ ଏବଂ ବ୍ରଜକାମିନୀମାନେ ପରମ ଆନନ୍ଦରେ ପୁଲକିତ ହେଲେ । ସେମାନେ ବାରମ୍ବାର ପରସ୍ପର ମଧ୍ୟରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଅଲୌକିକ ଗୁଣ ଓ ମହିମାର ବିଷୟ ଆଲୋଚନା କରି ଉଲ୍ଲସିତ ହେବାକୁ ଲାଗିଲେ । ଭଗବାନ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଦର୍ଶନ କରିବା ନିମିତ୍ତ ବ୍ୟାସଦେବ, ନାରଦ, ଚ୍ୟବନ, ବିଶ୍ୱାମିତ୍ର, ଭରଦ୍ୱାଜ, ଗୌତମ, ପର୍ଶୁରାମ, ବଶିଷ୍ଠ, ଗାର୍ଗ୍ୟ, ନୃକୁଣ୍ଡ, ଅଙ୍ଗିରା, ଅଗସ୍ତି, ଯାଜ୍ଞବଲ୍କ୍ୟ ଆଦି ଅନେକ ମୁନିରଷି ନିଜ ନିଜର ଶିଷ୍ୟମାନଙ୍କୁ ସଙ୍ଗରେ ଧରି ଆସିବାରୁ ଶ୍ରୀକୃଷ୍ଣ ଓ ବଳରାମ, ପାଣ୍ଡବମାନଙ୍କ ସହ ସେମାନଙ୍କୁ ପାଛୋଟି ଆଣି ଚରଣ ବନ୍ଦନା ସହ ଯଥାବିଧି ପୂଜାର୍ଚ୍ଚନା କଲେ । ମୁନିମାନେ କୃତକୃତ୍ୟ ହୋଇ ଆନନ୍ଦାଶ୍ରୁ ମୁଞ୍ଚନ କଲେ ଓ ମାୟା ମନୁଷ୍ୟ ରୂପୀ ଭଗବାନ ବିଷ୍ଣୁଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରି ଅତ୍ୟନ୍ତ ଭାବବିହ୍ୱଳ ହୋଇଗଲେ । ସ୍ୱୟଂ ପ୍ରଭୁ ଶ୍ରୀକୃଷ୍ଣ ମୁନିମାନଙ୍କୁ ଉତ୍ତମ ଆସନରେ ବସାଇ ଅତ୍ୟନ୍ତ ବିନୟର ସହ କହିଲେ, ହେ ପରମ ପୂଜ୍ୟ ଋଷିବୃନ୍ଦ ! ଆଜି ମୋର ଜୀବନ ଧନ୍ୟ, ଆପଣମାନଙ୍କ ଦୁର୍ଲ୍ଲଭ ଶ୍ରୀଚରଣ ଦର୍ଶନ କରି ଜନ୍ମ ଜନ୍ମାନ୍ତରର କଳୁଷ ନାଶ ହେଲା । ମନୁଷ୍ୟ ଦୀର୍ଘକାଳ ତପସ୍ୟା କରି ତୀର୍ଥ ପର୍ଯ୍ୟଟନ, ଦେବଦର୍ଶନ, ପୂଜାର୍ଚ୍ଚନା, ବନ୍ଦନା ଇତ୍ୟାଦି କରି ଯେଉଁ ପୁଣ୍ୟ ଫଳ ପ୍ରାପ୍ତ ହୁଏ ମୁଁ ସେହି ଦର୍ଲ୍ଲଭ ଦୁଷ୍ପ୍ରାପ୍ୟ ପୁଣ୍ୟଫଳକୁ ଆପଣଙ୍କ ଶ୍ରୀଚରଣ ଦର୍ଶନ କରି ଅନାୟସରେ ପ୍ରାପ୍ତ ହେଲି । ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର, ପୃଥିବୀ, ଜଳ, ଆକାଶ, ବାୟୁ ଓ ମନ ଅଧିଷ୍ଠାତା ଦେବାତାମାନଙ୍କର ପୂଜା କରି ମଧ୍ୟ ପୂର୍ବକୃତ ପାପର ସମ୍ପୂର୍ଣ୍ଣ ବିନାଶ ହୁଏ ନାହିଁ । ମାତ୍ର ମନୁଷ୍ୟ ଯଦି ଅଳ୍ପ ସମୟ ପାଇଁ ମଧ୍ୟ ନାନା ମହାପୁରୁଷଙ୍କ ସେବାରେ ନିଜକୁ ନିୟୋଜିତ କରିପାରେ ତା’ର ସବୁ ପାପ ତାପ ଲୋପ ହୋଇଯାଏ । ହୃଦୟ ନିର୍ମଳ ଓ ପ୍ରଶାନ୍ତ ହୋଇଯାଏ । ଯେଉଁ ଭ୍ରାନ୍ତ ମନୁଷ୍ୟ କଫ, ବାତ, ପୀତ, ଏହି ତ୍ରିଧାତୁ ବିଶିଷ୍ଟ ନିତ୍ୟ ମରଣଶୀଳ ଶରୀରକୁ ଆତ୍ମା ମନେ କରେ ପୁତ୍ର, କଳତ୍ର, ଧନ ସମ୍ପଦକୁ ମୋର ବୋଲି ଜ୍ଞାନ କରେ ମାଟି, ପଥର, କାଷ୍ଠ ଆଦିର ପାର୍ଥୀବ ବିକାରକୁ ଇଷ୍ଟଦେବ ବୋଲି ମାନେ କେବଳ ଜଳକୁ ତୀର୍ଥ ବୋଲି ଜ୍ଞାନକରେ, ଜ୍ଞାନୀ ମହାପୁରୁଷଙ୍କୁ ଯଥାର୍ଥ ପୂଜା, ସମ୍ମାନ ପ୍ରଦାନରେ ବିମୁଖ ହୁଏ ସେହି ନରାଧମ ବ୍ୟକ୍ତି ମନୁଷ୍ୟ ପଦବାଚ୍ୟ ହୋଇ ନପାରେ । ଶ୍ରୀ ଶୁକଦେବ କହି ଚାଲିଲେ, ହେ ରାଜା ! ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରୁ ଏହି ତତ୍ତ୍ୱବାଣୀ ଶ୍ରବଣ କରି ସମସ୍ତ ମୁନିରଷି ଚମତ୍କୃତ ହେଲେ, ଖୁବ ଧ୍ୟାନର ସହ ତାହା ଶୁଣିଲେ ମଧ ହଠାତ୍ ସମସ୍ତ ବିଷୟକୁ ହୃଦୟଙ୍ଗମ କରିପାରିଲେ ନାହିଁ । ପରେ ଧୀର ସ୍ଥିର ଚିତ୍ତରେ ଚିନ୍ତା କରି ତତ୍ତ୍ୱ ଜ୍ଞାନର ବାଣୀକୁ ହୃଦୟର ଉପଲବ୍ଧି କଲେ ଓ ନିଶ୍ଚିତ ହେଲେ ଯେ, ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ ସର୍ବ ଜ୍ଞାତା, ସର୍ବେଶ୍ୱର ଓ ଜଗତଗୁରୁ ହୋଇ ମଧ ଏପରି ଏକ ସାଧାରଣ କର୍ମ ପରତନ୍ତ୍ର ଜୀବ ସ୍ୱରୂପ ସେ ବ୍ୟବାହାର କରୁଛନ୍ତି ଓ ସାଧାରଣ ଗୃହସ୍ଥ ରୂପେ ପରିବାରରେ ଆତଯାତ ହେଉଛନ୍ତି, ଏହା କେବଳ ଲୋକାଚାର ଏବଂ ଜଗତ ଜନଙ୍କ ସମ୍ମୁଖରେ ଆଦର୍ଶ ପ୍ରତିଷ୍ଠା ନିମନ୍ତେ ଅଭିପ୍ରେତ । ଏହି ଭାବକୁ ଉତ୍ତମ ଭାବେ ହୃଦୟଙ୍ଗମ କରି ସେମାନେ ସ୍ମିତ ମୁଖରେ ଭଗବାନଙ୍କୁ ସମ୍ବୋଧନ କରି କହିଲେ, ହେ ଭଗବାନ ! ଆପଣଙ୍କ ଅଶେଷ ମାୟାଶକ୍ତି ଦ୍ୱାରା ସୃଷ୍ଟି ସର୍ଜନ କରୁଥିବା ବ୍ରହ୍ମା, ଅନ୍ୟାନ୍ୟ ପ୍ରଜାପତି ଓ ଆମପରି ବ୍ରହ୍ମ ଜ୍ୟୋତିମାନେ ଏକାନ୍ତ ଭାବେ ମୋହିତ ହୋଇ ନିଜ ନିଜର ନିସ୍ତାର ପଥ ଝୁଣ୍ଡି ଆପଣଙ୍କ ସୃଷ୍ଟିଚକ୍ରରେ ଘୁରି ବୁଲୁଅଛୁ । ଆପଣ ସ୍ୱୟଂ ନିଜ ମାୟାରେ କ୍ରୀଡାକରି ସର୍ବେଶ୍ୱର ହୋଇ ମଧ ନିଜର ଅକ୍ଷୟ ମହିମା ଓ ବିଭୂତିକୁ ପ୍ରଚ୍ଛନ୍ନ କରିଦେଇ ସାଧାରଣ ମନୁଷ୍ୟ ତୁଲ୍ୟ ଆତଯାତ ହେଉଛନ୍ତି । ପ୍ରକୃତରେ ଆପଣଙ୍କ ଲୀଳା ଅତି ବିଚିତ୍ର । ଯେପରି ପୃଥିବୀ ଆପଣାର ବିକାର ରୂପ ବୃକ୍ଷ, ପଥର, ମୃତ୍ତିକା ଓ ନାନାରଙ୍ଗମ ର ଘଟ ଇତ୍ୟାଦି ଦ୍ୱାରା ଅନେକ ନାମରେ ପ୍ରକାଶ ପାଏ ସେହିପରି ଆପଣ ସୃଷ୍ଟି, ସ୍ଥିତି ଓ ସଂହାରର ଅଦ୍ୱିତୀୟ କର୍ତ୍ତା ହୋଇ ମଧ ବିଭିନ୍ନ ନାମରେ ପ୍ରକାଶିତ ହୁଅନ୍ତି ଓ କୌଣସି କର୍ମରେ ଲିପ୍ତ ନୁହଁନ୍ତି । ତ୍ରିଗୁଣର ସ୍ରଷ୍ଟା ହୋଇ ନିଜେ ଗୁଣମୁକ୍ତ, ନିର୍ଲିପ୍ତ, ନିର୍ବିକାର, ନିରାଧାର ଏବଂ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ନିୟନ୍ତା । ଆପଣଙ୍କର ଇଛା ହିଁ ସର୍ବତ୍ର କାର୍ଯ୍ୟାକାରୀ ହୋଇଥାଏ । ଆପଣ ହିଁ ନିଜେ କ୍ରୀଡାସ୍ୱରୂପ ନିଜ ମାୟାରେ ଖଳଦୁଷ୍ଟମାନଙ୍କୁ ସୃଷ୍ଟିକରି ପୁଣି ସେମାନଙ୍କ ସଂହାର ନିମିତ୍ତ ମାୟା ଶରୀର ଧାରଣ କରନ୍ତରି । ଧନ୍ୟ ଆପଣଙ୍କ ଲୀଳା । ଭକ୍ତ ରକ୍ଷଣ ଛଳରେ ଆପଣ ବେଳେ ବେଳେ ସୁନ୍ଦର, କମନୀୟ ସତ୍ୱମୟ ଶ୍ରୀ ବିଗ୍ରହ ପ୍ରକଟ କରିଥାନ୍ତି ଓ ସଂସାରର ବିସ୍ମୃତ ବୈଦିକମାର୍ଗର ପୁନରୁଦ୍ଧାର କରିଥାନ୍ତି । ହେ ପ୍ରଭୁ, ବେଦ ଆପଣଙ୍କ ବିଶୁଦ୍ଧ ହୃଦୟ ସ୍ୱରୂପ । ତପସ୍ୟା, ସ୍ୱଧ୍ୟାୟ, ଧାରଣା, ସମାଧି ଆଦି ଦ୍ୱାରା ଉଭୟ ସାକାର ଓ ନିରାକାର ରୂପ ଉପଲବ୍ଧି ହୁଏ ଏବଂ ଏହି ଉଭୟର ଶାଶ୍ୱତ ଅଧିଷ୍ଠାନ ସ୍ୱରୂପ ପରଂବ୍ରହ୍ମ ପରମାତ୍ମାଙ୍କ ସାକ୍ଷାତକାର ସମ୍ଭବ ହୋଇଥାଏ । ହେ ପ୍ରଭୁ, ବ୍ରାହ୍ମଣ ବେଦର ଆଧାର ଭୂତ ସ୍ୱୟଂ ଆପଣଙ୍କୁ ଉପଲବ୍ଧି କରିଥିବା ହେତୁ ସେ ଆପଣଙ୍କର ପରମ ପ୍ରିୟ । ଆପଣ ସ୍ୱୟଂ ବିଶ୍ୱବନ୍ଦନୀୟ ହୋଇ ମଧ ବ୍ରାହ୍ମଣର ପଦରେଣୁକୁ ସ୍ୱୀୟ ମସ୍ତକରେ ଗ୍ରହଣ କରିଥାନ୍ତି । ଆପଣ ସର୍ବବିଧ ମଙ୍ଗଳମୟ, ସମସ୍ତ ସୌଭାଗ୍ୟର ପ୍ରତୀକ ହେତୁ ଆପଣର ଦର୍ଶନ ଲାଭ କରି ଆମର ଜନ୍ମ, ବିଦ୍ୟା, ତପସ୍ୟା ଓ ଜ୍ଞାନ ସମସ୍ତ ସଫଳ ହେଲା । ଆପଣ ହିଁ ସର୍ବ ଧର୍ମ, କର୍ମାଦିର ଅଭିପ୍ରେତ ଫଳ ସ୍ୱରୂପ ଓ ସର୍ବ ଜୀବର ପରମ ଗତିମୁକ୍ତି ଦାତା । ଆପଣ ନିଜର ମହିମାକୁ ଗୋପ୍ୟ କରିଦେଇ ସାଧାରଣ ମାନବ ତୁଲ୍ୟ ଆତଯାତ ହେଉଥିବାରୁ ଆଜ୍ଞାନ ନିର୍ବୋଧ ଚକ୍ଷୁ ଥାଉ ଅନ୍ଧବ୍ୟକ୍ତିମାନେ ଅବଧାରଣା କରିପାରୁ ନାହାନ୍ତି । ଏହା ମଧ ଆପଣଙ୍କ ମାୟାଶକ୍ତିର ପ୍ରକ୍ରିୟା ଓ ଆପଣଙ୍କର ଇଛା । ହେ ପ୍ରଭୁ ! ଆପଣଙ୍କ ଶ୍ରୀଚରଣରେ ଏତିକି ମାତ୍ର ନିବେଦନ, ଦୀର୍ଘ ସ୍ୱପ୍ନ ସ୍ୱରୂପ ଏହି ଜୀବର ବନ୍ଧନ ଓ ତାର ଲିଙ୍ଗ ଶରୀର ରୂପ ଜୀବକୋଷ, ଆପଣଙ୍କ ଶ୍ରୀଚରଣରେ ଉତ୍କୃଷ୍ଟ ଭକ୍ତି ଦ୍ୱାରା ଲୋପ ହେଇଯାଉ ଓ ପୁନର୍ବାର ସେହି ଅବସ୍ଥା ପ୍ରାପ୍ତି ଜନିତ ଦୁଃଖ ଆମର ଆଉ ନହେଉ । ମୁନିରଷିମାନେ ଭଗବାନଙ୍କର ଏପରି ସ୍ତୁତି ଜ୍ଞାନକରି ରାଜା ଧୃତରାଷ୍ଟ୍ର ଓ ଧର୍ମରାଜଙ୍କଠାରୁ ବିଦାୟ ନେଇ ପ୍ରତ୍ୟାଗମନ କରିବାକୁ ଉଦ୍ୟତ ହୁଅନ୍ତେ ପରମ ଧାର୍ମିକ ରାଜା ବସୁଦେବ ସେମାନଙ୍କୁ କହିଲେ, ହେ ପୂଜ୍ୟ ଋଷିବୃନ୍ଦ, ଆପଣମାନେ ସର୍ବଦେବ ସ୍ୱରୂପ, ମୁଁ ଆପଣମାନଙ୍କୁ ନମସ୍କାର କରୁଛି ଓ ଆପଣମାନେ କୃପାକରି ମୋର ଗୋଟିଏ ପ୍ରଶ୍ନ ଶ୍ରବଣ କରି ମୋର ସନ୍ଦେହ ଦୂର କରନ୍ତୁ । ତାହା ଏହି ଯେ, ବେଦ ବର୍ଣ୍ଣିତ ସାଧୁବାଣୀ ହେଲା କର୍ମ ଦ୍ୱାରା କର୍ମଫଳ ଓ କର୍ମବାସନା ଲୋପ ହୁଏ । ଅର୍ଥାତ୍ ମନୁଷ୍ୟ ଜ୍ଞାତ ବା ଅଜ୍ଞାତ ସାରରେ ଯେଉଁ ଅସତ୍ କର୍ମ କରିଥାଏ ପରିଣତ ବା ବୃଦ୍ଧ ବୟସରେ ତାହା ସ୍ମରଣ କରି ଅନୁତପ୍ତ ହୋଇ ଭଗବାନଙ୍କର ଅଭୟ ପାଦପଦ୍ମ ତଳେ ମନ ଧ୍ୟାନ ଅର୍ପଣ କରି ସତକର୍ମ ଅନୁଷ୍ଠାନ କଲେ ପୂର୍ବର ସେହି ଅସତ୍ କର୍ମର ଫଳ ଓ ସେହିପରି କାମନା, ବାସନା ଖଣ୍ଡନ ହୋଇଯାଏ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଗିଣ୍ଠ

# ନିଷ୍ଠୁରଙ୍କୁ ବି ଧନ୍ୟବାଦ



ଶ୍ୱେତା ରାଉତ୍

ରେ ଖରାପ ସମୟ’ ତୋତେ ଅନ୍ତରରୁ ଧନ୍ୟବାଦ ଆମକୁ ଦୁଃଖ ଦେଉଥିବାରୁ । ସବୁବେଳେ ସୁଖରେ ରହିଲେ ହୁଏତ ଆମେ ଅହଂକାରୀ ହୋଇ ଯାଆନ୍ତେ । ଅନ୍ୟ କାହାର ଦୁଃଖ ବୁଝି ପାରିନଥାନ୍ତେ । ସୁଖ ସବୁବେଳେ ବ୍ୟଭିଚାରକୁ ଜନ୍ମଦିଏ ଓ ଦୁଃଖ ସବୁବେଳେ ନମ୍ରତା ଓ କରୁଣାକୁ ଜନ୍ମଦିଏ ।ସେଥିପାଇଁ ସୁଖରେ ଥିଲେ ମଣିଷ ଅୟାସୀ କରେ, ଅହଂକାର ଦେଖାଏ ଆଉ ଦୁଃଖରେ ଥିଲେ ନୀରବ ରହେ, ଇଶ୍ୱରଙ୍କ ଶରଣାପନ୍ନ ହୋଇଥାଏ । ତେଣୁ ‘ରେ ଦୁଃଖ ତୁ ଜୀବନରେ ଆସି ଆମର ଅହଂକାରର ଦମନ କରିଥିବାରୁ, ଇଶ୍ୱରଙ୍କ ପ୍ରତି ଆସ୍ଥା ବଢାଇ ଥିବାରୁ ତୋତେ ଧନ୍ୟବାଦ ।

ଆମଠୁ ସହଯୋଗ, ସେବା, ଶ୍ରଦ୍ଧା ପାଇ ଆମକୁ ତିରସ୍କାର ଦେଉଥିବା ବନ୍ଧୁ ପରିବାରବର୍ଗଙ୍କୁ ଧନ୍ୟବାଦ । ଏମାନେ ନଥିଲେ ହୁଏତ କଳିଯୁଗ ଜୀବନର ଯଥାର୍ଥତା ଓ ନିଜର ସୁକର୍ମ ପ୍ରତି ସଚେତନ ହେବା ଆମେ ଜାଣି ପାରିନଥାନ୍ତେ । ଏକା ବଞ୍ଚିବାର କଳା କୌଶଳ ଆମେ ଶିଖି ପାରିନଥାନ୍ତେ ।

ଉନ୍ନତି ପଥରେ ଆଗକୁ ବଢୁଥିବା ବେଳେ ଆମ ଗୋଡ ଟାଣୁଥିବା ଲୋକଙ୍କୁ ବି ଧନ୍ୟବାଦ । କାରଣ ସେମାନେ ଯେତେଥର ଆମ ଗୋଡ ଟାଣି ତଳେ ପକେଇ ଦିଅନ୍ତି, ଆମେ ପାଦକୁ ଆହୁରି ଟାଣ କରିବା ଶିଖିପାରନ୍ତି । ହାରିବା ସବୁବେଳେ ଜିତିବାର ପ୍ରଥମ ପାହାଚ । ଆମକୁ ହରାଉଥିବା ଲୋକଙ୍କଠୁ ଆମେ ଶିଖିପାରନ୍ତି ଆମ ଜିତିବାର ସଫଳତା ପାଇଁ ଅଭାବ କୋଉଠି ଅଛି ! ତେଣୁ ଆମକୁ ପଛକୁ ଠେଲି ଦେଇ ସଫଳତାର ଶୀର୍ଷ ଛୁଇଁବାକୁ ଧାଉଁଥିବା ସମସ୍ତଙ୍କୁ ଧନ୍ୟବାଦ । ସେମାନେ ପ୍ରତିଯୋଗିତାରେ ଜିତି ପାରନ୍ତି ହେଲେ ଆମେ ନୈତିକ ମୂଲ୍ୟବୋଧର ମୁକୁଟ ପିନ୍ଧିଥାନ୍ତି ।

ଆମକୁ କଟୁକଥା କହି ବାରମ୍ବାର ଅପମାନ କରି ନିଚ୍ଚା ଦେଖାଉଥିବା ଆତ୍ମୀମାନଙ୍କୁ ଧନ୍ୟବାଦ, ସେମାନଙ୍କ ପାଇଁ ଆମର ଧର୍ଯ୍ୟ, ସହନଶୀଳତା ବଢିଥାଏ । ଆମକୁ ଘୃଣା କରୁଥିବା ଆତ୍ମୀୟମାନଙ୍କୁ ଧନ୍ୟବାଦ କାରଣ ଯେତେବେଳେ ନିଜ ଲୋକମାନଙ୍କ ପାଇଁ ଜୀବନ ସମର୍ପିତ କଲାପରେ ପ୍ରତିବଦଳରେ ଘୃଣା, ତିରସ୍କାର ମିଳେ ସେତେବେଳେ ଆମେ ଇଶ୍ୱରଙ୍କ ଶରଣରେ ଯାଇ ସବୁ ଇଶ୍ୱରଙ୍କ ଉପରେ ଛାଡିଦିଅନ୍ତି, ଫଳରେ ଆମର ଭକ୍ତିଭାବ ବଢେ । ସ୍ୱାର୍ଥପର ହୋଇ ଆମଠୁ ଦୂରେଇ ଯାଉଥିବା ସମସ୍ତ ସମ୍ପର୍କମାନଙ୍କୁ ଧନ୍ୟବାଦ । ସେମାନଙ୍କ ପାଇଁ ଆମେ ଏକା ରହିବା, ଏକା ସଂଘର୍ଷ କରିବାର ସାହସ ଜୁଟାଇ ପାରନ୍ତି ।

ଚାଲନ୍ତୁ ଭାବିନେବା ଜୀବନ ରଙ୍ଗମଞ୍ଚରେ ଆମେ ଜଣେ ଜଣେ ଅଭିନେତା । ଯେମିତି ଖଳନାୟକର ଭୂମିକା ନିର୍ବାହ କରୁଥିବା ବ୍ୟକ୍ତି ବାସ୍ତବ ଚରିତ୍ରରେ ଖୁବ୍ ଭଲ ମଧ୍ୟ ହୋଇଥାନ୍ତି, ଠିକ୍ ସେମିତି ଆମ ସହିତ ନିଷ୍ଠୁର ଆଚରଣ କରୁଥିବା ବ୍ୟକ୍ତିଙ୍କୁ ଭାବିନିଅନ୍ତୁ ଜୀବନ ନାଟକରେ ଖଳନାୟକ ଭାବେ ସେ କେବଳ ତାଙ୍କର ଭୂମିକା ନିର୍ବାହ କରୁଛନ୍ତି । ବାସ୍ତବରେ ତାଙ୍କ ଭିତରର ଆତ୍ମା ସବୁବେଳେ ସ୍ୱଚ୍ଛ, ପବିତ୍ର, ଶାନ୍ତିପ୍ରିୟ । ତେଣୁ ଅଯଥାରେ ସେ ଆତ୍ମା ଉପରେ ଆକ୍ରୋଶ କରି ଲାଭ କଣ ! ବରଂ ଆମକୁ ଆମ ଭୂମିକା ଉପରେ ଗୁରୁତ୍ୱ ଦେଇ ଜୀବନ ନାଟକର ହିରୋ ଭାବେ ସମ୍ମାନିତ ହେବାକୁ ଚେଷ୍ଟା କରି ସମସ୍ତଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଦେବା ଉଚିତ୍ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଆଧୁନିକ ସୌନ୍ଦର୍ଯ୍ୟର ନୂତନ ଦିଗ




ଆଧୁନିକ ଜୀବନଶୈଳୀରେ ସୁନ୍ଦର ଓ ଯୁବ ଚର୍ମ ପାଇଁ ଲୋକମାନେ ବିଭିନ୍ନ ବ୍ୟୁଟି ଟ୍ରିଟମେଣ୍ଟ ଦିଗରେ ଆକୃଷ୍ଟ ହେଉଛନ୍ତି । ସେଥିରେ ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ଏକ ନୂତନ ଓ ପ୍ରଭାବଶାଳୀ ପଦ୍ଧତି ଭାବେ ପରିଚିତ ହୋଇଛି । ସର୍ଜରି ବିନା ଚର୍ମକୁ ଟାଇଟ୍ କରିବା, ଚର୍ବି କମାଇବା ଓ ପ୍ରାକୃତିକ ଉଜ୍ଜ୍ୱଳ ଫେରାଇବାରେ ଏହା ବିଶେଷ ଭୂମିକା ଗ୍ରହଣ କରିଛି । ତେଣୁ ଆଜିର ଯୁଗରେ ଏହି ଚିକିତ୍ସା ମଧ୍ୟ ବହୁତ ଲୋକପ୍ରିୟ ହୋଇପାରିଛି ।

ଏହି ଫେସିଆଲ ସମ୍ପର୍କରେ ସୌନ୍ଦର୍ଯ୍ୟ ବିଶାରଦ ଡା. ଦେବୀ ପୁଷ୍ପା ମହାନ୍ତି କହନ୍ତି, ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ହେଉଛି ଏକ ନନ୍-ସର୍ଜିକାଲ ପ୍ରକ୍ରିୟା, ଯାହାର ଉଚ୍ଚ ତରଙ୍ଗ ଶକ୍ତି ଦ୍ୱାରା ଚର୍ମର ଗଭୀର ସ୍ତରକୁ ଉତ୍ତାପ ପହଞ୍ଚାଏ । ଏହି ଉତ୍ତାପ କୋଲାଜେନ୍ ଉତ୍ପାଦନକୁ ବଢ଼ାଇ ଚର୍ମକୁ ଟାଇଟ୍ ଓ ନରମ କରିଥାଏ । ଫଳସ୍ୱରୂପ ଚର୍ମ ଅଧିକ ଯୁବ, ଆକର୍ଷଣୀୟ ଓ ପତଳା ଦେଖାଯାଏ । ଏହି ଟ୍ରିଟମେଣ୍ଟର ପ୍ରମୁଖ ଲାଭ ହେଉଛି ମୁଖର ଚର୍ବି କମେଇବା ସହ ମୁହଁରେ ନୂତନ ଉଜ୍ଜ୍ୱଳତା ଆଣିଥାଏ । ଏହା ସହିତ ପୋର୍ସ ହ୍ରାସ କରେ ଓ ଫେସ୍‌ରେ ଲିଫ୍ଟିଂ ଏଫେକ୍ଟ ମିଳେ ।

ବିଶେଷକରି ୨୦ ବର୍ଷ ବୟସ ପରେ ଏହି ଚିକିତ୍ସା କରିବା ଚର୍ମ ଯତ୍ନ ପାଇଁ ଅଧିକ ଉପଯୋଗୀ ହୋଇଥାଏ । ପ୍ରକ୍ରିୟା ଦୃଷ୍ଟିରୁ ଦେଖିଲେ, ପ୍ରଥମେ ଚର୍ମକୁ ସଫା କରାଯାଏ, ପରେ ଏକ ବିଶେଷ ଜେଲ୍ ଲଗାଯାଇ ଆରଏଫ୍ ଡିଭାଇସ୍ ଦ୍ୱାରା ହଲୁକ ମାସାଜ୍ କରାଯାଏ । ପୂରା ପ୍ରକ୍ରିୟା ପ୍ରାୟ ୩୦ ରୁ ୪୫ ମିନିଟ୍ ମଧ୍ୟରେ ସମାପ୍ତ ହୁଏ ଓ ଏହା ବେଶୀ କଷ୍ଟ ଅନୁଭବ ହୁଏନାହିଁ । ଯଦିଓ ଏହା ସୁରକ୍ଷିତ ଚିକିତ୍ସା, ମାତ୍ର କେତେକ ମାମଲାରେ ମୁଖ ହାଲୁକା ଲାଲ ହେବା ବା ତାପ ଅନୁଭବ ହୋଇପାରେ । ଯାହା କିଛି ସମୟରେ ଠିକ୍ ହୋଇଯାଏ । ଏହି ଚିକିତ୍ସାରେ କେତୋଟି ପର୍ଯ୍ୟାୟ ପରେ ତ୍ୱଚାରେ ପରିବର୍ତ୍ତନ ଦେଖାଯାଏ । ଏହି ଫେସିଆଲ ପରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଖରାକୁ ଯିବେ ନାହିଁ । ଏହାସହ ସର୍ବଦା ମୁହଁରେ ସନ୍‌ସ୍କ୍ରିନ୍ ଓ ମଇଷ୍ଚରାଇଜର ଲଗାନ୍ତୁ । ଆରଏଫ୍ ଚିକିତ୍ସାର ଭଲ ଫଳାଫଳ ପାଇଁ ପୁଷ୍ଟିକର ଖାଦ୍ୟପେୟ, ନିୟମିତ ବ୍ୟାୟମ କରନ୍ତୁ । ଏହାସହ ଜଙ୍କ୍ ଫୁଡ୍, ମଦ୍ୟପାନ ଓ ଧୂମପାନ ଠାରୁ ଦୂରେଇ ରହିବା ଦରକାର । ଏହି ଟ୍ରିଟମେଣ୍ଟ କରାଇବା ପୂର୍ବରୁ ଜଣେ ପ୍ରଶିକ୍ଷିତ ବ୍ୟୁଟି ଏକ୍ସପର୍ଟ ବା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ।

# ଭାରତରେ ବଢୁଛି ମେଟାବୋଲିକ୍ ରୋଗ

ଭାରତରେ ମେଟାବୋଲିକ୍ ରୋଗର ହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏହା ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ମୁଣ୍ଡ ଟେକିଛି । ଉଚ୍ଚ ରକ୍ତଚାପ, ମଧୁମେହ ଓ ମେଦବହୁଳତା ଆଦି ଏହି ବର୍ଗରେ ପରିଗଣିତ ହୋଇଥାଏ । ଏକ ଅଧ୍ୟୟନ ଅନୁଯାୟୀ, ଟାଇପ୍-୨ ମଧୁମେହ ଜନିତ ମୃତ୍ୟୁ କ୍ଷେତ୍ରରେ ଭାରତ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପ୍ରଥମ ସ୍ଥାନ ଦଖଲ କରିଛି । ୧୧ଟି ଦେଶର ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ, ୧୯୯୦ ମସିହାରେ ଚୀନରେ ସର୍ବାଧିକ ଟାଇପ୍-୨ ମଧୁମେହ ମାମଲା ଥିଲା । ଚୀନ ପଛକୁ ଭାରତ, ଇଣ୍ଡୋନେସିଆ, ଜାପାନ ଓ ପାକିସ୍ତାନର ନାମ ତାଲିକାରେ ରହିଥିଲା । ତେବେ ୨୦୨୩ ବେଳକୁ ଏହି ସ୍ଥିତି ବଦଳି ଆମ ଦେଶ ଚୀନକୁ ପଛରେ ପକାଇ ତାଲିକାରେ ଏକ ନମ୍ବର ସ୍ଥାନ ଅଧିକାର କଲା । ଏହି ତଥ୍ୟ ଗ୍ଲୋବାଲ୍ ବର୍ଡନ୍ ଅଫ୍ ଡିଜିଜ୍ ?ର ତଥ୍ୟ ଉପରେ ଆଧାରିତ । ଅଧ୍ୟୟନରୁ ଏହା ମଧ ଜଣାପଡ଼ିଛି ଯେ, ଭାରତ ଓ ଚୀନରେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ସବୁଠାରୁ ଅଧିକ ମେଟାବୋଲିକ୍ ରୋଗୀ ଅଛନ୍ତି । ଏହି ବର୍ଗର ପ୍ରମୁଖ ୫ ରୋଗ ହେଉଛି ଟାଇପ୍-୨ ମଧୁମେହ, ଉଚ୍ଚ ରକ୍ତଚାପ, ଖରାପ କୋଲେଷ୍ଟ୍ରଲ୍ ଓ ଫ୍ୟାଟି ଲିଭର । ଏହି ଅଧ୍ୟୟନ ସହ ସମ୍ପୃକ୍ତ ଅନୁପ ମିଶ୍ରଙ୍କ ଅନୁଯାୟୀ, ଟାଇପ୍-୨ ମଧୁମେହ ଓ ଏଥିଯୋଗୁଁ ହେଉଥିବା ମୃତ୍ୟୁ କ୍ଷେତ୍ରରେ ଭାରତ ଓ ଚୀନ୍ ଶୀର୍ଷ ସ୍ଥାନରେ ଅଛନ୍ତି । ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ୨୦୨୩ ବର୍ଷର ତଥ୍ୟ ଅନୁଯାୟୀ ଭାରତୀୟମାନେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସର୍ବାଧିକ ମେଟାବୋଲିକ୍ ରୋଗର ସମ୍ମୁଖୀନ ହୋଇଛନ୍ତି । ଦେଶରେ ୨.୧ କୋଟିରୁ ଅଧିକ ଟାଇପ୍-୨ ମଧୁମେହ ମାମଲା ସହ ପ୍ରାୟ ୫.୮ ଲକ୍ଷ ମୃତ୍ୟୁ ରେକର୍ଡ କରାଯାଇଛି । ମଧୁମେହ, ସ୍ଥୂଳତା, ଉଚ୍ଚ ରକ୍ତଚାପ, ଅସ୍ୱାଭାବିକ କୋଲେଷ୍ଟ୍ରଲ୍ ଓ ଫ୍ୟାଟି ଲିଭର ପରସ୍ପର ସହ ଜଡ଼ିତ, ଯାହା ମୁଖ୍ୟତଃ ଖରାପ ଖାଦ୍ୟପେୟ ଓ ଶାରୀରିକ କାର୍ଯ୍ୟକଳାପର ଅଭାବ ଯୋଗୁଁ ବୃଦ୍ଧି ପାଉଥିବା ଅଧ୍ୟୟନରୁ ଜଣାପଡ଼ିଛି ।



# ଜୀବାଶ୍ମ ଇନ୍ଧନ ନିର୍ଭରଶୀଳ କୃଷି ଉପରେ ଯୁଦ୍ଧର ପ୍ରଭାବ

ଭାରତୀୟ କୃଷି କ୍ଷେତ୍ରରେ ସବୁଜ ବିପ୍ଳବର ଐତିହାସିକ ସଫଳତା ଏବଂ ଦେଶକୁ ଖାଦ୍ୟ ନିରାପତ୍ତା ପ୍ରଦାନ କରିବାରେ ଏହାର ଅବଦାନ ସର୍ବଜନବିଦିତ । ତେବେ ଏହି ବିପୁଳ ସଫଳତାର ମୂଳଦୁଆ ମୁଖ୍ୟତଃ ଜୀବାଶ୍ମ ଇନ୍ଧନ ଭିତ୍ତିକ ଉପାଦାନଗୁଡ଼ିକ ଉପରେ ହିଁ ପର୍ଯ୍ୟବେସିତ ଥିଲା । କ୍ଷେତରେ ପ୍ରୟୋଗ ହେଉଥିବା ରାସାୟନିକ ସାରଠାରୁ ଆରମ୍ଭ କରି କୃଷି ଯନ୍ତ୍ରପାତି ଚାଳନା ପାଇଁ ଆବଶ୍ୟକ ଡିଜେଲ ଏବଂ ଫସଲକୁ ରୋଗପୋକ ଦାଉରୁ ରକ୍ଷା କରିବା ପାଇଁ ବ୍ୟବହୃତ କୀଟନାଶକ ପର୍ଯ୍ୟନ୍ତ ସବୁକିଛି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଉପରେ ନିର୍ଭରଶୀଳ । କିନ୍ତୁ ବର୍ତ୍ତମାନର ପରିବର୍ତ୍ତିତ ବିଶ୍ୱ ପରିସ୍ଥିତିରେ ଏହି କୃଷି ମଡେଲ ଏକ କଠୋର ବାସ୍ତବତାର ସମ୍ମୁଖୀନ ହେଉଛି । ସାମ୍ପ୍ରତିକ ସମୟରେ ଇରାନ ସହିତ ଆମେରିକା ଏବଂ ଇସ୍ରାଏଲର ଲାଗିରହିଥିବା ଯୁଦ୍ଧ ତଥା ଉତ୍ତେଜନାମୂଳକ ପରିସ୍ଥିତି ଭାରତୀୟ ଚାଷଜମିର ଏହି ଜୀବାଶ୍ମୀକରଣ ବା ଅତ୍ୟଧିକ ଜୀବାଶ୍ମ ଇନ୍ଧନ ନିର୍ଭରଶୀଳତାର ସୀମାକୁ ଏକ କଠିନ ପରୀକ୍ଷା ମଧ୍ୟକୁ ଠେଲି ଦେଇଛି । ଏହି ଯୁଦ୍ଧ କେବଳ ପଶ୍ଚିମ ଏସିଆର ଭୂ-ରାଜନୈତିକ ସ୍ଥିତିକୁ ଅସ୍ଥିର କରିନାହିଁ, ବରଂ ଜୀବାଶ୍ମ ଇନ୍ଧନ ଭିତ୍ତିକ କୃଷି ଉପାଦାନର ଯୋଗାଣ ଶୃଙ୍ଖଳାରେ ବାଧା ସୃଷ୍ଟି କରି ଭାରତର ଖାଦ୍ୟ ସୁରକ୍ଷା ପ୍ରତି ଏକ ଗମ୍ଭୀର ଆହ୍ୱାନ ସୃଷ୍ଟି କରିଛି ।

ଏହି ପରିବର୍ତ୍ତନର ବ୍ୟାପକତାକୁ ବୁଝିବାକୁ ହେଲେ ଆମକୁ ଅତୀତର ତଥ୍ୟ ଉପରେ ଦୃଷ୍ଟିପାତ କରିବାକୁ ପଡ଼ିବ । ଦେଶ ସ୍ୱାଧୀନ ହେବା ସମୟରେ ଭାରତୀୟ କୃଷିର ରୂପରେଖ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ୧୯୪୭ ମସିହା ବେଳକୁ ସମଗ୍ର ଦେଶର ଚାଷଜମିରେ ବ୍ୟବହାର ପାଇଁ ମାତ୍ର ୫,୦୦୦ ଟ୍ରାକ୍ଟର ଉପଲବ୍ଧ ଥିଲା । ସେହିପରି ୧୯୫୦-୫୧ ଆର୍ଥିକ ବର୍ଷରେ ଯବକ୍ଷାରଜାନ, ଫସଫରସ ଏବଂ ପୋଟାସିୟମ ଭଳି ରାସାୟନିକ ସାରର ମୋଟ ଘରୋଇ ବ୍ୟବହାର ଥିଲା ମାତ୍ର ୬୯,୮୦୦ ଟନ୍ । ସେତେବେଳେ କେରଳର କୋଚି ନିକଟରେ ଫର୍ଟିଲାଇଜର୍ସ ଆଣ୍ଡ କେମିକାଲ୍ସ ଟ୍ରାଭାନକୋର ନାମକ କେବଳ ଗୋଟିଏ ବଡ଼ କାରଖାନା ଥିଲା, ଯାହା ମୁଖ୍ୟତଃ ଆମୋନିୟମ ସଲଫେଟ୍ ଉତ୍ପାଦନ କରୁଥିଲା । କିନ୍ତୁ ଆଜିର ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ବଦଳିଯାଇଛି । କେବଳ ୨୦୨୫-୨୬ ଆର୍ଥିକ ବର୍ଷର ଏପ୍ରିଲରୁ ମାର୍ଚ୍ଚ ମାସ ମଧ୍ୟରେ ଦେଶରେ ଟ୍ରାକ୍ଟର ବିକ୍ରି ୧.୧୬ ନିୟୁତ ୟୁନିଟ୍ ଛୁଇଁଛି । ଏହା ସହିତ ୨୦୨୪-୨୫ ଆର୍ଥିକ ବର୍ଷର ସମ୍ପୂର୍ଣ୍ଣ ତଥ୍ୟ ଅନୁଯାୟୀ, ଦେଶରେ ଏନ, ପି ଏବଂ କେ ସାରର ମୋଟ ବ୍ୟବହାର ୩୨.୯ ନିୟୁତ ଟନ୍‌ରୁ ଅଧିକ ରହିଥିଲା । ଅତୀତ ଏବଂ ବର୍ତ୍ତମାନ ମଧ୍ୟରେ ଥିବା ଏହି ବିରାଟ ପାର୍ଥକ୍ୟ ଭାରତୀୟ କୃଷିରେ ହୋଇଥିବା ଜୀବାଶ୍ମୀକରଣର ଗଭୀରତାକୁ ସ୍ପଷ୍ଟ ଭାବରେ ଦର୍ଶାଉଛି । ୧୯୬୦ ଦଶକର ଶେଷ ଭାଗରେ ଆସିଥିବା ସବୁଜ ବିପ୍ଳବ ପରେ ଏହି ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହୋଇଥିଲା । ବର୍ତ୍ତମାନ ଆମେରିକା-ଇସ୍ରାଏଲ ବନାମ ଇରାନ ବିବାଦ ପ୍ରେକ୍ଷାପଟରେ ଏହି ପ୍ରସଙ୍ଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି, କାରଣ ଏହା ଜୀବାଶ୍ମ ଇନ୍ଧନ ଆମଦାନୀ ଉପରେ ନିର୍ଭରଶୀଳ ଆମର କୃଷି ବ୍ୟବସ୍ଥାର ଅସହାୟତାକୁ ପଦାରେ ପକାଇଦେଇଛି ।

ପାରମ୍ପରିକ ଭାବରେ ଭାରତରେ କୃଷି କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଗୋସମ୍ପଦ ଉପରେ ଆଧାରିତ ଥିଲା । ବଳଦ ଏବଂ ମଇଁଷିମାନେ କେବଳ କ୍ଷେତରେ ହଳ କରିବା ପାଇଁ ଶାରୀରିକ ଶକ୍ତି ଯୋଗାଉ ନଥିଲେ, ବରଂ ସେମାନଙ୍କର ବର୍ଜ୍ୟବସ୍ତୁ ଗଛର ବୃଦ୍ଧି ପାଇଁ ଆବଶ୍ୟକୀୟ ପ୍ରାକୃତିକ ପୋଷକ ତତ୍ତ୍ୱ ମଧ୍ୟ ପ୍ରଦାନ କରୁଥିଲା । କ୍ଷେତରେ ଲଙ୍ଗଳ ଟାଣିବାଠାରୁ ଆରମ୍ଭ କରି ଅମଳ ହୋଇଥିବା ଫସଲକୁ ମାଡ଼ି ଶସ୍ୟକୁ ଅଲଗା କରିବା, ଜଳସେଚନ ପାଇଁ କୂଅରୁ ପାଣି କାଢ଼ିବା ନିମନ୍ତେ ରହଟ ବୁଲାଇବା ଏବଂ କୃଷିଜାତ ଦ୍ରବ୍ୟ ତଥା ମଣିଷଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ପାଇଁ ଶଗଡ଼ ଟାଣିବାରେ ପଶୁମାନଙ୍କର ଏକାନ୍ତ ଆବଶ୍ୟକତା ରହିଥିଲା । ୧୯୭୦ ଦଶକର ପ୍ରାରମ୍ଭ ପର୍ଯ୍ୟନ୍ତ ଭାରତରେ ମୋଟ କୃଷି ଶକ୍ତି ଉପଲବ୍ଧତାର ଅଧାରୁ ଅଧିକ ଭାଗ କେବଳ ଏହି ପଶୁମାନଙ୍କଠାରୁ ହିଁ ମିଳୁଥିଲା । କିନ୍ତୁ କୃଷିର ଯାନ୍ତ୍ରିକୀକରଣ ଏହି ପରିସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଲା । ୧୯୯୧-୯୨ ମସିହାରେ ପ୍ରଥମ ଥର ପାଇଁ ଟ୍ରାକ୍ଟର, ପାୱାର ଟିଲର, ଡିଜେଲ ଇଞ୍ଜିନ ଏବଂ କମ୍ବାଇନ ହାର୍ଭେଷ୍ଟର ଭଳି ଯାନ୍ତ୍ରିକ ଉତ୍ସରୁ ମିଳୁଥିବା ଶକ୍ତି, ପଶୁ ଏବଂ କୃଷି ଶ୍ରମିକମାନଙ୍କଠାରୁ ମିଳୁଥିବା ଶାରୀରିକ ଶକ୍ତିକୁ ଅତିକ୍ରମ କରିଯାଇଥିଲା । ସେବେଠାରୁ ଜଳସେଚନ ପମ୍ପସେଟ୍ ଚଲାଇବା ପାଇଁ ବ୍ୟବହୃତ ହେଉଥିବା ବୈଦ୍ୟୁତିକ ଶକ୍ତି ମଧ୍ୟ ବଳଦ ଏବଂ କୃଷି ଶ୍ରମିକଙ୍କ ମିଳିତ ଶକ୍ତିକୁ ଟପିଯାଇଛି । ଆଜିର ଦିନରେ ଟ୍ରାକ୍ଟରଗୁଡ଼ିକ ବଳଦମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଅଦରକାରୀ କରିଦେଇଛନ୍ତି । ରୋଟାଭେଟର ଏବଂ ରିଭର୍ସିବଲ ମୋଲ୍ଡ ବୋର୍ଡ ପ୍ଲାଉ ଭଳି ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ମାଟିକୁ ବହୁ ଗଭୀର ପର୍ଯ୍ୟନ୍ତ ଖୋଳିବା, ମାଟିକୁ ଗୁଣ୍ଡ କରିବା ଏବଂ ଏହାର କଠିନ ସ୍ତରକୁ ଭାଙ୍ଗିବା ସହଜ ହୋଇପାରିଛି । କେବଳ ସେତିକି ନୁହେଁ, ଶଗଡ଼ ଗାଡ଼ିର ସ୍ଥାନ ମଧ୍ୟ ଏବେ ଟ୍ରାକ୍ଟର ଟ୍ରଲି ନେଇସାରିଛି । କମ୍ବାଇନ ହାର୍ଭେଷ୍ଟର ମେସିନ ଗୁଡ଼ିକ ଉଭୟ ମଣିଷ ଏବଂ ବଳଦଙ୍କ ଶ୍ରମକୁ ବିସ୍ଥାପିତ କରିଛନ୍ତି । ଏହି ବିଶାଳ ଯନ୍ତ୍ରଗୁଡ଼ିକ ଗୋଟିଏ ଥରରେ ଫସଲ କାଟିବା, ଶସ୍ୟ ଅଲଗା କରିବା, ସଫା କରିବା ଏବଂ ସିଧାସଳଖ ଚାଷୀର ଟ୍ରାକ୍ଟର ଟ୍ରଲିରେ ଶସ୍ୟ ପହଞ୍ଚାଇବାର କାର୍ଯ୍ୟ କରୁଛନ୍ତି । ସେହିପରି ଜଳସେଚନ ବ୍ୟବସ୍ଥା ମଧ୍ୟ ମୁଖ୍ୟତଃ ଇଲେକ୍ଟ୍ରିକ୍ ମୋଟର କିମ୍ବା ଡିଜେଲ ଇଞ୍ଜିନ ଦ୍ୱାରା ଚାଳିତ ପମ୍ପ ମାଧ୍ୟମରେ କରାଯାଉଛି ଏବଂ ପାରମ୍ପରିକ ରହଟ ପ୍ରାୟତଃ ଇତିହାସର ପୃଷ୍ଠାରେ ସୀମିତ ହୋଇଯାଇଛି ।

ଯାନ୍ତ୍ରିକୀକରଣ ସହିତ ସାର ପ୍ରୟୋଗ କ୍ଷେତ୍ରରେ ମଧ୍ୟ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିଛି । ପୂର୍ବରୁ ଚାଷୀମାନେ ନିଜ କ୍ଷେତରେ ଗୋବର ଖତ ବ୍ୟବହାର କରୁଥିଲେ, ଯେଉଁଥିରେ ଗୋବର, ଗୋମୂତ୍ର ଏବଂ ନଡ଼ା ଭଳି କୃଷି ବର୍ଜ୍ୟବସ୍ତୁର ମିଶ୍ରଣ ରହୁଥିଲା । ଏହି ପ୍ରାକୃତିକ ଖତରେ ହାରାହାରି ୦.୫ ପ୍ରତିଶତ ଯବକ୍ଷାରଜାନ, ୦.୨ ପ୍ରତିଶତ ଫସଫରସ ଏବଂ ୦.୫ ପ୍ରତିଶତ ପୋଟାସିୟମ ରହୁଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତରେ ଉତ୍ପାଦିତ ହେଉଥିବା ରାସାୟନିକ ସାର ମଧ୍ୟରେ ଆମୋନିୟମ ସଲଫେଟ୍ ଏବଂ ସିଙ୍ଗଲ ସୁପର ଫସଫେଟ୍ ବା ଏସଏସପି ପ୍ରମୁଖ ଥିଲା । ଆମୋନିୟମ ସଲଫେଟରେ ୨୦.୫ ପ୍ରତିଶତ ଯବକ୍ଷାରଜାନ ଏବଂ ୨୩ ପ୍ରତିଶତ ସଲଫର ଥିବାବେଳେ, ଏସଏସପିରେ ୧୬ ପ୍ରତିଶତ ଫସଫରସ ଏବଂ ୧୧ ପ୍ରତିଶତ ସଲଫର ରହୁଥିଲା । କିନ୍ତୁ ସବୁଜ ବିପ୍ଳବର ଆଗମନ ପରେ ୟୁରିଆ, ଡାଇ-ଆମୋନିୟମ ଫସଫେଟ୍ ବା ଡିଏପି ଏବଂ ମ୍ୟୁରିଏଟ୍ ଅଫ୍ ପୋଟାସ୍ ବା ଏମଓପି ଭଳି ଉଚ୍ଚ-ବିଶ୍ଲେଷଣ ସାରର ବ୍ୟବହାର ବହୁଳ ମାତ୍ରାରେ ବୃଦ୍ଧି ପାଇଲା । ଏହି ସାରଗୁଡ଼ିକରେ ପୋଷକ ତତ୍ତ୍ୱର ମାତ୍ରା ଯଥେଷ୍ଟ ଅଧିକ ଥିଲା । ଉଦାହରଣ ସ୍ୱରୂପ ୟୁରିଆରେ ୪୬ ପ୍ରତିଶତ ଯବକ୍ଷାରଜାନ, ଡିଏପିରେ ୪୬ ପ୍ରତିଶତ ଫସଫରସ ଓ ୧୮ ପ୍ରତିଶତ ଯବକ୍ଷାରଜାନ ଏବଂ ଏମଓପିରେ ୬୦ ପ୍ରତିଶତ ପୋଟାସିୟମ ଉପଲବ୍ଧ ଥାଏ । ସବୁଜ ବିପ୍ଳବର ମୂଳ ଲକ୍ଷ୍ୟ ଥିଲା ଉଚ୍ଚ ଅମଳକ୍ଷମ ତଥା ଶକ୍ତ କାଣ୍ଡ ବିଶିଷ୍ଟ ବାମନ କିସମର ଫସଲ ଉତ୍ପାଦନ କରିବା, ଯାହା ଅଧିକ ସାର ପ୍ରୟୋଗକୁ ସହ୍ୟ କରିପାରିବ ଏବଂ ଶସ୍ୟ ଭାରରେ ନଇଁ ପଡ଼ିବ ନାହିଁ । ଚାଷୀମାନେ ଯେତେ ଅଧିକ ଉଚ୍ଚ ଅମଳକ୍ଷମ ବିହନ ବ୍ୟବହାର କଲେ, ଉଚ୍ଚ-ବିଶ୍ଲେଷଣ ସାରର ଚାହିଦା ସେତେ ଅଧିକ ବଢ଼ିବାରେ ଲାଗିଲା । ୨୦୨୪-୨୫ ମସିହାରେ ବ୍ୟବହୃତ ୩୨.୯ ନିୟୁତ ଟନ୍ ଏନପିକେ ପାଇଁ ପ୍ରାୟ ୭୦.୭ ନିୟୁତ ଟନ୍ ସାର ଉତ୍ପାଦର ଆବଶ୍ୟକତା ପଡ଼ିଥିଲା । ଏଥିମଧ୍ୟରୁ ସର୍ବାଧିକ ଅଂଶ ଥିଲା ୟୁରିଆ ଯାହାର ପରିମାଣ ୩୮.୮ ନିୟୁତ ଟନ୍ ଏବଂ ଡିଏପି ଯାହାର ପରିମାଣ ୯.୩ ନିୟୁତ ଟନ୍ ଥିଲା । ଏହା ତୁଳନାରେ ଆମୋନିୟମ ସଲଫେଟ୍ ମାତ୍ର ୦.୯ ନିୟୁତ ଟନ୍ ଏବଂ ଏସଏସପି ମାତ୍ର ୪.୯ ନିୟୁତ ଟନ୍ ବ୍ୟବହାର ହୋଇଥିଲା । କେବଳ ସାର ନୁହେଁ, ଅଧିକ ଅମଳ ଆଶାରେ ଚାଷୀମାନେ ଫସଲକୁ ବିଭିନ୍ନ ରୋଗପୋକ, କବକ, ବ୍ୟାକ୍ଟେରିଆ, ଭାଇରସ୍ ଏବଂ ଅନାବନା ଗଛରୁ ରକ୍ଷା କରିବା ପାଇଁ ବହୁଳ ମାତ୍ରାରେ କୀଟନାଶକ, କବକନାଶକ ଏବଂ ତୃଣକନାଶକର ବ୍ୟବହାର କରିବା ଆରମ୍ଭ କଲେ ।

ଏହି ସମସ୍ତ ପରିବର୍ତ୍ତନ ଭାରତୀୟ କୃଷିର ଉତ୍ପାଦକତା ବୃଦ୍ଧି କରିଥିଲେ ମଧ୍ୟ ଏହାକୁ ଜୀବାଶ୍ମ ଇନ୍ଧନ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ କରିଦେଇଛି । ରାସାୟନିକ ସାରରେ ଥିବା ଯବକ୍ଷାରଜାନର ମୁଖ୍ୟ ଉତ୍ସ ହେଉଛି ପ୍ରାକୃତିକ କିମ୍ବା ସିନ୍‌ଥେଟିକ୍ ଗ୍ୟାସ । ୧୯୪୭ ମସିହାରେ ପ୍ରତିଷ୍ଠିତ ଭାରତର ପ୍ରଥମ ପ୍ରମୁଖ ଆମୋନିୟମ ସଲଫେଟ୍ ପ୍ଲାଣ୍ଟ ଆମୋନିଆ ପ୍ରସ୍ତୁତ କରିବା ପାଇଁ ଜାଳେଣି କାଠରୁ ଉତ୍ପାଦିତ ସିନ୍‌ଥେଟିକ୍ ଗ୍ୟାସ ବ୍ୟବହାର କରୁଥିଲା । ପରେ ଏହି ଆମୋନିଆକୁ ଜିପସମ୍ ଏବଂ ସଲଫ୍ୟୁରିକ୍ ଏସିଡ୍ ସହିତ ମିଶାଇ ଆମୋନିୟମ ସଲଫେଟ୍ ପ୍ରସ୍ତୁତ କରାଯାଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ୟୁରିଆ ଏବଂ ଡିଏପିର ବ୍ୟାପକ ଚାହିଦା ପୂରଣ କରିବା ପାଇଁ ସାର କାରଖାନାଗୁଡ଼ିକ ପ୍ରଥମେ ଅଶୋଧିତ ପେଟ୍ରୋଲିୟମରୁ ମିଳୁଥିବା ନାପଥା ଏବଂ ପରେ ପ୍ରାକୃତିକ ଗ୍ୟାସ ଉପରେ ନିର୍ଭର କରିବା ଆରମ୍ଭ କଲେ । ବର୍ତ୍ତମାନ ଭାରତ ନିଜର ପ୍ରାକୃତିକ ଗ୍ୟାସ ଆବଶ୍ୟକତାର ୫୦ ପ୍ରତିଶତରୁ ଅଧିକ ବିଦେଶରୁ ଆମଦାନୀ କରୁଛି । ସେହିପରି ଫସଫରସ ପାଇଁ ରକ୍ ଫସଫେଟ୍, ପୋଟାସିୟମ ଏବଂ ସଲଫର ପାଇଁ ଭାରତ ପାଖରେ ନିଜସ୍ୱ ଖଣିଜ ଭଣ୍ଡାର ପ୍ରାୟତଃ ନାହିଁ କହିଲେ ଚଳେ । ଏହି କାରଣରୁ ଭାରତର ସାର ଶିଳ୍ପ ଏବଂ ବ୍ୟାପକ ଅର୍ଥରେ ଦେଶର ଖାଦ୍ୟ ସୁରକ୍ଷା ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳା ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡ଼ିଛି ।

ବର୍ତ୍ତମାନ ଇରାନ ଏବଂ ଇସ୍ରାଏଲ-ଆମେରିକା ମଧ୍ୟରେ ଚାଲିଥିବା ଘମାଘୋଟ ଯୁଦ୍ଧ ଏହି ନିର୍ଭରଶୀଳତାର ଭୟାବହତାକୁ ସାମ୍ନାକୁ ଆଣିଛି । ବିଶ୍ୱର ପ୍ରାୟ ଏକ ତୃତୀୟାଂଶ ସମୁଦ୍ର ପଥ ସାର ବାଣିଜ୍ୟ କେବଳ ହରମୁଜ୍ ପ୍ରଣାଳୀ ଦେଇ ହୋଇଥାଏ । ଯୁଦ୍ଧ କାରଣରୁ ଏହି ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ପଥ ବନ୍ଦ ସ୍ଥିତିରେ ଥିବାରୁ ଅନ୍ତର୍ଜାତୀୟ ବଜାରରେ ସାର ଦର ଆକାଶଛୁଆଁ ହେବାରେ ଲାଗିଛି । ଏହାର ପ୍ରଭାବରେ ରୁଷିଆ ଯାହାର ବିଶ୍ୱ ସାର ବାଣିଜ୍ୟରେ ୨୦ ପ୍ରତିଶତ ଅଂଶଦାନ ରହିଛି ଏବଂ ଚୀନ୍ ଯାହା ୨୦୨୩-୨୪ ପର୍ଯ୍ୟନ୍ତ ଭାରତର ପ୍ରମୁଖ ୟୁରିଆ ଓ ଡିଏପି ଯୋଗାଣକାରୀ ଦେଶ ଥିଲା, ସେମାନେ ନିଜ ଦେଶର ଘରୋଇ ଚାହିଦାକୁ ପ୍ରାଥମିକତା ଦେଇ ରପ୍ତାନି ଉପରେ କଟକଣା ଲଗାଇଛନ୍ତି । ଏହା ଫଳରେ ବିଶ୍ୱବଜାରରେ ସାରର ଘୋର ଅଭାବ ଦେଖାଦେଇଛି ଯାହା ଭାରତ ପାଇଁ ଏକ ବଡ଼ ସଙ୍କଟ ସୃଷ୍ଟି କରିଛି । ଜୀବାଶ୍ମ ଇନ୍ଧନ ସହିତ ଜଡ଼ିତ ଏହି ଦୁର୍ବଳତା କେବଳ ସାର କ୍ଷେତ୍ରରେ ସୀମିତ ନୁହେଁ । କୃଷି କ୍ଷେତ୍ରରେ ବ୍ୟବହୃତ ଟ୍ରାକ୍ଟର ଏବଂ କମ୍ବାଇନ ହାର୍ଭେଷ୍ଟର ଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଡିଜେଲ ଉପରେ ନିର୍ଭରଶୀଳ । ଗୋଟିଏ ସାଧାରଣ ୫୦ ଅଶ୍ୱଶକ୍ତି ବିଶିଷ୍ଟ ଟ୍ରାକ୍ଟର ଯଦି ରୋଟାଭେଟର, କଲ୍ଟିଭେଟର, ଡିସ୍କ ହାରୋ କିମ୍ବା ମୋଲ୍ଡ ବୋର୍ଡ ପ୍ଲାଉ ଟାଣିଥାଏ, ତେବେ ତାହା ଘଣ୍ଟାପ୍ରତି ୬ ରୁ ୭ ଲିଟର ଡିଜେଲ ଖର୍ଚ୍ଚ କରିଥାଏ । ବିନା ଭାରରେ ଚାଲିଲେ ମଧ୍ୟ ଏହା ୨ ରୁ ୩ ଲିଟର ଡିଜେଲ ନେଇଥାଏ । ସେହିପରି କୀଟନାଶକର ସକ୍ରିୟ ଉପାଦାନଗୁଡ଼ିକୁ ମିଶାଇବା ଏବଂ ସ୍ପ୍ରେ କରିବା ପାଇଁ ଉପଯୁକ୍ତ ଦ୍ରବଣ ପ୍ରସ୍ତୁତ କରିବା ନିମନ୍ତେ ବ୍ୟବହୃତ ହେଉଥିବା ଦ୍ରାବକ ଏବଂ ଇମଲସିଫାୟର ଗୁଡ଼ିକ ମଧ୍ୟ ମୁଖ୍ୟତଃ ନାପଥା ଏବଂ ଅନ୍ୟାନ୍ୟ ପେଟ୍ରୋଲିୟମ ଜାତ ଦ୍ରବ୍ୟରୁ ହିଁ ପ୍ରସ୍ତୁତ ହୋଇଥାଏ । ତେଣୁ ପଶ୍ଚିମ ଏସିଆରେ ଲାଗିରହିଥିବା ଅଶାନ୍ତି ଏବଂ ଅସମାହିତ ଯୁଦ୍ଧ ପରିସ୍ଥିତି ଏହି ସମସ୍ତ କୃଷି ଉପାଦାନର ମୂଲ୍ୟ ଏବଂ ଉପଲବ୍ଧତା ଉପରେ ଏକ ବିନାଶକାରୀ ପ୍ରଭାବ ପକାଉଛି । ସବୁଜ ବିପ୍ଳବ ଯେଉଁ ଜୀବାଶ୍ମ ଇନ୍ଧନ ଭିତ୍ତିକ ମଡେଲ ଉପରେ ଛିଡ଼ା ହୋଇଥିଲା, ଆଜି ତାହା ନିଜର ସବୁଠାରୁ ବଡ଼ ପରୀକ୍ଷାର ସମ୍ମୁଖୀନ ହୋଇଛି । ଭବିଷ୍ୟତରେ ଦେଶର ବିପୁଳ ଜନସଂଖ୍ୟା ପାଇଁ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବାକୁ ହେଲେ ଭାରତକୁ ନିଜର କୃଷି ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବାକୁ ପଡ଼ିବ ଏବଂ ଜୀବାଶ୍ମ ଇନ୍ଧନ ଉପରେ ଅତ୍ୟଧିକ ନିର୍ଭରଶୀଳତା ହ୍ରାସ କରି ବିକଳ୍ପ ତଥା ସ୍ଥାୟୀ କୃଷି ପଦ୍ଧତି ଆପଣାଇବା ଦିଗରେ ଗମ୍ଭୀରତାର ସହ ପଦକ୍ଷେପ ନେବାକୁ ପଡ଼ିବ ।

# ସର୍ବ ଭୂତ ହିତେ ରତାଃ



## ଶ୍ରୀମତୀ ବିଜୟଲକ୍ଷ୍ମୀ ଶତପଥୀ

ସମଗ୍ର ଜୀବଜଗତ, ସଚରାଚର ବିଶ୍ୱ ଯେ ସେହି ଦିବ୍ୟତ୍ୱର ପ୍ରତିଫଳନ ଏହା ଆମକୁ ହୃଦୟଙ୍ଗମ କରିବାକୁ ହେବ । ଯେତେବେଳେ ଏହି ଭାବ ଆମ ମଧ୍ୟରେ ଉଦ୍ରେକ ହେବ ସମସ୍ତଙ୍କ ପ୍ରତି ଆମର ପ୍ରେମ ପ୍ରସାରିତ ହେବ, କାହା ପ୍ରତି ମଧ୍ୟ ଘୃଣା କି ବିଦ୍ୱେଷ ଭାବ ରହିବ ନାହିଁ । ମାନବ ଜନ୍ମ ବଡ ଦୁର୍ଲଭ । ୮୪ ଲକ୍ଷ ଯୋନୀ ମଧ୍ୟରେ ମାନବ ଜୀବନ ଶ୍ରେଷ୍ଠ । ଏହି ମନୁଷ୍ୟ ଜନ୍ମ ଏକ ସର୍ବୋତ୍କୃଷ୍ଟ ସାଧନ ଆଉ ଏକ ଜନ୍ମ ନ ପାଇବା ପାଇଁ । 'ସର୍ବ ଜନ ହିତାୟ, ସର୍ବ ଜନ ସୁଖାୟ' ମାନବର ଜନ୍ମ ସିଦ୍ଧ ପ୍ରବୃତ୍ତି । କେବଳ ଯେ ମାନବ ନୁହଁ, ସଚରାଚର ଜୀବ ଜଗତର ପ୍ରତ୍ୟେକ ପ୍ରାଣୀଙ୍କ ହିତରେ ମାନବ ସବୁବେଳେ । 'ସର୍ବ ଭୂତ ହିତେ ରତାଃ' ଏହି ମନ୍ତ୍ର, ଏହି ଭାବ, ଭଗବାନଙ୍କ ଶ୍ରେଷ୍ଠ ସୃଷ୍ଟିର ପ୍ରତିଟି ରକ୍ତ କଣିକାରେ ପ୍ରବାହିତ । ଯେମିତି ପାଦରେ କଣ୍ଟା ଫୋଡ଼ି ହୋଇଗଲେ ଆଖିରୁ ଲୁହ ଝରି ଆସେ ଏବଂ ହାତ କଣ୍ଟାକୁ କାଢି ଦେବା ପାଇଁ ତତ୍ପର ହୋଇ ଉଠେ, ଏହି ସମ୍ପୂର୍ଣ ସୃଷ୍ଟି ମଧ୍ୟ ଏକ ଈଶ୍ୱରଙ୍କ ସ୍ୱରୂ ଏବଂ ସମସ୍ତଙ୍କ ହିତରେ ହିଁ ଦିବ୍ୟ ଆନନ୍ଦ ନିହିତ ।


ଶ୍ରୀମଦ ଭଗବତ୍ ଗୀତାରେ ଏହି ବାକ୍ୟାଂଶଟି ପମ ଓ ଦ୍ୱାଦଶ ଅଧ୍ୟାୟରେ ଦୁଇଥର ଆସିଛି । ତେବେ ସର୍ବ ଭୂତ ହିତେ ରତ କିଏ ହୋଇ ପାରିବ ପୁଣି କେତେବେଳେ ହୋଇ ପାରିବ? ନିଃସନ୍ଦେହରେ କୁହାଯାଇପାରେ ଭଗବତ୍ ଚେତନାରେ ଯିଏ ନିଜକୁ ବିଲୀନ କରି ଦେଇଛି ଏବଂ ଯେତେବେଳେ ସେ ସର୍ବତ୍ର ସମସ୍ତଙ୍କ ମଧ୍ୟରେ ଭଗବତ୍ ଦର୍ଶନ କରି ପାରୁଛି ସେ ହିଁ ସମସ୍ତଙ୍କ କଲ୍ୟାଣରେ ନିଜକୁ ନିୟୋଜିତ କରି ପାରିବ । ବାସ୍ତବିକ୍ ଲୋକ ହିତରେ ହିଁ ନିଜର ରମ ସ୍ୱାର୍ଥ ନିହିତ । ଯେଉଁମାନେ ଅନ୍ୟର ସୁଖର ଆୟୋଜନ କରନ୍ତି,ସେମାନଙ୍କ ଦୁଃଖ ଆପେ ଆପେ ନଷ୍ଟ ହୋଇଯାଏ । ରାଜା ରନ୍ତିଦେବ କହିଥିଲେ, ନା ମୁଁ ରାଜ୍ୟ ଚାହୁଁଛି ନା ସ୍ୱର୍ଗ ଚାହୁଁଛି, ମୁଁ ମୋକ୍ଷ ବି ଚାହୁଁନାହିଁ । କେବଳ ଦୁଃଖୀ ଲୋକଙ୍କ ଦୁଃଖ ଦୂର କରିବା ର ମୋର ଇଚ୍ଛା ରହିଛି । ସନ୍ଥ ଏକନାଥ ସେହି ଗଧ ମଧ୍ୟରେ ବି ଭଗବାନଙ୍କ ଦର୍ଶନ କରିଥିଲେ ଏବଂ ଗଙ୍ଗା ଜଳକୁ ଦେଇ ତୃଷା ନିବାରଣ କରିଥିଲେ । ରାଜା ଶିବି ତ କପୋତର ସୁରକ୍ଷା ପାଇଁ ନିଜ ଶରୀରରୁ ମାଂସ ଦେବାକୁ ମଧ୍ୟ ପଛେଇ ନ ଥିଲେ । ଛେଳିଟିକୁ ନାଳରୁ ଉଦ୍ଧାର କରିବା ବେଳେ ନିଜ କଷ୍ଟର ଉପଶମ କରିବାର ଭାବ ହିଁ ବିରାଜିତ । ଏସବୁ ସର୍ବ ଭୂତ ହିତରେ ଆମକୁ ରତ ରଖିବାର ପ୍ରେରଣା ।

ଭଗବାନ ବ୍ୟାସ ଦେବ ମଧ୍ୟ କହିଛନ୍ତି, 'ଅଷ୍ଟାଦଶ ପୁରାଣସ୍ୟ ବ୍ୟାସସ୍ୟ ବଚନମ୍ ଦ୍ୱୟମ୍, ପରୋପକାରାୟ ପୂଣ୍ୟାୟ ପାପାୟ ପର ପିଡନମ୍' । ଆମେ ସମସ୍ତେ ଜାଣୁ ବୃକ୍ଷ ଛାୟା ଓ ଫଳ ପ୍ରଦାନ କରେ, ମେଘ ବର୍ଷା କରେ, ନଦୀ ପ୍ରବାହିତ ହୋଇଚାଲେ, ଗାଇ ଦୁଗ୍ଧ ପ୍ରଦାନ କରେ କେବଳ ପରର ଉପକାର ପାଇଁ । ଭଗବାନ ବାବା କହନ୍ତି, ଆମେ ଯାହାକୁ ପର ବୋଲି କହୁଛ, ସେ ହିଁ ହେଉଛନ୍ତି ପରମେଶ୍ୱର, ନର ସେବାକୁ ନାରାୟଣ ସେବା ମନେ କର, ମାନବ ସେବା ହିଁ ମାଧବ ସେବା । କେବଳ ବସ୍ତୁ ଓ ଶରୀର ଦ୍ୱାରା ସେବା କରିଦେବା ସେବା ନୁହେଁ, ବରଂ ନିଜ ପାଇଁ କିଛି ବି ଅଭିଳାଷ ନ ରଖି କେବଳ ଅନ୍ୟମାନଙ୍କ ମଙ୍ଗଳ କାମନା କରି କର୍ମ କରିବା ହିଁ ପ୍ରକୃତ ସେବା । ଭଗବାନ କହନ୍ତି, ନିଜକୁ ସେବକ ରୂପେ ପ୍ରତିଷ୍ଠିତ କରିବାର ଇଚ୍ଛା ମଧ୍ୟ ରଖ ନାହିଁ କାରଣ ସେବକ ସେବ୍ୟ ଠାରୁ ଅଭିନ୍ନ । ଆମ ନିଜ ଶରୀରର ଯତ୍ନ ନେବା ପାଇଁ କେହି କଣ ଆମକୁ ଉପଦେଶ ଦିଏ ? ଆମେ ନିଜେ ହିଁ ନିଜର ଯତ୍ନ ନେବା ପାଇଁ ସଦା ପ୍ରସ୍ତୁତ ଥାଉ ଏବଂ ସେଥିପାଇଁ ସେବାର ଅଭିମାନ ଆମ ମନରେ ଆସେନାହିଁ । ସେହିପରି ସବୁରି ଭିତରେ ସେହି ଏକ ଈଶ୍ୱର ସତ୍ତାଙ୍କ ଅନୁଭବ ଆମକୁ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରେରିତ କରେ ଏବଂ ମୁଁ କରୁଛି ଏ ଭାବ ମଧ୍ୟ ଆମ ଭିତରେ ଆସିବାକୁ ଦିଏ ନାହିଁ ଏବଂ ଅହମ୍ ଭାବରୁ ସବୁବେଳେ ଦୂରେଇ ରଖେ ।

ଜଗତ, ଜୀବ, ପରମାତ୍ମା ଏ ତିନି ଦୃଷ୍ଟିରୁ ଆମେ ଏକ । ତେଣୁ ସାଧକ ନିଜ ଶରୀର ପରି ସମସ୍ତ ପ୍ରାଣୀଙ୍କୁ ନିଜର ମନେ କଲେ ସବୁରି ହିତ ସାଧନରେ ସେ ଲାଗିଯାଏ ଏବଂ ପ୍ରାଣୀର ହିତରେ ହିଁ ସେ ପ୍ରୀତ ହୋଇଥାଏ । କିନ୍ତୁ ସମସ୍ତ ମନ୍ଦକୁ ବି ଆମକୁ ଦୂରେଇ ଦେବାକୁ ହେବ । ମନ୍ଦ ଦୂରେଇ ଗଲେ ହିତ ସାଧନ ଆପେ ଆପେ ଆସିଯିବ । ନିଜ ଦାନ୍ତ ଯଦି ଜିଭକୁ କାମୁଡ଼ି ଦିଏ, ତା ପ୍ରତି କ୍ରୋଧ କରି ଦାନ୍ତ ଭାଙ୍ଗି ଦିଆ ଯାଏ ନାହିଁ । ଠିକ୍ ସେହିପରି ସମସ୍ତଙ୍କୁ ନିଜର ମନେ କଲେ, କେହି ଆମର ମନ୍ଦ କଲେ ମଧ୍ୟ ତା ପ୍ରତି ଭଲ ବ୍ୟବହାର ଓ ମଙ୍ଗଳ କାମନା ହିଁ କରି ହୁଏ । ଶ୍ରୀ ସତ୍ୟସାଇ ସେବା ସଂଗଠନରେ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଆବାଳ ବୃଦ୍ଧ ବନିତା ଯୋଗ ଦେଇଥାନ୍ତି ଏବଂ ପ୍ରତିଟି କାର୍ଯ୍ୟଧାରା ଆମକୁ ଭଗବାନଙ୍କ ସହ ସଂଯୁକ୍ତ କରିଥାଏ । କୁନି କୁନି ବାଳ ବିକାଶ ପିଲା ମାନେ ନାରାୟଣ ସେବା, ଜଳ ସେବାରେ ନିଜକୁ ନିୟୋଜିତ କରିବା ବେଳେ ସ୍ୱୟଂ ଭଗବାନଙ୍କୁ ଭୋଜନ ଓ ପାନୀୟ ଦେବାର ଭାବ ସହ ସେବା କରିଥାନ୍ତି । ପ୍ରେମ ତରୁ ମାଧ୍ୟମରେ ବୃକ୍ଷ ଦେବତାଙ୍କ ପୂଜା କରୁଥିବା ବେଳେ ସାଇ କରୁଣା ମାଧ୍ୟମରେ ତାଙ୍କ ହୃଦୟରେ ଭଗବତ୍ ସେବା ଭାବ ହିଁ ବିରାଜିତ ହୋଇଥାଏ । ଜଣେ ବାଳବିକାଶର ଶିଶୁ ସବୁବେଳେ ଜୀବନରେ ଦୁଇଟି ମନ୍ତ୍ର ନେଇ ବଡ ହୋଇ ଚାଲେ । ପ୍ରଥମଟି ହେଉଛି 'ଭଗବାନ ଅଛନ୍ତ' ଏବଂ ଦ୍ୱିତୀୟଟି ହେଉଛି 'ସେହି ଭଗବାନ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ ଅଛନ୍ତି ।' ଏହି ଦୁଇଟି ଜୀବନ ମନ୍ତ୍ର ହିଁ ସର୍ବ ଭୂତ ହିତେ ରତ ରଖିବାକୁ ଜୀବନ ସାରା ପ୍ରେରଣାର ସ୍ରୋତ ହୋଇ ରହେ ଏବଂ ସମସ୍ତଙ୍କ ମଙ୍ଗଳ ସାଧନ ଜୀବନର ଶ୍ୱାସ ହୋଇଯାଏ । ପ୍ରତ୍ୟେକ ବ୍ୟକ୍ତି ଜୀବନରେ ଏହି ଭାବ ସହ ଆଗେଇବାକୁ ହେବ । 'ଇସ୍କି କଙ୍କର କଙ୍କର୍ ଶଙ୍କର ହେ, ବୁନ୍ଦ୍ ବୁନ୍ଦ ଗଙ୍ଗା ଜଲ୍ ହେ ।' ଭାରତୀୟ ସଂସ୍କୃତି ଇଟା ମଧ୍ୟରେ ଇଷ୍ଟ ଦର୍ଶନ କରେ, ଶିଳା ମଧ୍ୟରେ ଶାଳଗ୍ରାମଙ୍କୁ ଦେଖେ, ସଚରାଚର ସୃଷ୍ଟି ମଧ୍ୟରେ ସ୍ରଷ୍ଟାଙ୍କୁ ହିଁ ପୂଜା କରିବା ଶିଖାଏ । 'ସର୍ବ ଭୂତ ହିତେ ରତାଃ' ଏହା ଲକ୍ଷ୍ୟ ସାଧନ ପାଇଁ ମାନବ ଜୀବନର ମନ୍ତ୍ର ହୋଇ ଯୁଗ ଯୁଗ ଧରି ପ୍ରେରକ ଶକ୍ତି ହୋଇ ରହିଛି ଓ ରହିଥିବ ।

+ଖରିଆର ରୋଡ, ନୂଆପଡ଼ା

# ଝାଡଖଣ୍ଡରେ ନୃସିଂହ ଚତୁର୍ଦ୍ଦଶୀ ବ୍ରତ



## ଇନ୍ଦୁ ଭୂଷଣ ଭୂୟାଁ

ଭଗବାନ ଶ୍ରୀବିଷ୍ଣୁଙ୍କ ଦଶ ଅବତାର ଯେଉଁ ରହିଛି ସେ ଭିତରୁ ଚତୁର୍ଥ ଅବତାର ହେଉଛନ୍ତି ଭଗବାନ ନୃସିଂହ ଯାହାଙ୍କ ସ୍ୱରୂପ ହେଉଛି ମସ୍ତକ ଭଳି ସିଂହ କିନ୍ତୁ ସେ ମନୁଷ୍ୟ ଶରୀର ଧାରଣ କରିଥାନ୍ତି । ଯୁଗେ ଯୁଗେ ଭକ୍ତଙ୍କୁ କିପରି ତତ୍କାଳ ଆବିର୍ଭୂତ ହୋଇ ଭଗବାନ ଉଦ୍ଧାର କରିଥାନ୍ତି ତାର ବଡ଼ ଉଦାହରଣ ଭାବେ ଭକ୍ତ ପ୍ରହ୍ଲାଦଙ୍କୁ ପୋଥି ପୁରାଣରେ ଜଣେ ଶ୍ରେଷ୍ଠ ଭକ୍ତ ଭାବେ ଗୌରବ ପ୍ରଦାନ କରାଯାଇଛି । ଆଉ ଏହି ନୃସିଂହ ଚତୁର୍ଥୀ ଦିନ ଭଗବାନ ନୃସିଂହ ରୂପରେ ସ୍ତମ୍ଭରୁ ବାହାରି ରାକ୍ଷସ ରାଜ ହିରଣ୍ୟ କଶିପୁଙ୍କୁ ବିଦାରି ଦେଇଥିଲେ । ଏହି ଦିନଟି ଅତିବ ପବିତ୍ର, ଏହି ଦିନରେ ଅନେକ ଓଡ଼ିଆଙ୍କ ଘରେ ଷୋଡ଼ଶ ଉପଚାର ପୂଜା ହୋଇଥାଏ । ଆଧ୍ୟାତ୍ମିକ ଭକ୍ତିପୂତ ପରିବେଶ ଭିତରେ ଏହି ଦିନଟି ଅତିବାହିତ କରାଯାଏ ।

ଆଜିକାଲି ଅନେକ ଓଷା ବ୍ରତ ଓ ପର୍ବପର୍ବାଣୀ ଆଉ ପୂର୍ବ ପରି ପାଳିତ ହେଉନି । ପ୍ରତିଟି ଓଷା ବା ବ୍ରତର ଗୋଟିଏ ଗୋଟିଏ କାହାଣୀ ରହିଛି । ଏହି କାହାଣୀରେ ଘଟଣାଗତ ବୈଚିତ୍ର୍ୟ ବା ଜଟିଳତା କ୍ୱଚିତ ଥାଏ ତେବେ ଅଧିକାଂଶ ଓଷା ବ୍ରତ ଅତ୍ୟନ୍ତ ଶିକ୍ଷାପ୍ରଦ ଥାଏ । ଓଡ଼ିଶାକୁ ଲାଗିଛି ଝାଡ଼ଖଣ୍ଡ । ଝାଡ଼ଖଣ୍ଡରେ ଓଡ଼ିଆ ହେଉଛି ଦ୍ୱିତୀୟ ଭାଷା । ମୋର ଏଠାରେ ରହିବାରେ ତିନି ପିଢ଼ିରୁ ଉର୍ଦ୍ଧ୍ୱ ହେବ । ମୋ ଜେଜିମା ସନ୍ଧ୍ୟା ସମୟରେ ଦୀପ ଆଲୁଅରେ ବିନା ଚଷମାରେ ଓଡ଼ିଆ ଆଧ୍ୟାତ୍ମିକ ଭାବଚେତନା ଓ ଜୀବନ ପ୍ରବାହର ଆଧ୍ୟାତ୍ମିକ ଅମୂଲ୍ୟ ଗ୍ରନ୍ଥ କୁହାଯାଉଥିବା ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ପଢ଼ିଥାଏ । ପ୍ରଥମେ ଘରେ ଥିବା ଦେବା ଦେବୀ ଓ ପୋଥିକୁ ମୁଣ୍ଡିଆମାରି ପ୍ରଥମେ ହିଁ କହିଥାଏ 'ନମଇଁ ନୃସିଂହଚରଣ' । ଆଜି ମୋ ଜେଜିମା ସ୍ୱଦେହରେ ନାହାନ୍ତି ସତ କିନ୍ତୁ ତାଙ୍କ ଅପାଶୋରା ସେହି ଭାବପୂର୍ଣ୍ଣ ଓ ଆମ ସାଧାରଣ ଜନଜୀବନ ପାଇଁ ଅନେକ ଶିକ୍ଷା ଦେଉଥିବା ଶ୍ରୀମଦ ଭାଗବତ ଯେ ଆମ ମାନଙ୍କ ପାଇଁ କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ଆମେ ଜାଣିଛୁ । ଭଗବାନ ନୃସିଂହଙ୍କ ସମ୍ପର୍କରେ ପୁରାଣରେ ବିଶେଷକରି 'ସ୍କନ୍ଧ ପୁରାଣ ଉତ୍କଳ ଖଣ୍ଡ'ରେ ଉଲ୍ଲେଖ ରହିଛି । ମହାପ୍ରଭୁ କୋଟି ଜନକ ମଣି ଶ୍ରୀଜଗନ୍ନାଥଙ୍କ ଉଗ୍ର ରୂପ ହେଉଛି ଭଗବାନ ଶ୍ରୀ ନୃସିଂହ । ଭଗବାନ ଶ୍ରୀ ନୃସିଂହଙ୍କ ଅବତାର ଏ ଧରା ପୃଷ୍ଠକୁ ପାଦ ଦେଇଥିଲେ ବୈଶାଖୀ ଶୁକ୍ଳ ଚତୁର୍ଦ୍ଦଶୀରେ । ନୃସିଂହ ଚତୁର୍ଦ୍ଦଶୀ ଓଡ଼ିଆ ସାମାଜିକ ଆଧ୍ୟାତ୍ମିକ ଭାବ ଚେତନାର ଏକ ପବିତ୍ର ଓ ସ୍ମରଣୀୟ ଦିନଟି । ଏହି ଦିନେ ଘରେ ଘରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ହେବା ସହ ଭଗବାନ ନୃସିଂହଙ୍କ ପୂଜା ପାଠ ହୋଇଥାଏ । କେବଳ ଗ୍ରାମାଞ୍ଚଳର ମଠ ମନ୍ଦିର ନୁହେଁ ସହରାଞ୍ଚଳରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ମଧ୍ୟ ଅନେକ ପୂଜା ନୀତିକାନ୍ତି ପ୍ରସ୍ତୁତ ହୋଇଥାଏ ।

ନୃସିଂହ ବ୍ରତ ସମ୍ପର୍କରେ 'ଭବିଷ୍ୟ' ପୁରାଣରେ ଉଲ୍ଲେଖ ରହିଛି । ଝାଡ଼ଖଣ୍ଡରେ ଓଡ଼ିଆ ସବୁଠି ଭର୍ତ୍ତି । ବିଶେଷକରି ଉତ୍କଳ ଆସୋସିଏସନ ପରିସର ସ୍ଥିତ ଜଗନ୍ନାଥ ମନ୍ଦିର, ଗୋଲମୁରୀ ଉତ୍କଳୀ ସମାଜ ପରିସରସ୍ଥିତ ଜଗନ୍ନାଥ ମନ୍ଦିର, ଶାସ୍ତ୍ରୀ ନଗର ବାନ୍ଧବ ସମିତି ସ୍ଥିତ ଜଗନ୍ନାଥ ମନ୍ଦିର, ଗୋଲପାହାଡ଼ି ସ୍ଥିତ ଜଗନ୍ନାଥ ମନ୍ଦିର, ଖାସମହଲ ରେଲୱେ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ଦେବାଳୟରେ ଓଡ଼ିଆଙ୍କ ଭିଡ଼ ଜମିଥାଏ ଏବଂ ନୂତନ ବସ୍ତ୍ର ପରିଧାନ କରି ଭଗବାନ ନୃସିଂହଙ୍କ ପୂଜା ଆରାଧନ ହୋଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ମହାପ୍ରଭୁ ଶ୍ରୀନୃସିଂହ । ତେଣୁ ଜଗନ୍ନାଥଙ୍କର ଏହି ଦିବସରେ ନୃସିଂହ ବେଶ ଅନୁଷ୍ଠିତ ହୋଇଥିବାରୁ ଏହି ଦେବ ଦୁଲ୍ଲର୍ଭ ବେଶ ଦର୍ଶନ କରିବା ପାଇଁ ଜଗନ୍ନାଥ ମନ୍ଦିରରେ ଭିଡ଼ ହୋଇଥାଏ । ଆମ ଓଡ଼ିଆ ଭାଷାବାସୀଙ୍କ ପ୍ରମୁଖ ସ୍ଥାନ ଗୁଡ଼ିକ ହେଉଛି ସାକଚୀ, କଦମା, ସୋନାରୀ, ବର୍ମା ମାଇନ୍ସ, ସିଦ୍ଧଗୋଡ଼ା, ବାରେଡ଼ି, ବିଜୟା ଗାର୍ଡ଼େନ, ବିର୍ସା ନଗର, ଆଦିତ୍ୟପୁର, ଟାଟାନଗର, ଖାସମହଲ, କରାଣ୍ଡି, ପର୍ଶୁଡିହ ପ୍ରମୁଖ । ହଁ, ଝାଡ଼ଖଣ୍ଡର ଓଡ଼ିଆ ମନ୍ଦିର ଓ ନୃସିଂହ ବ୍ରତ ପୂଜା ସମ୍ପର୍କରେ ଲେଖୁଥିବାବେଳେ ଏଠାରେ କହି ରଖେ ପଣ୍ଡିତ ଗୋପୀନାଥ ମିଶ୍ର ହେଉଛନ୍ତି ଜାମସେଦପୁରର ପ୍ରତିଷ୍ଠିତ କର୍ମକାଣ୍ଡ ପୁରୋହିତ ଓ ବିଶିଷ୍ଟ ଯଜ୍ଞ ପୂଜକ, ତତ୍ତ୍ୱଜ୍ଞାନୀ । ତେବେ ଜାମସେଦପୁରରେ କେଦାର ନନା ଓ ବାଇଧର ନନାଙ୍କ ନାଁ ମଧ୍ୟ ବେଶ ଜଣାଶୁଣା । ବାରିଡିହର ଚକ୍ରଧର ନନା, କଦମାର ଶଙ୍କର ନନା, ପ୍ରଭାକର ନନା, ଗନୁ ନନା, କାଶିଡିଅର ନିରଞ୍ଜନ ନନା, କେଦାର ନନା, ଲମ୍ବୋଦର ନନା, ପ୍ରଦୀପ ନନା ଓ ମଣ୍ଟୁ ନନା, ଗୌରାଙ୍ଗ ନନା ଆଦି ପୂଜା ପାର୍ବଣ କ୍ଷେତ୍ରରେ ଜଣେ ଜଣେ ପ୍ରତିଷ୍ଠିତ ଓ ସୁନାମ ଧନ୍ୟ ଓଡ଼ିଆ ନନା । ବିଶେଷକରି ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ଦେବାଳୟରେ ସେମାଙ୍କର ପୂଜାର୍ଚ୍ଚନା ପୁରାପୁରି ନିଆରା । ଆମ ଉତ୍କଳ ଆସୋସିଏସନର ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ପୂଜକ ହେଉଛନ୍ତି ଶ୍ରୀକାନ୍ତ ମିଶ୍ର । ତାଙ୍କ ପରି ଜଣେ ନୀତି ନିଷ୍ଠ ସରଳ, ଜ୍ଞାନଗର୍ଭୀ ଅଥଚ ନିରବ ସାଧକ ଭାବେ ସମାଜରେ କମ ମିଳିବେ । ଉତ୍କଳ ଆସୋସିଏସନର ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ଦୁଇ ଉପସଭାପତି ସଞ୍ଜୟ ପାତ୍ର ଓ ବାଦଲ ଭୂୟାଁ ସାଧାରଣ ସମ୍ପାଦକ ତରୁଣ କୁମାର ମହାନ୍ତି, ସହ-ସମ୍ପାଦକ ବିଭୂତି ଭୂଷଣ ମହାନ୍ତି, କୋଷାଧ୍ୟକ୍ଷ ମନୀଷ ଦାଶଙ୍କ ବ୍ୟତୀତ ନିରଞ୍ଜନ ନାୟକ, ମନୋରଞ୍ଜନ ଗୌଡ଼, ଅଶୋକ ମହାପାତ୍ର, ଜୟ ପ୍ରକାଶ ଲେଙ୍କା, କିଶୋର ନାୟକ, କିଶୋର ମହାନ୍ତି, ସୌମେନ୍ଦ୍ର ଭୂୟାଁ, ମନୋରଞ୍ଜନ ପଶାୟତ, ମନୋରଞ୍ଜନ ସ୍ୱାଇଁ, ପବିତ୍ର ଜେନା, ସଞ୍ଜୟ ମହାନ୍ତି, ଦିଲ୍ଲୀପ ସାହୁ, ପ୍ରଶାନ୍ତ ଦାସ, ମନୋରଞ୍ଜନ ଗିରି, ଡକ୍ଟର ବିଧୁ ଭୂଷଣ ଭୂୟାଁ ଓ ଡକ୍ଟର ପ୍ରଭାତ କୁମାର ପାଢ଼ୀ, ଅଶୋକ ସାମନ୍ତ ପ୍ରମୁଖ ସଦସ୍ୟ ଓ ଅନ୍ୟ ଓଡ଼ିଆ ଭାଇଭଉଣୀମାନେ ଏହି ଦିନରେ ବିଭିନ୍ନ ପୂଜା କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି ।

ଆମ ଝାଡ଼ଖଣ୍ଡର ନୃସିଂହ ଚତୁର୍ଦ୍ଦଶୀ ବ୍ରତ ସମ୍ପର୍କରେ ଯେତିକି ତଥ୍ୟ ସଂଗ୍ରହ କଲି ପାଖାପାଖି ଆବହମାନ ସମୟରୁ ଜଗନ୍ନାଥମନ୍ଦିରରେ ନୃସିଂହ ଚତୁର୍ଦ୍ଦଶୀ ବ୍ରତ ପାଳନ ହୋଇଥାଏ । କଦମାସ୍ଥିତ ଜଗନ୍ନାଥ ମନ୍ଦିର ବାହାରେ ବୁଲି ମାଉସୀଙ୍କ ପୂଜା ସାମଗ୍ରୀ ଫୁଲ ଦୋକାନ ପାଇବେ । ସେ ମଧ୍ୟ ଏଠାରେ ତିନି ପିଢ଼ି ଧରି ରହିଲେଣି ।




ଆଦିତ୍ୟପୁର ଜଗନ୍ନାଥ ମନ୍ଦିର ଯିବାର ପଛ ପଟ ମୁଖ୍ୟ ରାସ୍ତାର ଡାହାଣ ପଟକୁ ଜଗନ୍ନାଥ ଭାଇଙ୍କ ଫୁଲ ଦୋକାନ । ତାଙ୍କ ଗୋସେଇଁ ବାପା ଜାମସେଦପୁରରେ ପୂଜାପାଠ କାମ କରି ପରବର୍ତ୍ତୀ ପିଢ଼ି ପାଇଁ ଏକ ପ୍ରକାର କ୍ଷେତ୍ର ପ୍ରସ୍ତୁତ କରିଥିଲେ । ବର୍ମା ମାଇନ୍ସର ଓଡ଼ିଆ ଭାଇ ବଲ୍ଲଭ ସାହୁଙ୍କ ଲୁଗା ଦୋକାନାରେ ପୂଜା ପୋଷାକ, ଉଭୟ ବ୍ରାହ୍ମଣ ଯଜ୍ଞପୂଜକ ଓ ମହିଳା ପୁରୁଷଙ୍କପାଇଁ ମିଳିଥାଏ । ସେ ଏ ସବୁ ଜିନିଷ ବିଲାସପୁର, ବାରାଣାସୀ ଓ ତ୍ରିଚୁରରୁ ମଗାଇ ଥାନ୍ତି । ତେବେ ଜାମସେଦପୁରରେ ତୁଳସୀ ଓ ବିଭିନ୍ନ ପ୍ରକାର ଫୁଲର ଅଭାବ ନାହିଁ କିନ୍ତୁ ନତିଦିନ ନାଇଟ ବସରେ ଏବଂ ରାତି ଟ୍ରେନରେ ଓଡ଼ିଶାରୁ ଅନେକ ଫୁଲ ଓ ବିଭିନ୍ନ ପୂଜା ଦ୍ରବ୍ୟ ପାଇଁ ଆବଶ୍ୟକୀୟ ଜିନିଷ ସବୁ ଆସିଥାଏ । ଏ କ୍ଷେତ୍ରରେ ଜାମସେଦପୁରର ଜଣେ ବିପୁଳ ଭାଇ ବେଶ ପରିଚିତ । ନୃସିଂହ ଚତୁର୍ଥୀ ଦିନ ତମାମ ଜାମସେଦପୁରର ଓଡ଼ିଆଙ୍କ ଘରେ ଘରେ ପୁଣ୍ୟମୟ ଆନନ୍ଦମୟ ଭାବଧାରା ଛୁଟି ପଡ଼େ । ସକାଳୁ ଘରର ପ୍ରବେଶ ପଥରେ ଆମ୍ବଡାଳିଆ, କଳସୀ ଓ ତୁଳସୀ ପୂଜା ସହିତ ପାହାନ୍ତି ପ୍ରହର ସମୟରୁ ପୂଜା କାର୍ଯ୍ୟ ସହ ସୂର୍ଯ୍ୟଙ୍କୁ ବନ୍ଦାପନା ଓ ଜଳଦାନ କରାଯାଇଥାଏ । ଝୋଡ଼ି ଚିତାରେ ଘର ବାହାର ଏକ ଭାବ ଗମ୍ଭୀର ପରିବେଶ ସୃଷ୍ଟି କରେ । ଅନେକ ସହୃଦୟ ଓ ବିତ୍ତଶାଳୀ ଓଡ଼ିଆ ଭାଇ ଭଉଣୀମାନେ ଏହି ଦିନରେ ବିଭିନ୍ନ ଦାନ କରିଥାନ୍ତି । ଅନ୍ନଦାନ, ବସ୍ତ୍ରଦାନ ଓ ବିଭିନ୍ନ ପ୍ରକାର ସହାୟତା କରିଥାନ୍ତି । ଏହି ଦିନଟି ଲାଗିଥାଏ ସତେଯେପରି ଜାମସେଦପୁରଟି ଏକ ଓଡ଼ିଆ ଭାବନାର ଏପରି ମଜୁଭୁତ ମୂଳକ, ଯେଉଁଠି ହଜାର ହଜାର ଭାଇଭଉଣୀ, ମା ମାଉସୀ, ପିଲମାନେ ବିଭିନ୍ନ ମନ୍ଦିରରେ ଏକତ୍ରିତ ହୋଇଥାନ୍ତି । ନୃସିଂହ ବ୍ରତର ମହିମା ହେଉଛି ଏହି ବ୍ରତର ପ୍ରଭାବରେ ବ୍ରତ ଧାରୀର ଦିବ୍ୟ ଜ୍ଞାନ ଉଦୟ ହୋଇଥାଏ । ଧର୍ମପ୍ରତି ଜଣେ ଅଧିକ ନିବିଡ଼ ହୋଇଥାଏ । ସହଜେ ଏ କର୍ମମୟ ସଂସାର ହେଉଛି ସେହି ମହାବିଷ୍ଣୁଙ୍କ ଜଳମୟ କ୍ଷେତ୍ର । ସାଂସାରିକ ବ୍ୟାପାର ଭିତରେ ଜନ୍ମମୃତ୍ୟୁର ଚକ୍ର ଓ ସୁଖ ଦୁଃଖ ଭିତରେ ଭଗବାନ ଶ୍ରୀନୃସିଂହ ଆମ ସମସ୍ତଙ୍କୁ କୃପା ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା ।

+ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର




## ପ୍ରେମିକା

### ସୁଜିତ କୁମାର ମିଶ୍ର





ମୋହ ମହୋଦଧି କୋହ କୁଞ୍ଜବନ ମମତା ନଈର ଧାରେ,
ଅକୁହା ଆଳାପ ଅନୁରାଗ ତଟେ ଅନ୍ତରଙ୍ଗ ବରଷାରେ ।
ମନ ଗୋପଦାଣ୍ଡ ଝୁରେ ଅହରହ ମିଠା ଶିରାବଣ ପରି,
ଲୁହର ସ୍ୟାହିରେ ଅସରନ୍ତି ଚିଠି ଲକ୍ଷେ ଫଗୁଣର ଲୋରି ।

ଆପଣାପଣର ମଳୟରେ ତୁମେ ଅନିନ୍ଦ୍ୟ ସୁନ୍ଦରୀ ରାଧା,
ମତ୍ତ ବଇଶାଖ ବିସ୍ମରଣ ମନୁ ମାଧୁରିମା ମଧୁଛନ୍ଦା ।
ସବୁ ଋତୁ ତୁମ ହୃଦ ଅଗଣାରେ ବସନ୍ତର ମହୋତ୍ସବ,
ଅତିନ୍ଦ୍ରୀୟ ସୁଖ ରଙ୍ଗ ରୋଷଣୀରେ ଅନୁପମ ବଇଭବ ।

ଚେତନାର ତୁମେ ଚନ୍ଦନ ବନ ଯେ ଚାହାଣୀର ଚଇତାଳି,
ବଇଭବ ଭରା ଚିଲିକାର ଚିତ୍ର ବର୍ଷା ମାଟି ଭାବ କେଳି ।
ଗୋଲାପୀ ଓଠର ମିଠାହସେ ତୁମ ଗୀତିମୟ ଗୁଞ୍ଜରଣ,
ତମିସ୍ରାରେ ସ୍ଥିର ଆଲୋକର ଧାରା ତପସ୍ୱିନୀ ଉଚ୍ଚାରଣ ।

ଦରଦୀ ସ୍ପନ୍ଦନ ପରମ ପ୍ରେମିକା ଦୀପଟିଏ କେଉଁକାଳୁ,
ଜଳେ ସେ ନୀରବେ ନୀଳକଇଁ ପରି ଯାତନାରେ ଛାତିତଳୁ ।

+ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ନାରୀ

### ବିଶ୍ୱଜିତ ପୁହାଣ



ହଁ ସେଇ ବିଶ୍ୱାସର ବହ୍ନି ତୁ
ଜ୍ୟୋତି ତୁ ....... ତୁ ହିଁ ଆଲୋକ
ହଁ ଅନନ୍ୟ ବି ତୁ ।।


ବିନ୍ଦୁରେ ଗଢିପାରୁ ସାଗର
ନିତ୍ୟ ତୁ ....... ତୁ ହିଁ ପରିଚୟ
ହଁ ଆନନ୍ଦ ବି ତୁ ।।

ପାଉଁଶ ଆଭ୍ୟନ୍ତର ସୁବର୍ଣ୍ଣ
ସତ୍ୟ ତୁ ....... ତୁ ହିଁ ଅନନ୍ତ
ହଁ ବ୍ରହ୍ମ ବି ତୁ ।।

ହଁ ସେଇ ମମତା ମୃଣ୍ମୟୀ ତୁ
ଜନନୀ ତୁ ....... ତୁ ହିଁ ଜାୟା
ହଁ ଭଗିନୀ ବି ତୁ ।।

ମା ନାରାୟଣୀ ନିଷ୍ଠାରେ ତୁ
ପ୍ରେମ ତୁ ....... ତୁ ହିଁ ପରିପୂର୍ଣ୍ଣ
ହଁ ସେଇ ନାରୀ ତୁ ।।

+ସ୍ନାତକୋତ୍ତର ଗ୍ରନ୍ଥାଗାର ବିଜ୍ଞାନ ଛାତ୍ର
ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ମୋ ଠିକଣା - ବଡ଼ମ୍ବା, କଟକ
ମୋ : ୮୦୧୮୪୩୫୩୬୪



# ବିଶ୍ୱାସୀ ପଶୁ ବିଶ୍ୱାସଘାତକ ମଣିଷ

## ଦିପ୍ତିମୟୀ ନାୟକ



ସଂସାରରେ ସୃଷ୍ଟିର ଶ୍ରେଷ୍ଠ ଜୀବ ଭାବରେ ମଣିଷ ନିଜକୁ ପ୍ରତିପାଦିତ କରିଆସିଛି। ବୁଦ୍ଧି, ବିବେକ ଏବଂ ଭାଷା ଯୋଗୁଁ ସେ ପୃଥିବୀର ଅନ୍ୟ ସମସ୍ତ ପ୍ରାଣୀଙ୍କଠାରୁ ଉର୍ଦ୍ଧ୍ୱରେ ବୋଲି ଦାବି କରେ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଯେଉଁ ବୁଦ୍ଧିକୁ ମଣିଷ ପ୍ରଗତି ପାଇଁ ବ୍ୟବହାର କରିବା କଥା ସେହି ବୁଦ୍ଧିକୁ ଆଜି ସେ ଅନ୍ୟକୁ ପ୍ରତାରିତ କରିବାରେ ବ୍ୟବହାର କରୁଛି। ଅନ୍ୟପଟେ ପଶୁ ସାମ୍ରାଜ୍ୟରେ କୁକୁର ଭଳି ଏକ ସାଧାରଣ ପ୍ରାଣୀ ନିଜର ଆଚରଣରେ ଯେଉଁ ସାଧୁତା ଓ ସ୍ପଷ୍ଟବାଦିତା ଦେଖାଏ ତାହା ଆଜିର ସଭ୍ୟ ମଣିଷ ସମାଜ ପାଇଁ ଏକ ବଡ଼ ପ୍ରଶ୍ନବାଚୀ। ମୁହଁରେ ହସ ରଖି ପଛରେ ଛୁରୀ ମାରିବା ମଣିଷର ଏକ କଳା ପାଲଟିଥିବା ବେଳେ କୁକୁରର ଭୁକିବା ଏକ ଖୋଲା ଚେତାବନୀ ପରି ମନେହୁଏ। ପ୍ରକୃତିର ନିୟମ ଅନୁସାରେ ପଶୁମାନେ ଛଳନା ଜାଣନ୍ତି ନାହିଁ। ଏକ କୁକୁରର ମନସ୍ତତ୍ତ୍ୱ ଅତ୍ୟନ୍ତ ସରଳ। ସେ ଯଦି ଆପଣଙ୍କୁ ଭଲ ପାଏ ତେବେ ସେ ନିଜର ଲାଙ୍ଗୁଡ଼ ହଲାଇବ । ଆପଣଙ୍କ ପାଖକୁ ଧାଇଁ ଆସିବ ଏବଂ ନିଜର ସ୍ନେହ ଦେଖେଇବ । କିନ୍ତୁ ଯଦି ସେ ଆପଣଙ୍କ ଉପରେ ବିରକ୍ତ ଅଛି କିମ୍ବା ଆପଣଙ୍କୁ ନିଜ ପାଇଁ ବିପଦ ମନେ କରୁଛି ସେ ସିଧାସଳଖ ଭୁକିବ। ତାର ସେହି ଭୁକିବା ଶବ୍ଦ ଏକ ପ୍ରକାର ସ୍ପଷ୍ଟ ସଂକେତ ଯେ ସେ ଏବେ ଆପଣଙ୍କ ଉପରେ ଆକ୍ରମଣ କରିପାରେ। ସେ କେବେବି ସୁଯୋଗ ଅପେକ୍ଷାରେ ଲୁଚି ରହେନାହିଁ। ତାର କ୍ରୋଧ ସାମ୍ନାସାମ୍ନି ଦେଖାଏ । କୁକୁରର ଝଗଡ଼ାରେ ଶବ୍ଦ ଅଛି ହେଲେ ସେଥିରେ ଅର୍ଥଶୂନ୍ୟ ଷଡ଼ଯନ୍ତ୍ର ନାହିଁ। ସେ କାମୁଡ଼ିବା ପୂର୍ବରୁ ସତର୍କ କରେ ଯାହା ତାର ସଚ୍ଚୋଟତାର ପରିଚୟ ଦିଏ।

ତେବେ ମଣିଷର ଦୁନିଆ ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ମଣିଷ ହେଉଛି ଏକମାତ୍ର ପ୍ରାଣୀ ଯିଏ କାନ୍ଦିବା ସମୟରେ ହସିପାରେ ଏବଂ ଘୃଣା କରିବା ସମୟରେ ଭଲ ପାଇବାର ଅଭିନୟ କରିପାରେ। ସମାଜରେ ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଆପଣଙ୍କ ସାମ୍ନାରେ ବହୁତ ମିଠା ମିଠା କଥା କହିବେ । ଆପଣଙ୍କ ପ୍ରଶଂସା କରିବେ ଏବଂ ନିଜକୁ ସବୁଠାରୁ ବଡ଼ ଶୁଭେଚ୍ଛୁ ବୋଲି ଦେଖାଇବେ। କିନ୍ତୁ ମନ ଭିତରେ ସେମାନେ ଆପଣଙ୍କ ବିରୁଦ୍ଧରେ ବିଷ ଓଗାଳୁଥାନ୍ତି। ମଣିଷର ହସ ଅନେକ ସମୟରେ ଏକ ମାରାତ୍ମକ ମୁଖା। ସେ ହସି ହସି ଆପଣଙ୍କ ଗୋଡ଼ ଟାଣିବ । ଆପଣଙ୍କ ବିଶ୍ୱାସ ସହ ଖେଳିବ ଏବଂ ଯେତେବେଳେ ଆପଣ ଅସାବଧାନ ଥିବେ। ସେତେବେଳେ ପଛପଟୁ ଆଘାତ କରିବ। ମଣିଷର ଏହି ଷଡ଼ଯନ୍ତ୍ର କୁକୁରର କାମୁଡ଼ାଠାରୁ ମଧ୍ୟ ଅଧିକ ଯନ୍ତ୍ରଣାଦାୟକ।ତେବେ ଦୁଇଟି କୁକୁର ମଧ୍ୟରେ ଲଢ଼େଇ ହେଲେ ସେମାନେ ପରସ୍ପରକୁ ଆକ୍ରମଣ କରନ୍ତି । ରକ୍ତାକ୍ତ ହୁଅନ୍ତି ଏବଂ ଲଢ଼େଇ ଶେଷ ହେଲେ ନିଜ ନିଜ ବାଟରେ ଯାଆନ୍ତି। ସେଥିରେ କୌଣସି ପ୍ଲାନିଂ ବା ଗୁପ୍ତ ଏଜେଣ୍ଡା ନଥାଏ। କିନ୍ତୁ ମଣିଷର ଲଢ଼େଇ କେବେବି ସରଳ ନୁହେଁ। ଯଦି ଜଣେ ମଣିଷ ଆଉ ଜଣଙ୍କ ଉପରେ ରାଗିଥାଏ । ସେ ସାମ୍ନାସାମ୍ନି ଝଗଡ଼ା କରିବା ପରିବର୍ତ୍ତେ ହିଂସା କରେ। ସେ ଆପଣଙ୍କ ସାମାଜିକ ସମ୍ମାନହାନି କରିବାକୁ ଚେଷ୍ଟା କରେ ।ଆପଣଙ୍କ ବିରୁଦ୍ଧରେ ଅନ୍ୟମାନଙ୍କ କାନ ଭରିବ ଏବଂ ଏପରି ଏକ ଜାଲ ବୁଣିବ ଯେଉଁଥିରୁ ବାହାରିବା ଅସମ୍ଭବ ହୋଇପଡ଼େ। କୁକୁରର ଝଗଡ଼ା ଗଳି ମଝିରେ ହୁଏ ହେଲେ ମଣିଷର ଷଡ଼ଯନ୍ତ୍ର ବନ୍ଦ କୋଠରୀ ଭିତରେ ହୁଏ। କୁକୁରର ଶତ୍ରୁତା ଜଣାପଡ଼େ କିନ୍ତୁ ମଣିଷର ଶତ୍ରୁତା ସୁନ୍ଦର ପ୍ୟାକେଜିଂ ଭିତରେ ଲୁଚି ରହିଥାଏ।

ତେବେ କୁକୁର ଭୁକିଲେ ଆମେ ଜାଣିପାରୁ ସେ ବିରକ୍ତ ଅଛି। ହେଲେ ମଣିଷ ଚୁପ୍ ରହିଲେ ବି ଜାଣିହୁଏନି ସେ କେବେ କାମୁଡ଼ିବ। ଏହା ଏକ ଶାଶ୍ୱତ ସତ୍ୟ। ନଦୀର ଶାନ୍ତ ଜଳ ଯେମିତି ଅତି ଗଭୀର ଏବଂ ବିପଜ୍ଜନକ ହୋଇଥାଏ । ମଣିଷର ନୀରବତା ମଧ୍ୟ ସେମିତି। ଜଣେ ବ୍ୟକ୍ତି ଚୁପ୍ ରହି ହୁଏତ ଆପଣଙ୍କ ବିନାଶର କାହାଣୀ ଲେଖୁଥାଇପାରେ। ସେ ସମୟ ପାଇଁ ଅପେକ୍ଷା କରେ। କୁକୁର ପାଖରେ ଏତେ ଧୈର୍ଯ୍ୟ ନଥାଏ । ସେ ନିଜର କ୍ରୋଧକୁ ସଙ୍ଗେ ସଙ୍ଗେ ଦେଖାଏ। କିନ୍ତୁ ମଣିଷ ନିଜ କ୍ରୋଧକୁ ବର୍ଷ ବର୍ଷ ଧରି ମନ ଭିତରେ ସାଇତି ରଖିପାରେ ଏବଂ ଉପଯୁକ୍ତ ମୁହୂର୍ତ୍ତରେ ଏପରି ଆଘାତ ଦିଏ ଯେଉଁଥିରୁ ମଣିଷ ଆଉ ଠିଆ ହୋଇପାରେ ନାହିଁ। ଏହି କାରଣରୁ କୁକୁରର ଭୁକିବା ମଣିଷର ଚୁପ୍ ରହିବାଠାରୁ ଅନେକ ଭଲ। ଯଦିଓ ଆଜିର ସମୟରେ ବିଶ୍ୱାସର ଏକ ବଡ଼ ଅଭାବ ଦେଖାଦେଇଛି। ଜଣେ ପଶୁକୁ ଆମେ ବିଶ୍ୱାସ କରିପାରିବା ଯେ ସେ ଆମର ଶୁଭେଚ୍ଛୁ କିନ୍ତୁ ଜଣେ ମଣିଷକୁ ବିଶ୍ୱାସ କରିବା ପୂର୍ବରୁ ଆମକୁ ଶହେ ଥର ଭାବିବାକୁ ପଡୁଛି। ଇତିହାସ ସାକ୍ଷୀ ଅଛି କୁକୁର ତା'ର ମାଲିକ ପାଇଁ ଜୀବନ ଦେଇଦେଇଛି କିନ୍ତୁ ମଣିଷ ନିଜ ସ୍ୱାର୍ଥ ପାଇଁ ନିଜର ଆତ୍ମୀୟକୁ ବଳି ଦେଇଛି। ମଣିଷର ଷଡ଼ଯନ୍ତ୍ର ପଛରେ ଲୋଭ, ଈର୍ଷା ଏବଂ ସ୍ୱାର୍ଥପରତା ଥାଏ। ପଶୁମାନଙ୍କ ପାଖରେ ଏହି ଜଟିଳ ଭାବନା ନଥାଏ। ସେମାନେ ପ୍ରକୃତିର ନିୟମରେ ଚାଲନ୍ତି କିନ୍ତୁ ମଣିଷ ନିଜେ ନିୟମ ତିଆରି କରେ ଏବଂ ନିଜ ସୁବିଧା ଅନୁସାରେ ତାକୁ ଭାଙ୍ଗେ। ଏହି ପ୍ରକାରର ମାନବୀୟ ଷଡ଼ଯନ୍ତ୍ର ଯୋଗୁଁ ସମାଜରେ ସମ୍ପର୍କଗୁଡ଼ିକ ଖଣ୍ଡବିଖଣ୍ଡିତ ହେଉଛି। ପରିବାର ଭିତରେ ଭାଇ-ଭାଇଙ୍କ ମଧ୍ୟରେ, ବନ୍ଧୁ-ବନ୍ଧୁଙ୍କ ମଧ୍ୟରେ ଆଜି କୁକୁର ଭଳି ଝଗଡ଼ା ନାହିଁ ବରଂ ଶୃଗାଳ ଭଳି ଚତୁରତା ଓ ଷଡ଼ଯନ୍ତ୍ର ରହିଛି। ଯେଉଁଠାରେ ସ୍ୱଷ୍ଟତା ଥାଏ ସେଠାରେ ସମାଧାନର ସୁଯୋଗ ଥାଏ। କିନ୍ତୁ ଯେଉଁଠାରେ ଛଳନା ଥାଏ ସେଠାରେ କେବଳ ସନ୍ଦେହ ଓ ବିଦ୍ୱେଷ ବଢ଼େ। ମଣିଷ ନିଜର ଏହି ଦ୍ୱୈତ ଚରିତ୍ର ଯୋଗୁଁ ନିଜକୁ ଅସୁରକ୍ଷିତ କରିଦେଇଛି।

ପ୍ରକୃତରେ ଦେଖିବାକୁ ଗଲେ କୁକୁରର ଝଗଡ଼ା ମଣିଷର ଷଡ଼ଯନ୍ତ୍ରଠାରୁ ଅନେକ ଗୁଣରେ ଭଲ। କାରଣ ସେଥିରେ ସତ୍ୟତା ଅଛି କପଟତା ନାହିଁ। କୁକୁର କାମୁଡ଼ିଲେ ଶରୀରରେ କ୍ଷତ ହୁଏ ଯାହା ଔଷଧରେ ଭଲ ହୋଇପାରେ। କିନ୍ତୁ ମଣିଷ ଯେତେବେଳେ ନିଜର ଷଡ଼ଯନ୍ତ୍ରର ଛୁରୀ ମାରେ ସେତେବେଳେ ଆତ୍ମା ଉପରେ ଯେଉଁ କ୍ଷତ ସୃଷ୍ଟି ହୁଏ ତାହା ଚିରଦିନ ପାଇଁ ରହିଯାଏ। ତେଣୁ ଜୀବନର ଏହି ଯାତ୍ରାରେ ମୁହଁରେ ହସ ରଖିଥିବା ହଜାରେ ଶତ୍ରୁଙ୍କଠାରୁ ସାମ୍ନାରେ ଭୁକୁଥିବା ଗୋଟିଏ କୁକୁର ବହୁତ ଶ୍ରେଷ୍ଠ। ମଣିଷ ନିଜକୁ ଶ୍ରେଷ୍ଠ ପ୍ରାଣୀ ବୋଲି ପ୍ରମାଣିତ କରିବାକୁ ହେଲେ ତାକୁ ନିଜ ଭିତରୁ ଏହି ଷଡ଼ଯନ୍ତ୍ରର ମାନସିକତାକୁ ଦୂର କରି ସରଳତା ଓ ସ୍ୱଷ୍ଟତାକୁ ଆପଣେଇବାକୁ ହେବ। କୁକୁରଟିଏ ପଶୁ ହୋଇ ମଧ୍ୟ ଆମକୁ ବିଶ୍ୱାସ ଓ ସତ୍ୟର ପାଠ ପଢ଼ାଇ ଦେଉଛି ଯାହା ଆଜିର ମଣିଷ ପାଇଁ ସବୁଠାରୁ ବଡ଼ ଶିକ୍ଷା।

+ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬

# କିଛି କଥା କିଛି ବ୍ୟଥା

## ସ୍ମିତା ପଣ୍ଡା



ଉପାର୍ଜିତ ଅର୍ଥକୁ ସଞ୍ଚୟ କରିବା ପାଇଁ ଆମେ ବିଭିନ୍ନ ପ୍ରକାର ସ୍ଥାବର ଓ ଅସ୍ଥାବର ସମ୍ପତି କ୍ରୟ କରିଥାଉ।କ୍ରୟ ସମ୍ବନ୍ଧୀୟ ବିଭିନ୍ନ ଦସ୍ତାବିଜ୍ ଆମେ ସାଇତି ରଖୁ। ଆବଶ୍ୟକ ସମୟରେ ସେସବୁ କାଗଜପତ୍ର କାମରେ ଲଗାଇଥାଉ କିମ୍ବା ପୁନଃ ନବୀକରଣ କରୁ। ବ୍ୟାଙ୍କ ବା ଡାକଘରେ ଆମେ ସ୍ୱଳ୍ପ କାଳୀନ ବା ଦୀର୍ଘ କାଳୀନ ଭିତ୍ତିରେ ଆମର ପୁଞ୍ଜି ଜମା କରିଥାଉ ପ୍ରତିବଦଳରେ ଆମକୁ ବ୍ୟାଙ୍କ ବା ଡାକଘର କିଛି ସୁଧ ପ୍ରଦାନ କରିଥାନ୍ତି।ଏହି ସୁଧ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସମୟ ଅନୁଯାୟୀ ସ୍ଥିରୀକୃତ ହୋଇଥାଏ। ଯଦିଓ ଆମକୁ ମିଳୁଥିବା ସୁଧ ଲୋଭନୀୟ ହୋଇ ପାରି ନଥାଏ କିନ୍ତୁ ନିର୍ଦ୍ଦିଷ୍ଟ ସମୟ ଅବଧି ପରେ ଆମକୁ ମୂଳଧନ ସହ କିଛି ସୁଧ ନିଶ୍ଚିତ ଭାବେ ମିଳେ ଯାହା ଜମା ସମୟରେ ଆମର ଦସ୍ତାବିଜ୍‌ରେ ଉଲ୍ଲେଖ ଥାଏ।

କେବେ କେବେ ଆର୍ଥିକ ଦୃଷ୍ଟିରୁ ଅଧିକ ଲାଭବାନ ହେବା ପାଇଁ ବିଭିନ୍ନ ସଂସ୍ଥା ମାନଙ୍କରେ ଆମର ସଞ୍ଚିତ ଅର୍ଥକୁ ବ୍ୟବହାର କରିଥାଉ। ବିଭିନ୍ନ ପଲିସି କ୍ରୟ କରୁ,ଦୀର୍ଘକାଳୀନ





ଜମାରେ ନିବେଶ କରୁ। ଏସବୁ କରିବା ସମୟରେ ଆମେ ଆମର ଆର୍ଥିକ ସୁରକ୍ଷା ଦିଗ ପ୍ରତି ସେତେଟା ଧ୍ୟାନ ଦେଇ ନଥାଉ। ଆଉ କିଛି କଥା ଆମେ ନବୁଝି ମଧ୍ୟ ଅନ୍ୟର କଥାକୁ ବିଶ୍ୱାସ କରିଯାଉ। ଧରନ୍ତୁ ଆମକୁ କେହି ଜଣେ ମୋବାଇଲ ରେ ହିସାବ କରି ବୁଝାଇ ଦିଏ ଯେ ବର୍ଷକୁ ଯଦି ଆପଣ ବାର ହଜାର ଲେଖାଏଁ ଟଙ୍କା ଜମା କରନ୍ତି ପନ୍ଦର ବର୍ଷରେ ଏକ ଲକ୍ଷ ଅଶି ହଜାର ଟଙ୍କା ଦେଲେ କିନ୍ତୁ ସେହି ପନ୍ଦର ବର୍ଷ ପରେ ଆପଣ ଚାରି ଲକ୍ଷ ପଚାଶ ହଜାର ଟଙ୍କା ପାଇବେ। କିନ୍ତୁ ଆମର ଦସ୍ତାବିଜ୍‌ରେ ସେପରି କିଛି ଟଙ୍କା ମିଳିବାର ସିଧା ସଳଖ ସୂଚନା ନଥାଏ। କେତେ ଟଙ୍କା ମିଳିବ ତାହା ସେହି ସମୟ ଆସିଲେ ହିଁ ଜଣା ପଡ଼େ। ଦଶ କୋଡ଼ିଏ ପୃଷ୍ଠାର ଇଂରାଜୀ ଭାଷାରେ ଲିଖିତ ଗୋଟିଏ ବଣ୍ଡ ବା ବହି ଆମକୁ ମିଳେ। ସାଧାରଣ ଲୋକ ସେସବୁ ପଢ଼ି ବୁଝିବାକୁ ଅସମର୍ଥ। କେତେ ବର୍ଷ ମୋର କିସ୍ତି ସବୁକୁ ଠିକ୍ ଠିକ୍ ପୈଠ କଲେ କେତେ ଟଙ୍କା ମିଳିବ ଆଉ କିସ୍ତି ଖିଲାପ କଲେ କେତେ କେତେ କ୍ଷତି କରିବି ସେସବୁ ସେଥିରେ ଉଲ୍ଲେଖ ନଥାଏ। ଆଉ କେତେକ ବଣ୍ଡ ପେପରରେ ଏତେ ଛୋଟ ଛୋଟ ଅକ୍ଷର ଲେଖା ହୋଇଥାଏ ସେସବୁ ପଢିବାକୁ ସହଜ ହୁଏନି। କିନ୍ତୁ ବେଶ୍ ବିଶ୍ୱାସର ସହ ଆମେ ସେସବୁ ସାଇତି ରଖୁ ।

ଏଠାରେ କିଛି ଉଲ୍ଲେଖ କରିବାର ଅଛି। ଦୀର୍ଘ କାଳୀନ ଟଙ୍କା ଜମା ରଖିବା ବା ପଲିସି କରାଇବା ସମୟରେ ବିଭିନ୍ନ ବ୍ୟାଙ୍କିଙ୍ଗ ଓ ପଲିସି ସଂସ୍ଥା ଗୁଡ଼ିକ ବିଭିନ୍ନ ସମୟ ଅବଧି ସହ ନିରବଚ୍ଛିନ୍ନ ଭାବେ କେତେ ଟଙ୍କା ବିନିଯୋଗ କଲେ କେତେ ସମୂଳ ସୁଧ ବା ବୋନସ ଆକାରରେ ମିଳିବ ଆଉ କିସ୍ତି ଖିଲାପ କଲେ କେତେ କ୍ଷତି ସହିବାକୁ ପଡ଼ିବ ତାର ଏକ ଆକଳନ ବର୍ଷ ଓ୍ୱାରି ସୂଚନା ଟେବୁଲ ପ୍ରଦାନ କରନ୍ତୁ। ବଣ୍ଡ ପେପର ଗୁଡ଼ିକରେ ଇଂରାଜୀ ଭାଷା ସହ ସେଇ ରାଜ୍ୟର ଆଞ୍ଚଳିକ ଭାଷା କିମ୍ବା ଉପଭୋକ୍ତା ଇଚ୍ଛା କରୁଥିବା ଭାଷାର ପ୍ରୟୋଗ ହେଉ। ଅକ୍ଷର ଗୁଡିକ ସ୍ପଷ୍ଟ ଓ ସୂଚନା ସବୁ ସରଳ ହେଉ ଯାହାକି ସମସ୍ତ ଲୋକ ପଢ଼ି ବୁଝି ପାରିବେ। ସଂସ୍ଥା ମାନେ ଉପଭୋକ୍ତାଙ୍କ ବିଶ୍ୱାସ ଭାଜନ ହୁଅନ୍ତୁ, ସେମାନଙ୍କୁ ପ୍ରକୃତ ତଥ୍ୟ ଯୋଗାଇ ଦିଅନ୍ତୁ । ଯେଉଁ ବିଷୟ ଗୁଡ଼ିକ ଗ୍ରାହକ ନିମନ୍ତେ ସମସ୍ୟା ସୃଷ୍ଟି କରେ ଏବଂ କ୍ଷତି ପହଞ୍ଚାଇ ଥାଏ ସେସବୁ ବିଷୟ ଗୋପନ କିମ୍ବା ଅସ୍ପଷ୍ଟ ରଖିବା ଉଚିତ ନୁହେଁ । କିଛି କଥା ଯେମିତି କାହା ଜୀବନର ଏକ ବ୍ୟଥା ହୋଇ ରହି ନଯାଉ।

+ନରସିଂହପୁର,କଟକ
ମୋ:୭୦୦୮୨୪୩୬୭୨

# ଖୋଳପା

## ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ



ସୁନ୍ଦର୍ ଚକ୍‌ଚକ୍ ଖୋଳପା
ଏକଦମ୍ ସ୍ୱଚ୍ଛ କାଚ ଭଳି
ଖୋଳପାରେ ଖୋଦିତ ନୀତି
ଆଉ ଆଦର୍ଶର କାହାଣୀ
ଛୁଇଁଲେ ହାତକୁ ନରମ ଲାଗେ
ଭାରି ମୁଲାୟମ ଲାଗେ ସେ ଖୋଳପା
ସେଇଥି ପାଇଁ ତ ଖୋଳପା ଚାରିପାଖେ
ଭିଡ ଲାଗେ ଆଶାୟୀ ଜୀବମାନଙ୍କର
ଧାଇଁ ଆସନ୍ତି କାହିଁ କୁଆଡୁ
ଆକାଶରୁ ମାଟିରୁ ପାଣିରୁ ପବନରୁ
ଆଉ ବଖାଣି ବସନ୍ତି ଆଖି ଲୁହର
କାହାଣୀ ।

ଖୋଳପା ଭିତରେ ଥିବା ପ୍ରାଣୀଟା
ସବୁ ଶୁଣେ, ବେଳେବେଳେ ଖୋଳପା
ବାହାରକୁ ମୁଣ୍ଡଟା ବାହାର କରେ
ସବୁ ବୁଝିଗଲା ପରି ଅଙ୍ଗଭଙ୍ଗୀ ଦେଖାଏ
ନିଜକୁ ପ୍ରଶସ୍ତ କରେ, ହାତ ହଲେଇ
ଆଖି ନଚେଇ ପ୍ରତିଶ୍ରୁତି ଦିଏ
ପୁଣି ଲୁଚିଯାଏ ଖୋଳପା ଭିତରେ
ବକ ଧାର୍ମିକ ଭଳି ଖାଇଚାଲେ
ନିର୍ଦ୍ୱନ୍ଦରେ ସରଳିଆ ହୃଦୟମାନଙ୍କୁ
ଖଣ୍ଡଖଣ୍ଡ କରି
ଭାଲୁ ଭଳି ଚାଟିଖାଏ
ଅତି ନିଜର ସମ୍ପର୍କ ମାନଙ୍କୁ
ନିଜ ପିଠି ନିଜେ ଥାପୁଡାଏ
ନିଜକୁ ବାଃ ବାହା କରେ ।

ଯଦି କେହି କେବେ ଜୋର୍ କରି
ଛଡ଼ାଇ ନେବ ସେ ଖୋଳପାଟାକୁ
ପଦାଘାତ କରି ଭାଙ୍ଗିଦବ
ସେ ଖୋଳପାଟାକୁ
ପଦାରେ ପଡ଼ିଯିବ
ସେ ଜନ୍ତୁର କଦାକାର ଚେହେରା
ତାର ଲାଲ୍‌ଲାଲ୍ ଆଖି ଲହଲହ ଜିହ୍ୱା
ଆଉ ତା ଖାଇବା ଥାଳି ପାଖରେ ପଡିଥିବା
ହାଡ଼ କଙ୍କାଳସବୁ
ସେଦିନ ଆଉ ନିସ୍ତାର ନାହିଁ
ସେଦିନ ଲେଖା ହବ ନୂଆ ଏକ କାହାଣୀ
ଆରମ୍ଭ ହବ ନୂଆ ଏକ ଯୁଗ ।

+ ମୁନିସିପାଲ ଗାର୍ଲସ ହାଇସ୍କୁଲ, କେନ୍ଦ୍ରାପଡ଼ା

# ଯାତନା

## ସୁଚରିତା ମହାନ୍ତି



କିଏ ବୁଝେଇବ
ଯାତନାର ମୋହ କେତେ
ଯିଏ ଭୋଗି ନାହିଁ କେବେ

ଏଠି ମାଟିରୁ ଆକାଶ
ଯେଉଁଠି ଶୁଣିବ
ଶୁଭୁଥିବ ଖାଲି ଯାତନାର
ବଂଶୀ ସ୍ୱନ

ଥରେ ତ ପଚାରି ବୁଝ
ଦେବତାରୁ ମାନବ ଯାଏ
କିଏ ବା ନସହିଛି
କିଏ ବା ନ ଭୋଗିଛି

ଯାତନାର ରଙ୍ଗ ଯେତେ ଗାଢ଼
ତା' ରସ ସେତେ ମିଠା
ଥରେ ଚାଖି ଦେଖ
ଥରେ ମାଖି ଦେଖ

ନ'ହେଲେ ଦାନ ମାଝିକୁ ପଚାର
ବା ଜିତୁ ମୁଣ୍ଡାକୁ ପଚାର

ଏଠି ଯାହାକୁ ପଚାରିବ
ସେ ଜାଣେ ଯାତନାର ସଂଜ୍ଞା କ'ଣ
ରଙ୍ଗ କେମିତି ଆଉ କେଡ଼େ ରସାଳ

ସେଇଥିପାଇଁ ତ ସବୁରି ଏରୁଣ୍ଡି ଉପରେ
ଚକାପାରି ବସି ରହିଛି ସେ ଚିରକାଳ।

ବାରିପଦା, ମୟୂରଭଞ୍ଜ
ମୋ: ୮୯୧୭୫୭୧୨୦୨୯

# ମହାପ୍ରଭୁଙ୍କ ଭରସାରେ ଜୀବନ ଯାତ୍ରା

## ସୁନିତା ଦାଶ



ଜୀବନର ଅଙ୍କାବଙ୍କା ରାସ୍ତାରେ
ଚାଲୁ ଚାଲୁ ଅନେକ ପଥ
ଅତିକ୍ରମ ହୋଇଗଲାଣି,
ଆଉ କିଛି ବାଟ ବାକି ଅଛି ଚାଲିବାକୁ।

ସମୟର କରାଳ ବକ୍ଷରେ
ବିତିଗଲାଣି ଅଧା ଜୀବନ,
ବାକି ଅଛି ଆଉ ଅଧା।

ଅନେକ ସୁଖ ପାଇଛି,
ତାଠୁ ଅଧିକ ଦୁଃଖ ବି ସହିଛି,
ତଥାପି ଜୀବନ ରଥ
ଚାଲିଛି ନିରବେ।

ଚିନ୍ତା କରିନି କେବେ
ଆଗକୁ କଣ ହେବ ବୋଲି,
ସବୁକିଛି ସମର୍ପି ଦେଇଛି
ମହାପ୍ରଭୁଙ୍କ ପାଦତଳେ।


ଛାଡିଦେଇଛି ମୋ ଜୀବନର
ସୁଖ ଦୁଃଖ ଭରା ନୌକାକୁ
ଅଥଳ ସାଗର ଭିତରେ।

ସେ ନୌକାର ନାଉରୀ ହୋଇ
ବାହି ନେବେ ମହାବାହୁ,
ମୋର ଚିନ୍ତା କରିବାର
ଆଉ କଣ ଅଛି।

+ ଭୁବନେଶ୍ୱର

# ମାନବିକତା

## ଝରଣା ବାରିକ



ଉପରେ ଉପରେ ପାଣି ଛିଞ୍ଚି ଦେଇ
ପାଅ ନାହିଁ ଯମା ଭଲ,
ସେଇ ପାଣି ଦେଇ ବିଶ୍ୱାସ ଜନ୍ମାଇ
ପଛରୁ କାହିଁ କି ଠେଲ।

ଭୁଲି ହେବ ନାହିଁ ଭୁଲି ବିନି ଯମା
ସେଦିନର ସେଇ ରାତି,
ସାହିତ୍ୟ ସଭାରେ ଯୋଗ ଦେଇଥିଲି
ଡାକିଥିଲେ ଜଣେ ସାଥି।

ବନ୍ଧୁତ୍ୱର ବଡ ପଣ ଦେଖାଇଲେ
କହିଲେ ସେ ବହୁ ବାଣୀ,
ଅତି ଆଗ୍ରହରେ ଧାଇଁ ମୁଁ ଆସିଲି
ତାଙ୍କର ଏ କଥା ଶୁଣି।

ସାହିତ୍ୟ ସଭାଟି ସରିଗଲା ପରେ
ହେଲେ ସିଏ ଅନ୍ତର୍ଦ୍ଧାନ,
ତାଳଚେରୁ ଆସି ଭୁବନେଶ୍ୱରରେ
ହଜିଗଲା ମୋର ଜ୍ଞାନ।

ଲୁହ ଆସିଗଲା ଆଖିରେ ମୋହର
କହିବି ଆଉ ମୁଁ କିଶ,
ଅଜଣା ଜାଗାରେ ଛାଡ଼ିଦେଇ ଗଲେ
ବିଶ୍ୱାସରେ ଦେଇ ବିଷ।

ଦିନ ବିତିଗଲା ମାସ ବିତିଗଲା
ବରଷ ବି ଯିବ ବିତି,
ଏ କଥାଟି ମୋର ମନୁ ଲିଭିବନି
ସାହିତ୍ୟ ଜ୍ଞାନର ପ୍ରୀତି।

ସାହିତ୍ୟ ଆମର ପରିଚୟ ସିନା
ସୃଷ୍ଟି କରେ ସମାଜରେ,
ମାନବିକତାର ପରିଚୟ ଥିଲେ
ରହିବା ସବୁ ହୃଦରେ।

ଅନୁରୋଧ ମୋର ଏତିକି ବନ୍ଧୁ ହେ
ଭଲ ପାଇବାଟା ଶିଖ,
ସାହିତ୍ୟକୁ ନୁହେଁ ସାଧନା ଭିତରେ
ମାନବିକତାକୁ ରଖ।

+ସମଲ, ତାଳଚେର, ଅନୁଗୋଳ

# ବୋଉ ଓ ତା' ଶାଢ଼ି

## ସୁଲକ୍ଷଣୀ ସାହୁ



କୋଡେଇଧରି ଛାତିରେ ଅଜାଡ଼ି ଦିଏ
ଦୀର୍ଘ ପଣତର ମଙ୍ଗଳକର ହାତ ଆଉଁସା
ପୋଛିଦିଏ ମମତାର କାନିରେ
କ୍ଲାନ୍ତ ଅସ୍ତବ୍ୟସ୍ତ ଅସମର୍ଥ ଝାଳତକ,
ମୃଦୁ ସବୁଜ ହସର କୁଞ୍ଚନରେ
ମିଠା ମିଠା ପତ୍ର ଫୁଲ ଡାଳ ଚେରର ଶଙ୍ଖୁଳାପଣ
ଶୁଭ ମନାସି କଥାରେ ବହଲେଇ
ଭରିଦିଏ ଧୈର୍ଯ୍ୟର ଦମ୍ଭିଲା ଆଶଟିଏ ।

ଶାଢ଼ୀ ତା'ର ହଳଦୀ ଗୁରୁ ଗୁରୁ ଶୋରିଷ ଫୁଲିଆ
କେବେ ପୁଣି ନୀଳ ଆକାଶେ
ଗୋଟି ଗୋଟି ଉଦିଆ ତରା,
ଧଡିରେ ନାଲି ଅସ୍ତ ଆକାଶ ଦିଗନ୍ତ ଲୁଚକାଳି
ଅବା ରଙ୍ଗ ସର ସର ସପନ ମିଶା ଚିତ୍ରବଲ୍ଲୀ ।

ଘୁରି ବୁଲୁଥାଏ ମୋ ଶୈଶବର ଚଉହଦୀରେ
ହୋଇ ଆକଟର ଶୃଙ୍ଖଳାର
ଅଭ୍ୟସ୍ତ ସୁରକ୍ଷା କବଚ
ସରାଗେ କେବେ ମୁଠେଇ ଧରିଲେ ସେ ପଣତ
ପାଇଯାଏ ନିର୍ମଳ ଛନ୍ଦମୟୀ
ମୋ ଦେବୀର ସ୍ନେହ ପୂରିତ ମଧୁର ହସ।

ଅତି ନିଜର ଭାବଟେରେ
ମିଶେଇ ରଖିଥିବା ସେ ମେଘୁଆ ଲୁଗାରେ
ଚହଚହ ଆକାଶେ ଉଡନ୍ତା
ଚଢେଇର ଉଦ୍ୟମ ମୋହ,
ପୋଛିଦେଲା ବେଳକୁ ମୁହଁ ହାତ ବାଟ ହୁଡେ
ମନର ଯେତେକ ସଙ୍କୋଚ ।

ଅକୁହା ବାଦ ଫେରିଯାଏ
ଆଉ ଦରଜ ନଦେବା ପ୍ରତିଶ୍ରୁତି ଦେଇ
ସେ ଭୋଗିବ ବୋଲି
ମୋ ଭାଗର ଝଡ ଝଞ୍ଜାତକ
ବିଛେଇ ଦେଇଥାଏ ପୃଥିବୀର
କଅଁଳ ସବୁଜ ଛାଇ ।

ନଇଁ ଯାଏ ସଞ୍ଜ ଆକାଶର ଅନ୍ଧାରୁଆ ମୁଣ୍ଡ
ଜଳିଉଠେ ଯେବେ ଚଉଁରା ମୂଳେ ଆହ୍ନିକ ଦୀପ
ସଳିତାରେ ସଁଅପି ତା' ଘରର ସୁଖ ଅସୁଖ
ଘରଣୀପଣେ ଖୋସିଦିଏ ଉପାୟହୀନ
ନିସହାୟ ଅନ୍ଧାର ମହିରେ
ଇଚ୍ଛାଟିଏ ନୂଆ ସକାଳର ।

ମୋ ବୋଉକୁ ନେଇ ମୋ ମନେ ଖୁବ୍ ଗୁମାନ
ସୂର୍ଯ୍ୟଙ୍କୁ ଆକାଶ ଛାଡିବାକୁ
ତାଗିଦ କରିଆସେ କାନି ଝାଡି
ଜାଣେ, ନୂଆ ସକାଳଟେ ସଜେଇବାକୁ
ଆକାଶେ ନିସ୍ତେଜ ରଶ୍ମିଏ
ମୋ ବୋଉର ଆଞ୍ଜୁଳାଏ
ସମର୍ପଣ ଖୋଜନ୍ତି ,
କେଇଟା ହାତ ଗଣତି ବୋଉର ଲୁଗାରେ
ମୋ ପରିସରେ ରାତି ଦିନ ଛାଇ ଆଲୁଅର
ସନ୍ତୁଷ୍ଟ ଲହର ବିଚରଣ କରନ୍ତି ।

+ଖରିଆର ରୋଡ

# ଉତ୍କଳ ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିବା ନେଇ ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କୁ ସୁବର୍ଣ୍ଣପୁରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର, ୨୯/୦୪ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ "ଉତ୍କଳ ନବରତ୍ନ ସମ୍ମାନ"ରେ କଟକରେ ସମ୍ମାନିତ କରାଯାଇଥିବା ଅବସରରେ ଆଜି ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କୁ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲ୍ଲାପାଳ ଡ଼ ସାହୁଙ୍କ ସମେତ ଏସ୍‌ପି ଶ୍ରୀ ନାରାୟଣ ନାଏକ, ଏଡିଏମ୍ ଶ୍ରୀ ରାଜେନ୍ଦ୍ର ମାଝୀ, ଏଡିଏମ୍ ଅଞ୍ଜଲୀନା ପ୍ରଧାନ, ପୌରପରିଷଦ ଅଧକ୍ଷା ତାମସୀ ତାମସ୍ୱିତା ନାୟକ ଯୋଗ ଦେଇଥିଲେ। ବିଜୁ ପଟ୍ଟନାୟକ ମହିଳା କଲେଜର ପ୍ରଧାପକ ମଦନ ସୁନ୍ଦର କ୍ଷେତୀ ଅତିଥିଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣରେ କହିଲେ 'କଳା କେବଳ ନାଚ ଗୀତରେ ନଥାଏ ବରଂ ନିରଶ ମୁହଁରେ ହସ ଫୁଟାଇବା ହିଁ ବାସ୍ତବିକ କଳା। ଡ଼ ନୃପରାଜ ସାହୁ ସେଭଳି ଏକ କଳାକାର ଯେଉଁଥି ପାଇଁ କି ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ଗିରିଧର ଗମାଙ୍ଗ ମହାନ ବ୍ୟକ୍ତିତ୍ୱ ସଚ୍ଚି ରାଉତରାୟ, ରଘୁନାଥ ପାଣିଗ୍ରାହୀ, ଯଦୁନାଥ ଦାଶ ମହାପାତ୍ର, ବିଶ୍ୱଭୂଷଣ ହରିଚନ୍ଦନ, ପ୍ରଶାନ୍ତ ନନ୍ଦ, ପ୍ରଫୁଲ୍ଲ କରଙ୍କ ଭଳି ବ୍ୟକ୍ତି ବା ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ ସମ୍ମାନରେ ସମକକ୍ଷ ହୋଇ ପାରିଛନ୍ତି ଡ଼. ସାହୁ ବୋଲି କହିଥିଲେ। ଆହୁରି ମଧ କହିଲେ 'ସୂର୍ଯ୍ୟଙ୍କ ପ୍ରଖରତାରେ ଅନେକ ଲୋକ ମଉଳି ଯାଆନ୍ତି' 'ପ୍ରଖର ଖରାରେ କିନ୍ତୁ କୃଷ୍ଣଚୂଡ଼ା ଠୋ ଠୋ ହସୁଥାଏ'। ଠିକ୍ ଏଭଳି ବ୍ୟକ୍ତିତ୍ୱର ଅଧିକାରୀ ମଧ ଡ଼ ସାହୁ, ଯାହାକି ସବୁ ବାଧାବିଘ୍ନକୁ ଏଡ଼ାଇ ହସି ହସି ପବ୍ଲିକ ସର୍ଭିସ କରି ଚାଲିଛନ୍ତି। ଆଉ ଆଜି ତାଙ୍କୁ ସଫଳତା ଉପରେ ସଫଳତା ସମ୍ମାନ ଉପରେ ସମ୍ମାନ ଆଣି ଦେଇଛି। ଯାହାକି ଆମ ପାଇଁ ଆମ ଜିଲ୍ଲା ପାଇଁ ଗୌରବ ଅଟେ ବୋଲି ଶ୍ରୀ ଖେତୀ କହିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲାର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି, ବୁଦ୍ଧିଜୀବି, ୩୦ଟି ସାମାଜିକ ଅନୁଷ୍ଠାନର ୧୦୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଜିଲ୍ଲାପାଳ ଡ଼ ସାହୁଙ୍କୁ ଉତରୀୟ ଫୁଲତୋଡ଼ା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ଓ ତାଙ୍କ ସଫଳତାକୁ ସ୍ୱାଗତ କରି ଡ଼. ସାହୁ ଜଣେ ବିରଳ ବ୍ୟକ୍ତି ବୋଲି କହିଥିଲେ। ଜିଲ୍ଲାପାଳ ଡ଼ ସାହୁ ପ୍ରତି ଉତରରେ କହିଥିଲେ ଯେ, ଆଜି ମୋ କାନ୍ଧରେ ଥିବା ଆପଣଙ୍କର ଏ ଉତରୀୟ ବୋଝ ଜିଲ୍ଲାରେ ଥିବା ବୋଝକୁ ହାଲକା କରିବ, ଆଉ ଏ ବୋଝ ଆମ ଦାୟିତ୍ୱ ମଧ ବଢ଼ାଇବ। ଏ ପଦ ପଦବୀ ସମ୍ମାନ ଓ ଗାଡ଼ି ଘୋଡ଼ା ବଡ଼ କଥା ନୁହେଁ, ମାନବିକ ଆବେଗ ମାନବିକ ସଂପର୍କ, ମାଟିକୁ ମଣିଷକୁ ଭଲ ପାଇବା ହିଁ ସ୍ମରଣୀୟ ହୋଇ ରହିବ ବୋଲି ଜିଲ୍ଲାପାଳ ଡ଼ ସାହୁ କହିଥିଲେ। ସଭାରେ ଏସ୍‌ପି, ଏଡିଏମ୍ ଓ ବକ୍ତା ଗୋରେଖ ନାଥ ସାହୁ, ଡ଼ ଆର୍ତତ୍ରାଣ ବାବୁ, ଗୋବିନ୍ଦ ମହାରଣା ଜିଲ୍ଲାପାଳଙ୍କ ଦକ୍ଷ ପ୍ରଶାସନ, ଲୋକାଭିମୁଖୀ ପଦକ୍ଷେପ, ବିକାଶମୁଖୀ କାର୍ଯ୍ୟକଳାପ, ମାଟିକୁ ଭଙ୍ଗା ମାଟି ଘରେ ରହୁଥିବା ଲୋକଙ୍କୁ ଓ ଦୁଃଖକୁ ଚିହ୍ନିବା ଖୋଜିବା କଳାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ସମ୍ମାନ ଜିଲ୍ଲା ପାଇଁ ଗର୍ବର ବିଷୟ ବୋଲି ସେମାନେ ମତପ୍ରକାଶ କରିଥିଲେ।

ଏହି ଅବସରରେ ଜିଲ୍ଲାପାଳ ତାଙ୍କ ଉପରେ ଜିଲ୍ଲାବାସୀଙ୍କ ଆଶୀର୍ବାଦ ଓ ସହଯୋଗ ପ୍ରତି କୃତଜ୍ଞତା ଜଣାଇ, ଆଗାମୀ ଦିନରେ ଜିଲ୍ଲାର ସମଗ୍ର ବିକାଶ ପାଇଁ ଆହୁରି ସମର୍ପିତ ଭାବେ କାମ କରିବେ ବୋଲି କହିଥିଲେ। ଏହି ସଭାର ଅୟୋଜନ ଓ ସଭାକୁ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ ସଂଯୋଜନା କରିଥିବାବେଳେ ବରିଷ୍ଠ ନାଗରିକ ସଂଘ ସଂପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପୋଲିସ୍ ପକ୍ଷରୁ ଏସ୍‌ପି ଶ୍ରୀ ନାଏକ, ଜିଲ୍ଲା ପ୍ରଶାସନ ପକ୍ଷରୁ ଏଡିଏମ୍ ଶ୍ରୀ ମାଝୀ, ଏଡିଏମ୍ ଶ୍ରୀମତି ପ୍ରଧାନ, ଜିଲ୍ଲାପାଳ କାର୍ଯ୍ୟାଳୟ, ଓଡ଼ିଶା ଅମଲା ସଂଘ, ପୌର ପରିଷଦ ପକ୍ଷରୁ ଅଧକ୍ଷା ଶ୍ରୀମତୀ ନାୟକ ଓ ଶ୍ରୀବତ୍ସ ମଲ୍ଲିକ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ବରିଷ୍ଠ ନାଗରିକ ସଂଘ, ସଚେତନ ନାଗରିକ ମଂଚ, ଓଡ଼ିଶା ସାମ୍ବାଦିକ ସଂଘ, ଜିଲ୍ଲା ସାମ୍ବାଦିକ ସଂଘ , ସ୍ୱଚ୍ଛ ଭାରତ ସଙ୍ଗଠନ, ଶ୍ରୀ ଗୋପାଳ ଜି ଯୋଗଳୟ , ସୋନପୁର କଲେଜ୍ ଏନ୍‌ସିସି, ଭାରତ ବିକାଶ ପରିଷଦ, ଦିବ୍ୟ ଉର୍ଜା ଯୋଗସେବା ସମିତି, ପଏଁରି, ଶ୍ରମିକ ସଂଗଠନ, କୋଶଳ ଆବାସିକ ବିଦ୍ୟାଳୟ, ନାଟ ଅନୁଷ୍ଠାନ, ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ମହାନଦୀ ଧାରା, ବିଶ୍ୱ ଭାରତୀ ସାଇ ଶିକ୍ଷା ନିକେତନ, ରାମଧୁନ କ୍ଲବ, ଜିଲ୍ଲା କ୍ରିଡ଼ା ସଂଘ, ସ୍ୱୀମିଂ ଆସୋସିଏସନ୍, ଜିଲ୍ଲା ଟ୍ରକ୍ ମାଲିକ ସଂଘ, ବସ ସଂଘ, ଯଶୋଦା ଦେବୀ ନର୍ସିଂ ସ୍କୁଲ୍, ଜିଲ୍ଲା କନେଷ୍ଟବଳ ସଂଘ, ଅମଲା ସଂଘ, ବିଜୁ ପଟ୍ଟନାୟକ ଡିଗ୍ରୀ ମହିଳା କଲେଜ୍, ମାରୱାଡି ଯୁବା ମଂଚର କର୍ମକର୍ତା ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ମାଲକାନଗିରି ଜିଲ୍ଲା ପ୍ରଶାସନର ଅଭିନବ ପ୍ରୟାସ: +୨ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଗ୍ରୀଷ୍ମକାଳୀନ କୋଚିଂ ଆରମ୍ଭ

ମାଲକାନଗିରି, ୨୯/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ମାର୍ଗଦର୍ଶନରେ +୨ ବିଜ୍ଞାନ ଆଶାୟୀଙ୍କ ପାଇଁ ଗ୍ରୀଷ୍ମକାଳୀନ ପାଠ୍ୟକ୍ରମ ନାମକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ପ୍ରସାଦ ବେହେରା, ସରକାରୀ ଏସଏସଡି ଉଚ୍ଚ ମାଧମିକ ବିଦ୍ୟାଳୟ,ଉଚ୍ଚ ମାଧମିକ ବିଦ୍ୟାଳୟ, ମାଲକାନଗିରି ଯୁକ୍ତ ଦୁଇ ବିଜ୍ଞାନ କଲେଜର ଅଧକ୍ଷ ଓ ପ୍ରଧାନଶିକ୍ଷକଙ୍କୁ ନେଇ ଏକ ଟିମ୍ ଦ୍ୱାରା ଏହା ପରିଚାଳିତ ହେଉଛି। ଏହି ପାଠ୍ୟକ୍ରମ ୫ ଏପ୍ରିଲ ୨୦୨୬ ରୁ ଆରମ୍ଭ ହୋଇଛି। ଏଚଏସଇ ପରୀକ୍ଷା ଦେଇଥିବା ବିଭିନ୍ନ ହାଇସ୍କୁଲର +୨ ବିଜ୍ଞାନ ଆଶାୟୀ ଛାତ୍ରଛାତ୍ରୀମାନଙ୍କୁ ଏଥିପାଇଁ ନିମନ୍ତ୍ରଣ କରାଯାଇଥିଲା। ଆଗାମୀ ନିଟ୍ ଏବଂ ଜେଇଇ ପରୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କ ମଧରେ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏହି ସମନ୍ୱିତ ଗ୍ରୀଷ୍ମକାଳୀନ ପାଠ୍ୟକ୍ରମରେ କୋଚିଂ ନେଉଛନ୍ତି। ଏଠାରେ ଛାତ୍ରଛାତ୍ରୀମାନଙ୍କୁ ଆଗୁଆ +୨ ବିଜ୍ଞାନ ପାଠ୍ୟକ୍ରମ ପଢାଯିବା ସହ ନିଟ୍ ଏବଂ ଜେଇଇ ସମ୍ବନ୍ଧୀୟ ସମସ୍ୟା ଓ ପ୍ରଶ୍ନର ସମାଧାନ କରାଯାଉଛି ।ମାଲକାନଗିରି ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ ଏଠାକାର ଅଧିକାଂଶ ଅଭିଭାବକ ଚାଷୀ ଏବଂ ସେମାନଙ୍କ ପିଲାମାନେ ପ୍ରତିଭାବାନ ହୋଇଥିଲେ ମଧ ବ୍ୟୟବହୁଳ ଘରୋଇ କଲେଜରେ ପଢିବାରୁ ବଂଚିତ ହୁଅନ୍ତି। ସେହିପରି ବ୍ରହ୍ମପୁର, କଟକ, ଭୁବନେଶ୍ୱର, ରାଉରକେଲା ଭଳି ବଡ଼ ସହରରେ ପିଲାମାନଙ୍କୁ ପଢାଇବା ସେମାନଙ୍କ ପାଇଁ କଷ୍ଟକର ହୋଇଥାଏ। ଫଳରେ ସେମାନଙ୍କ ପିଲାଙ୍କ ଡାକ୍ତର, ଇଞ୍ଜିନିୟର କିମ୍ବା ବିଜ୍ଞାନ କ୍ଷେତ୍ରରେ କ୍ୟାରିୟର କରିବା, ବୈଜ୍ଞାନିକ ହେବାର ସ୍ୱପ୍ନ ଅଧୁରା ରହିଯାଏ। ଏପର୍ଯ୍ୟନ୍ତ ବହୁତ କମ୍ ସଂଖ୍ୟକ ଛାତ୍ରଛାତ୍ରୀ ନିଟ୍ ଓ ଜେଇଇ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ପୂରଣ ପାଇଁ ଏହି ପଦକ୍ଷେପ ନେଇଛି। ପୋଷ୍ଟ ମାଟ୍ରିକ ସ୍କଲାରସିପ ଅଧୀନରେ ଥିବା ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ବିଷୟରେ ମଧ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଉଛି, ଯେଉଁଠାରେ ସେମାନେ ନିଜ ପିତାମାତାଙ୍କ ଉପରେ ଆର୍ଥିକ ବୋଝ ନଦେଇ ସରକାରୀ ସହାୟତାରେ ଚିକିତ୍ସା ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ଉଚ୍ଚ ବିଜ୍ଞାନ କ୍ଷେତ୍ରରେ ଉଚ୍ଚଶିକ୍ଷା ଗ୍ରହଣ କରିପାରିବେ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀକୁ ବଲାଙ୍ଗୀର ଜିଲ୍ଲା ଓକିଲ ସଂଘ ପକ୍ଷରୁ ଲୟର୍ସ ଡେ ପାଳନ

ବଲାଙ୍ଗୀର, ୨୯/୦୪ (ନି.ପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀକୁ ବଲାଙ୍ଗୀର ଜିଲ୍ଲା ଓକିଲ ସଂଘ ପକ୍ଷରୁ ଲୟର୍ସ ଡେ' କୁ ଧୁମ୍‌ଧାମ୍‌ର ସହ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ହାଇକୋର୍ଟର ମାନ୍ୟବର ବିଚାରପତି ମୃଗାଙ୍କ ଶେଖର ସାହୁ ଯୋଗ ଦେଇ ଭାଷାଭିତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ମଧୁବାବୁଙ୍କ ମହନୀୟ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଭାରତୀୟ ଆଇନଜୀବୀ ବୃତିକୁ ସଂଶୋଧିତ କରି ମହିଳା ମାନଙ୍କୁ ଆଇନଜୀବୀ ବୃତି ଗ୍ରହଣ କରିବାର ଅଧିକାର ପ୍ରଦାନ କରିବବାରେ ମଧୁବାବୁଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟ ଅତିଥି ଶ୍ରୀ ସାହୁ କହିଥିଲେ। ସମ୍ମାନିତ ଅତିଥି ଭାବରେ ବଲାଙ୍ଗୀର ଜିଲ୍ଲା ଦୌରା ଜଜ୍ ହୀରଣ୍ମୟ ବିଷୋୟୀ ଯୋଗଦେଇ ନିଜ ବକ୍ତବ୍ୟରେ ମଧୁବାବୁ ଏହି ଦେଶ ଓ ଜାତିର ଟେକ ବୃଦ୍ଧି କରି ଓଡ଼ିଶାବାସୀଙ୍କୁ ସ୍ୱାଭିମାନର ସହ ବଂଚିବାର ବାଟ ଦେଖାଇଥିଲେ ବୋଲି କହିଥିଲେ। ପ୍ରଥମରେ ଅତିଥିମାନେ ମଧୁସୂଦନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାର ଶୁଭାରମ୍ଭ କରିଥିଲେ। ସଭା ପ୍ରାରମ୍ଭରେ ବଲାଙ୍ଗୀର ଜିଲ୍ଲା ଓକିଲ ସଂଘର ଦିବଙ୍ଗତ ଓକିଲ ମାନଙ୍କ ଆତ୍ମାର ସଦ୍ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲା ଓକିଲ ସଂଘର ସଭାପତି ବାସୁଦେବ ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାକୁ ବରିଷ୍ଠ ଆଇନଜୀବୀ ପ୍ରମୋଦ ତ୍ରିପାଠୀ ସଂଯୋଜନା କରିଥିଲେ। ଏହି ଅବସରରେ ବଲାଙ୍ଗୀରରେ ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଓକିଲାତି କରିଥିବା ୫ଜଣ ବରିଷ୍ଠ ଆଇନଜୀବୀ ବିନାୟକ ମିଶ୍ର, ବାସୁଦେବ ଗୁରୁ, ସୁବୋଧ ଚରଣ ମିଶ୍ର, କାନନ ବିହାରୀ ସ୍ୱାଇଁ ଏବଂ ଜୟରାମ ମିଶ୍ରଙ୍କୁ ମାନପତ୍ର ଓ ଉପାୟନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର, ଭବାନୀ ଶଙ୍କର ଶତପଥୀ, ଜୟକୃଷ୍ଣ ସାହୁ ପ୍ରମୁଖ ନିଜ ବକ୍ତବ୍ୟରେ ଓକିଲାତି ବୃତିକୁ ଏକ ନୂତନ ପରିଚୟ ଦେଇଥିବା ମଧୁସୂଦନ ଦାସଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସଂଘର କୋଷାଧକ୍ଷ ଶିବ ଦ୍ୱିବେଦୀ, ଯୁଗ୍ମ ସଂପାଦିକା ସବିତାରାଣୀ ମିଶ୍ରଙ୍କ ସମେତ ସୁମିତ ଖୁଆସ, ଦିପ୍ତୀ ଶର୍ମା, ଭାବନୀ ଭୋଇ, ଶଙ୍କର ମିଶ୍ର, ଅରବିନ୍ଦ ପୂଝାରୀ, ସଂଜୟ ପଟେଲ, ଦେବାଶିଷ ବିଶ୍ୱାଳ, ଚନ୍ଦ୍ରଶେଖର ମିଶ୍ର, ଅଧିକାରୀ ଦନ୍ତା, ଅଶୋକ ରାଉତ ଭକ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ। ସଂଘର ଉପସଭାପତି ଚିନ୍ମୟ ମିଶ୍ର ମଂଚାସୀନ ଥିବା ବେଳେ ସଭା ଶେଷରେ ସଂପାଦକ ଅଶୀତ ଷଡଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ବଲାଙ୍ଗୀର ଜିଲ୍ଲା ଓକିଲ ସଂଘର ସମସ୍ତ ସମସ୍ତ ସଭ୍ୟସଭ୍ୟା ଯୋଗ ଦେଇଥିଲେ।

# ଝୁମ୍ପୁରା ବ୍ଲକ ନହବେଡାରେ ଆମ ଆଦମୀ ପାର୍ଟିର ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ମିଶ୍ରଣ ପର୍ବ ଅନୁଷ୍ଠିତ

କେନ୍ଦୁଝର, ୨୯/୦୪ (ନି.ପ୍ର): ଆଜି ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନହବେଡା ଠାରେ ଆଜି ଆମ ଆଦମୀ ପାର୍ଟି ପକ୍ଷରୁ ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ମିଶ୍ରଣ ପର୍ବ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।

ଝୁମ୍ପୁରା ବ୍ଲକ ସଭାପତି ଦିଲେଶ୍ୱର ମହାନ୍ତଙ୍କ ନେତୃତ୍ୱରେ ନହବେଡା, ଖେଣ୍ଡରା ଓ ବଡ଼ବିଲ ଅଞ୍ଚଳର ଶତାଧିକ କର୍ମୀ ଅରବିନ୍ଦ କେଜ୍ରିୱାଲଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ଆଦମୀ ପାର୍ଟିରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ପ୍ରଭାରୀ ଆଚାର୍ଯ୍ୟ କଲ୍ୟାଣ ଆନନ୍ଦ ଯୋଗଦେଇ ନୂତନ କର୍ମକର୍ତ୍ତାମାନଙ୍କୁ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ।

ଏହି ଅବସରରେ ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂ, ଜିଲ୍ଲା ଉପସଭାପତି ଜୈନୁଲ ଆବେଦିନ, କେନ୍ଦୁଝର ନିର୍ବାଚନ ମଣ୍ଡଳ ସଭାପତି ଜୟକୃଷ୍ଣ ନାଏକ, ଜିଲ୍ଲା ସମ୍ପାଦକ ଶଶାଙ୍କ ଶେଖର ସାହୁ, ଜିଲ୍ଲା କୋଷାଧକ୍ଷ ସନ୍ତୋଷ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସଂଗଠନକୁ ଆହୁରି ସୁଦୃଢ କରିବା ପାଇଁ ନୂତନଭାବେ ଯୋଗଦେଇଥିବା ଡମ୍ବରୁଧର ମହାନ୍ତଙ୍କୁ ଝୁମ୍ପୁରା ବ୍ଲକ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିଲା। ସେହିପରି ଝରଣା ନାଏକଙ୍କୁ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି, ସୁମିତ୍ରା ପ୍ରଧାନଙ୍କୁ ବଡ଼ବିଲ ଓ ଯୋଡ଼ା ମ୍ୟୁନିସିପାଲିଟି ମହିଳା ସଭାପତି ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ନିକଟରେ ଦଳରେ ଯୋଗଦେଇଥିବା ସରୋଜ ନାୟକଙ୍କୁ ଜିଲ୍ଲା ନିର୍ବାଚନ ସଂଗଠକ ପରିଚାଳକ ଭାବେ ନିଯୁକ୍ତ କରାଯାଇଥିଲା।

ଅନ୍ୟମାନଙ୍କ ମଧରେ ବରିଷ୍ଠ ନେତା ଭବାନୀ ଶଙ୍କର ମହାନ୍ତ, କମଳ ଲୋଚନ ମହାନ୍ତ, ଦାଶରଥି ମହାନ୍ତ, ଭଂଜକିଶୋର ମହାନ୍ତ, ଚକ୍ରଧର ମହାନ୍ତ ଓ ଦୀପକ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଝାରସୁଗୁଡାରେ ଅସ୍ତ୍ର ସିଣ୍ଡିକେଟ୍ ପର୍ଦ୍ଦାଫାଁସ୍: ୩ ଗିରଫ, ପିସ୍ତଲ ଓ ଗୁଳି ଜବତ

ଝାରସୁଗୁଡା , ୨୯/୦୪ (ନି.ପ୍ର): ବ୍ରଜରାଜନଗର ପୁଲିସ ଏକ ସଂଗଠିତ ଅବୈଧ ଅସ୍ତ୍ର ସିଣ୍ଡିକେଟ୍‌କୁ ପର୍ଦ୍ଦାଫାଁସ୍ କରି ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ମଧରେ ମୁଖ୍ୟ ଅସ୍ତ୍ର ସପ୍ଲାୟର୍ ମଧ ଥିବା ସୂଚନା ମିଳିଛି। ପୁଲିସ ଗିରଫ ଅଭିଯୁକ୍ତଙ୍କୁ ସନ୍ତୋଷ ଖେଡକର (୩୬), ବିଶାଲ ବାଗ (୩୦) ଓ ବଂଟି ପ୍ରସାଦ (୩୪) ଭାବେ ଚିହ୍ନଟ କରିଛି। ବଂଟି ପ୍ରସାଦକୁ ଏହି ଅବୈଧ ଅସ୍ତ୍ର ବ୍ୟବସାୟର ମୁଖ୍ୟ ଚକ୍ରଧାରୀ ଭାବେ ଦେଖାଯାଉଛି। ବିଶ୍ୱସନୀୟ ସୂଚନା ଆଧାରରେ ପୁଲିସ ଏକ ବିଶେଷ ଅଭିଯାନ ଚାଲାଇ ଅଭିଯୁକ୍ତମାନଙ୍କୁ ଧରିଥିଲା। ସେମାନେ ପୂର୍ବ ଶତ୍ରୁତାକୁ ନେଇ ଗୁରୁତର ଅପରାଧ କରିବା ପାଇଁ ଯୋଜନା କରୁଥିବା ସନ୍ଦେହ କରାଯାଉଛି।

ଅଭିଯୁକ୍ତଙ୍କ ପାଖରୁ ୫ଟି ଦେଶୀ ୭.୬୫ ମି.ମି. ପିସ୍ତଲ ଓ ୨୦ ରାଉଣ୍ଡ ଗୁଳି ଜବତ କରାଯାଇଛି। ଏହାସହିତ ଅସ୍ତ୍ର ବହନରେ ବ୍ୟବହୃତ ଏକ ମୋଟରସାଇକେଲ୍ (ଓ ଆର୍-୧୫ଏନ୍-୭୭୧୦) ମଧ ଜବତ ହୋଇଛି। ପ୍ରତ୍ୟେକ ପିସ୍ତଲର ଦର ପ୍ରାୟ ୫୦ ହଜାର ଟଙ୍କା ଥିବା ପୁଲିସ କହିଛି।

ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ବଂଟି ପ୍ରସାଦ ବିହାରର ସାରଣ ଜିଲ୍ଲାରୁ ଅସ୍ତ୍ର ଆଣି ସ୍ଥାନୀୟ ଭାବେ ସପ୍ଲାଇ କରୁଥିଲେ। ସନ୍ତୋଷ ଓ ବିଶାଲଙ୍କୁ ଗିରଫ ସମୟରେ ସେମାନଙ୍କ ଶରୀରରେ ଲୁଚାଇ ରଖିଥିବା ଲୋଡେଡ୍ ପିସ୍ତଲ ମିଳିଥିଲା, ଯାହାରୁ ତାଙ୍କର ତୁରନ୍ତ ଅପରାଧ କରିବା ଯୋଜନା ଥିବା ସନ୍ଦେହ ଜଣାପଡ଼ିଛି। ଝାରସୁଗୁଡା ଏସ୍ପି ଜି.ଆର୍. ରାଘବେନ୍ଦ୍ର କହିଛନ୍ତି ଯେ, ଗିରଫ ଅଭିଯୁକ୍ତମାନେ ପୂର୍ବରୁ ଲୁଟ, ହତ୍ୟାଚେଷ୍ଟା, ଡାକାତି ପ୍ରସ୍ତୁତି, ଘର ଭାଙ୍ଗିବା, ଆକ୍ରମଣ, ଚାନ୍ଦାବାଜି ଓ ଅସ୍ତ୍ର ଆଇନ ମାମଲା ସହିତ ଅନେକ ଅପରାଧରେ ଜଡିତ ଥିବା ଜଣାପଡିଛି।

ପୁଲିସ ଏହି ଆନ୍ତର୍ରାଜ୍ୟ ଅସ୍ତ୍ର ଚୋରାଚାଲା ଚକ୍ରର ଅନ୍ୟାନ୍ୟ ସଂଯୋଗ ଖୋଜିବାକୁ ତଦନ୍ତ ଜୋରଦାର କରିଛି। ଆଗାମୀ ଦିନରେ ଅଧିକ ଗିରଫ ଓ ଜବତି ସମ୍ଭାବନା ଥିବା କୁହାଯାଇଛି।

# ଅପହରଣ ଓ ଲୁଟ୍ ମାମଲାରେ ୫ ଗିରଫ

ଜୟପୁର, ୨୯/୦୪ (ନି.ପ୍ର): ମଧ୍ୟପ୍ରଦେଶ ଅଂଚଳର ୨ ଜଣ ଯୁବକଙ୍କୁ ଅପହରଣ ଓ ଲୁଟ ମାମଲାରେ ଆଜି ଟାଉନ ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ପୁଲିସ ସୂଚନା ଅନୁଯାୟୀ, ୫ ଜଣ ଦୁର୍ବୃତ ବସଷ୍ଟାଣ୍ଡ ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ନିକଟରୁ ୨ ଜଣଙ୍କୁ ସଦର ଥାନା ଅନ୍ତର୍ଗତ ପଲିଗୁଡା ଆମ୍ବ ତୋଟାରେ ଲୁଚାଇ ରଖି ପରିବାର ଲୋକଙ୍କୁ ଏକ ଲକ୍ଷ ଟଙ୍କା ଡିମାଣ୍ଡ କରିଥିଲେ ।କୌଶଳ କ୍ରମେ ୧୧ ହଜାର ଟଙ୍କା ଦେଇ ୨ ଜଣ ଖସି ଚାଲିଆସିଥିଲେ କ୍ଷ ଟାଉନ ପୁଲିସ ମକାପୁଟ ର ରଞ୍ଜିତ ହରିଜନ, ଗଡ଼ପଦର ଅଂଚଳର ନବୀନ ହରିଜନ, ଖରାମୁଣ୍ଡି ଅଂଚଳର ନବୀନ ଗଣ୍ଡ, ପଲିଗୁଡା ର ଆକାଶ ଗୌଡ଼ ଓ ଉମୁରିର ନରେଶ ହରିଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ ଥାନା ଅଧିକାରୀ ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି ।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ: ଜଣେ ଗୁରୁତର

ଜୟପୁର, ୨୮ ଏପ୍ରିଲ(ହି.ସ.) – କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅନ୍ତର୍ଗତ ଉମୁରି ଠାରେ ଅଜଣା ଗାଡି ଧକ୍କାରେ ଜଣେ ମୃତ୍ୟୁ ବରଣ କରିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ହଳ ଧର ନାୟକ(୫୨) ଓ ଗୁରୁତର ଜଣକ ହେଲେ ନରସିଂହ ବେହେରା(୫୫)। ସୁଚନା ଅନୁଯାଇ ଆଜି ହଳ ଧର ନାୟକ(୫୨) ଓ ଗୁରୁତର ଜଣକ ହେଲେ ନରସିଂହ ବେହେରା(୫୫) ପ୍ରତହ ଭ୍ରମଣ କରୁଥିବା ବେଳେ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ହଳ ଦରଙ୍କ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବାବେଳେ ନରସିଂହ ଗୁରୁତର ହୋଇଥିଲେ। ନରସିଂହଙ୍କୁ ପ୍ରଥମେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳରେ ଭର୍ତି କରାଯାଇଥିବାବେଳେ ଅବସ୍ଥା ଗୁରୁତର ହେବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଉମୁରିରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ଏଠାରେ ବେରିକେଟ ନିର୍ମାଣ ସହ ସିସି କ୍ୟାମେରା ଲଗାଇବା, ଦୁର୍ଘଟଣା ଘଟାଇଥିବା ଗାଡିକୁ ଠାବ କରିବା ଦାବି ଟୟାର ଜାଳି ରାସ୍ତା ରୋକ କରିଥିଲେ। ଘଟଣା ସ୍ଥଳରେ ଏସଡିପିଓ ଅଚ୍ଚିତା ମିତଲ ପହଂଚି ବୁଜା ସୁଝା କରିବାରୁ ରାସ୍ତା ରୋକରୁ ଓହରି ଥିଲେ। ପୋଲିସ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି।

# ଜିଲ୍ଲା ସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ

ପୁରୀ , ୨୯/୦୪ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ରବି ଋତୁ ଧାନ ସଂଗ୍ରହ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଗତକାଲି ସଂଧ୍ୟାରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା ।ରବି ଧାନ ସଂଗ୍ରହ ମଇ ମାସ ୧୫ ତାରିଖ ଠାରୁ ଆରମ୍ଭ କରାଯିବ ବୋଲି ସ୍ଥିର ହୋଇଛି ।ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଖରିଫ ଧାନ ସଂଗ୍ରହ ପରି ରବି ଧାନ ସଂଗ୍ରହ କୁ ସମସ୍ତଙ୍କ ଉଦ୍ୟମ ରେ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୃଷକ ମାନେ ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ଯତ୍ନବାନ ହେବା,ଧାନ ମଣ୍ଡି ଗୁଡିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବା,ଧାନ ସଂଗ୍ରହ ଉପକରଣ ସବୁ କୁ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ୨୨୨୩୬ କୃଷକ ନାମ ପଞ୍ଜିକରଣ କରିଛନ୍ତି। ଗତ ଖରିଫ ଋତୁରେ ଜିଲ୍ଲାରେ ୨୧୦୪୦୦.୦୦ ମେଟ୍ରିକ ଟନ ଧାନ ସଂଗ୍ରହ ର ଧାର୍ଯ୍ୟ ଲକ୍ଷ ରୁ ୨୦୩୫୨୦.୫୭୯ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିଲା। ଜିଲ୍ଲାରେ ୫୯୨୫୩ ପଞ୍ଜିକୃତ ଯୋଗ୍ୟ ଚାଷୀଙ୍କ ମଧରୁ ୫୮୦୦୫ କୃଷକଙ୍କ ଠାରୁ ଏହି ଧାନ ସଂଗୃହିତ ହୋଇଥିଲା। ସେହିପରି ଗତବର୍ଷ ରବି ଋତୁରେ ୨୫୩୨୧ ପଞ୍ଜିକୃତ ଯୋଗ୍ୟ କୃଷକ ଙ୍କ ମଧରୁ ୧୮୦୧୩ ଜଣ କୃଷକ ଙ୍କ ଠାରୁ ୭୨୫୪୪.୦୭୮ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିଲା ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପଜିଲ୍ଲାପାଳ ରାଜ କିଶୋର ଜେନା,ପୁରୀ ସାଂସଦ ଙ୍କ ପ୍ରତିନିଧି, ସତ୍ୟବାଦୀ,ବ୍ରହ୍ମଗିରି ଓ ପୁରୀ ବିଧାୟକ ଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ପ୍ରବାସୀ ଶ୍ରମିକ ପ୍ରଥା ଉଚ୍ଛେଦ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ

ନୂଆପଡ଼ା, ୨୯/୦୪ (ନି.ପ୍ର): ନୂଆପଡା ଜିଲ୍ଲାରେ ପ୍ରବାସୀ ଶ୍ରମିକମାନଙ୍କ ସୁରକ୍ଷା ଓ ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ କରିବା ସହ ପ୍ରବାସ ପ୍ରଥାକୁ କମେଇବା ଉଦ୍ଦେଶ୍ୟରେ ସ୍ଥାନୀୟ ସଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି ।ବବୈଠକର ଆରମ୍ଭରେ ଜିଲ୍ଲା ଶ୍ରମ ଅଧିକାରୀ ଜସ୍ମିନ ସାହୁ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲ୍ଲାପାଳ କହିଥିଲେ ଯେ, ପ୍ରବାସୀ ଶ୍ରମିକ ପ୍ରଥାକୁ ଉଚ୍ଛେଦ କରିବା ପାଇଁ ସମସ୍ତ ବିଭାଗ ମିଳିତ ଭାବେ ଦାୟିତ୍ୱ ନିଭାଇବା ଆବଶ୍ୟକ। ସମୟୋପଯୋଗୀ ହସ୍ତକ୍ଷେପ ଓ ସମନ୍ୱିତ ପଦକ୍ଷେପ ମାଧମରେ ଏହାକୁ ଏକ ମିଶନ ଭାବେ ଗ୍ରହଣ କରି କାର୍ଯ୍ୟ କରିବାକୁ ସେ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ କରିଥିଲେ। ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ବ୍ଲକ ସ୍ତରରେ ସମନ୍ୱୟ ବୈଠକ ଆୟୋଜନ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରବାସୀ ଶ୍ରମିକ ଓ ତାଙ୍କ ପରିବାରଙ୍କ କଲ୍ୟାଣ ପାଇଁ ଗୃହୀତ ପଦକ୍ଷେପ ଓ ସଫଳତା ବିଷୟରେ ଅବଗତ କରାଯାଇଥିଲା। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୨୫ଟି ପ୍ରବାସୀ ପରିବାରକୁ ପିଆଜ ଓ ଅନ୍ୟାନ୍ୟ ଚାଷ ପାଇଁ ମୋଟ ୯୦,୬୮୮ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ ଜଣାଇଥିଲେ ଯେ, ୩୪ଟି ପ୍ରବାସୀ ପରିବାରକୁ ୧୦୦୦ ଟଙ୍କା ମାସିକ ପେନସନ୍ ପ୍ରଦାନ କରାଯାଇଛି। ସେହିପରି, ୧୧ଟି ପରିବାରକୁ ୬୨,୭୦୦ ଟଙ୍କା ବ୍ୟୟରେ ପ୍ରଶିକ୍ଷଣ ଦିଆଯାଇଛି। ସିନାପାଲି ବିଡିଓଙ୍କ ଅନୁସାରେ, ୧୬୨ ଜଣ ପ୍ରବାସୀଙ୍କୁ କାମ ଯୋଗାଇ ମୋଟ ୩୮୮୮ ମାନବ-ଦିନ ସୃଷ୍ଟି କରାଯାଇଥିବା ବେଳେ ୧୪,୪୨,୪୪୮ ଟଙ୍କା ମଜୁରି ଦିଆଯାଇଛି। ମିଶନ ଶକ୍ତି ପକ୍ଷରୁ ୭୭ଟି ପ୍ରବାସୀ ପରିବାରକୁ ୮.୧୫ ଲକ୍ଷ ଟଙ୍କାର ଜୀବିକା ସହାୟତା ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ବନ ବିଭାଗ ସହିତ ଅନ୍ୟାନ୍ୟ ବିଭାଗମାନେ ମଧ ପ୍ରବାସୀ ଶ୍ରମିକ ପ୍ରଥାକୁ କମେଇବା ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପ୍ରବାସୀ ଶ୍ରମିକମାନଙ୍କର ଏକ ସଂପୂର୍ଣ୍ଣ ଡାଟାବେସ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଭାଗ ସଂଯୁକ୍ତ ଭାବେ କାର୍ଯ୍ୟ କରି ପ୍ରବାସୀ ଶ୍ରମିକ ପ୍ରଥାକୁ ମୂଳୁଠାରୁ ଉଚ୍ଛେଦ କରିବାକୁ ସେ ଜୋର ଦେଇଥିଲେ। ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଜିଲ୍ଲା କଲ୍ୟାଣ ଅଧିକାରୀ ଦୀପ୍ତିମନ୍ତ ଭୋଇ ସହ ସମସ୍ତ ତହସିଲଦାର, ବିଡିଓ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମନ୍ୱିତ ଓ ଦୀର୍ଘକାଳୀନ ପଦକ୍ଷେପ ଗ୍ରହଣ ଉପରେ ଜୋର ଦିଆଯାଇଥିଲା।

# ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ପ୍ରସ୍ତୁତି ବୈଠକ

ପୁରୀ, ୨୯/୦୪ (ନି.ପ୍ର): ଅସ୍ତରଙ୍ଗ ବ୍ଲକର ଐତିହାସିକ ଲବଣ ସତ୍ୟାଗ୍ରହ ପୀଠ କୁହୁଡି ଠାରେ ପ୍ରତି ବର୍ଷ ମଇ ମାସ ୨୧ ତାରିଖକୁ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଭାବେ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ୯୬ ତମ ରାଜ୍ୟ ସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମରେ ଲବଣ ସତ୍ୟାଗ୍ରହର ଭୂମିକା ଅତିବ ଗୁରୁତ୍ୱପୂର୍ଣ୍ଣ ।ମହାତ୍ମାଗାନ୍ଧୀଙ୍କ ଡାକରାରେ ଲକ୍ଷ ଲକ୍ଷ ସଂଗ୍ରାମୀ ଏଥିରେ ସ୍ୱତଃ ପ୍ରବୃତ୍ତ ଭାବେ ଯୋଗ ଦେଇଥିଲେ ।ସେମାନଙ୍କ ତ୍ୟାଗ ଓ ବଳିଦାନର ଫଳ ଆମର ଦେଶର ସ୍ୱାଧୀନତା, ଯାହା ଆମେ ଉପଭୋଗ କରୁଛନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା କହିବା ସହ ଏହି ଦିବସକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁ ରୁପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ମିଳିତ ସହଯୋଗରେ ଏହା ପ୍ରତ୍ୟେକ ବର୍ଷ କୁହୁଡି ଠାରେ ପାଳିତ ହୋଇଥାଏ। ଚଳିତ ବର୍ଷ ଏହାକୁ ଅନୁରୂପ ଭାବେ ସମସ୍ତଙ୍କ ସହଯୋଗରେ ପାଳନ କରାଯିବାର ବ୍ୟବସ୍ଥା ହେଉଛି ବୋଲି ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମୀୟ କୁମାର ପଟ୍ଟନାୟକ କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ନିଷ୍ପତି ଅନୁସାରେ ମଇ ୨୧ ତାରିଖ ପୂର୍ବାହ୍ନ ୭ଟା ସମୟରେ ବ୍ଲକ ନିକଟରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତି, ବ୍ଲକ ପରିସରରେ ଥିବା ସ୍ମୃତି ସ୍ତମ୍ଭ ଠାରେ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା କୁହୁଡି ଠାରେ ପହଂଚିବ। ସେଠାରେ ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ଜାତୀୟ ପତାକା ଉତୋଳନ କରାଯିବ। ପରେ ଲବଣ ସତ୍ୟାଗ୍ରହ ସମାରୋହ ଅନୁଷ୍ଠିତ ହେବ। ରାସ୍ତା ମରାମତି, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ବ୍ୟବସ୍ଥା, ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା,ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧରେ ବିବିଧ ପ୍ରତିଯୋଗିତା ଆୟୋଜନ, କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଆୟୋଜିତ ହେବ।

# କଳା, ସାହିତ୍ୟ ସଂସ୍କୃତି ମଞ୍ଚରେ ସମ୍ମାନିତ ହେଲେ ଲେଖିକା ତଥା ସମାଜସେବୀ ସସ୍ମିତା ଦାସ

କଟକ, ୨୯/୪ (ନି.ପ୍ର): ସାରସ୍ୱତ ଓ ସାଂସ୍କୃତିକ ଅନୁଷ୍ଠାନ ସ୍ଥାପନା ଚାରିଟେବୁଲ ଟ୍ରଷ୍ଟର ଦ୍ୱାରା ଆୟୋଜିତ କଳା, ସାହିତ୍ୟ ଓ ସଂସ୍କୃତି କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛନ୍ତି ବିଶିଷ୍ଟ ଲେଖିକା ତଥା ଜଣାଶୁଣା ସମାଜସେବୀ ସସ୍ମିତା ଦାସ । ନୀଳକଇଁ ପତ୍ରିକା ଏବଂ ସାମାଜିକ ଅନୁଷ୍ଠାନ ମଦରର ସମ୍ପାଦିକା ଭାବେ ଶ୍ରୀମତୀ ସସ୍ମିତା ଦାସ ଦୀର୍ଘ ଦିନ ହେବ ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିର ବିଶ୍ୱସ୍ତରୀୟ ଉପସ୍ଥାପନା ସହ ସାମାଜିକ କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ଅବଦାନ ଦେଇଥିବାରୁ ତାଙ୍କୁ ଏହି



ସମ୍ମାନରେ ସମ୍ମାନିତ କରାଯାଇଛି । ଶ୍ରୀରାମଚନ୍ଦ୍ର ଭବନ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଶ୍ରୀ ଗୌର ପଟ୍ଟନାୟକ ଏବଂ ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ହାତରୁ ସେ ସମ୍ମାନିତ ହୋଇଥିଲେ । ଏହି ଅବସରରେ ଶ୍ରୀମତୀ ଦାସ କହିଥିଲେ କି, ସାମାଜିକ କାମ କରିବା ଦ୍ୱାରା ପ୍ରତ୍ୟକ୍ଷ ଭାବେ ଲୋକଙ୍କ ସହ ଯୋଡିହୋଇ ସେମାନଙ୍କ ସୁଖ ଦୁଃଖରେ ଭାଗି ହୋଇ ଯେଉଁ ଅନୁଭୂତି ମିଳିଥାଏ ତାକୁ ସାହିତ୍ୟ ସର୍ଜନାର ଉପାଦାନ ଭାବେ ମୁ ବ୍ୟବହାର କରେ । ସାମାଜିକତା ହିଁ ମୋ ଲେଖାର ଏକ ଅଂଶ ଏବଂ ଏହା ସାହିତ୍ୟର ଏକ ମୁଖ୍ୟ ଉପାଦାନ ହେବା ଆବଶ୍ୟକ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବେତାର ତଥା ଜାତୀୟ ସ୍ତରର ବିଶିଷ୍ଟ ତବଲା ଓ ମର୍ଦ୍ଦଳ ବାଦକ ପଣ୍ଡିତ ହରମୋହନ ଖୁଣ୍ଟିଆ, ବିଶ୍ୱପ୍ରସିଦ୍ଧ ବାଲୁକା ଶିଳ୍ପୀ ଶ୍ରୀ ସୁଦାମ ପ୍ରଧାନ, ବରିଷ୍ଠ ଅଭିନେତା ଓ ନିର୍ଦ୍ଦେଶକ ଶ୍ରୀ ଅଶ୍ୱିନୀ ପଣ୍ଡା, ପାଇକ ଆଖଡ଼ା ଗୁରୁ ଶ୍ରୀ ଶଶିକାନ୍ତ ଗଡ଼ନାୟକ ମଧ୍ୟ ଏହିଅବସରରେ ସମ୍ମାନିତ ହୋଇଥିଲେ । ସ୍ଥାପନା ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷା ଶ୍ରୀମତୀ ନିବେଦିତା ନାୟକ ଏବଂ ସମ୍ପାଦକ ଶ୍ରୀ ସରୋଜ କୁମାର ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପରିଚାଳିତ ହୋଇଥିବା କାର୍ଯ୍ୟକ୍ରମରେ ବରିଷ୍ଠ ଲେଖିକା ଶ୍ରୀମତୀ ସନ୍ଧ୍ୟାରାଣୀ ମିତ୍ର ମଞ୍ଚ ପରିଚାଳନା କରିଥିଲେ । ବିପିନ ଦାସ, ଅପର୍ଣ୍ଣା ପାଣି, କାର୍ତ୍ତିକ ଡାକୁଆ, ଜୟଶ୍ରୀ ଡାକୁଆ, ସତ୍ୟପ୍ରକାଶ ମହାନ୍ତି, ଭଗବାନ ଦାସ ପ୍ରମୁଖ ଆକର୍ଷଣୀୟ ସଂଗୀତ ପରିବେଷଣ କରିଥିଲେ ।

# ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଉତ୍ସାହମୟ ପରିବେଶରେ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫-୨୬ ଆରମ୍ଭ

ବାଲେଶ୍ୱର, ୨୯/୪ (ନି.ପ୍ର): ଫକୀରମୋହନ ବିଶ୍ୱ ବିଦ୍ୟାଳୟରେ ବହୁ ପ୍ରତୀକ୍ଷିତ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫-୨୬, ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ଶୁଭାରମ୍ଭ ହୋଇଛି। ଜିଲ୍ଲାର ବିଭିନ୍ନ ଗ୍ରାମୀଣ ଅଞ୍ଚଳରୁ ଆସିଥିବା ଫୁଟବଲ୍ ପ୍ରତିଭାମାନଙ୍କୁ ଏକତ୍ରିତ କରି ଏହି ଆୟୋଜନ କ୍ରୀଡାସ୍ପୃହା, ଏକତା ଓ ତୃଣମୂଳ ସ୍ତରର କୌଶଳକୁ ସୁସଜ୍ଜିତ ଭାବେ ପ୍ରକାଶ କରିପାରିଛି । ଟୁର୍ଣ୍ଣାମେଣ୍ଟଟି ଏପ୍ରିଲ ୩୦, ୨୦୨୬ ପର୍ଯ୍ୟନ୍ତ ଚାଲିବ।

ଗ୍ରାମୀଣ ଅଞ୍ଚଳରୁ ପ୍ରତିଭାଶାଳୀ ଫୁଟବଲ୍ ଖେଳାଳିଙ୍କୁ ଚିହ୍ନଟ, ପ୍ରୋତ୍ସାହନ ଓ ଉନ୍ନୟନ କରିବା ଉଦ୍ଦେଶ୍ୟରେ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଛି। ଏହା ବିଶ୍ୱବିଦ୍ୟାଳୟର ଯୁବ ସଶକ୍ତିକରଣ ଓ ଗ୍ରାମ ସ୍ତରରେ କ୍ରୀଡା ଭିତ୍ତିକୁ ସୁଦୃଢ଼ କରିବାର ପ୍ରୟାସକୁ ସଫଳ କରିଛି।



ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ, ତାଙ୍କର ପ୍ରେରଣାଦାୟକ ଉଦବୋଧନରେ ଖେଳାଳିମାନଙ୍କୁ ନିଷ୍ଠା, ଶୃଙ୍ଖଳା ଓ ସତ୍ୟ କ୍ରୀଡାସ୍ପୃହା ସହିତ ଖେଳିବାକୁ ଆହ୍ୱାନ କରିଥିଲେ।

ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଗ୍ରାମୀଣ କ୍ରୀଡାର ଉନ୍ନତିର ଗୁରୁତ୍ୱ ଉଲ୍ଲେଖ କରି ଅଂଶଗ୍ରାହୀମାନଙ୍କୁ ଏହି ସୁଯୋଗର ସର୍ବାଧିକ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ।

କୁଳସଚିବ ଶ୍ରୀମତୀ କୁକୁମୀନା ଦାସ ସମସ୍ତ ଦଳକୁ ଶୁଭେଚ୍ଛା ଜଣାଇ କ୍ରୀଡାର ସାମଗ୍ରିକ ବିକାଶରେ ଭୂମିକାକୁ ଉଲ୍ଲେଖ କରିଥିଲେ। ଏହି ଅବସରରେ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ, ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ସଂଗ୍ରାମ ବିଶୋଇ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି, ଯେଉଁମାନେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ କ୍ଲବ୍‌କୁ ପ୍ରତିନିଧିତ୍ୱ କରୁଛନ୍ତି — ବାଲିଆପାଳ ବ୍ଲକ୍, ଦୁର୍ଗାଦେବୀପୁର (ରେମୁଣା), ବାଲେଶ୍ୱର ସଦର, ଚତୁରିଖୁଣ୍ଟା, ବାଲେଶ୍ୱର ପୌରପାଳିକା, ଏମ୍.ଜି କ୍ଲବ୍ (ନୂଆପାଢ଼ୀ), ନିମପାଳ (ନିଳଗିରି ବ୍ଲକ୍), ମଖାପଦା, ମହାବୀର କ୍ଲବ୍ ସିରେଇପୁର, ସିମୁଳିଆ ବ୍ଲକ୍, ଔପଦା ବ୍ଲକ୍, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାହାନଗା ବ୍ଲକ୍, ନିଳଗିରି ବ୍ଲକ୍, ଜଳେଶ୍ୱର ବ୍ଲକ୍ ଓ ରେମୁଣା ବ୍ଲକ୍। ବିଶ୍ୱବିଦ୍ୟାଳୟ ପରିସରରେ ଏହି ଆୟୋଜନ ଉତ୍ସବମୟ ପରିବେଶ ସୃଷ୍ଟି କରିଛି, ଯେଉଁଠାରେ ଖେଳାଳିମାନେ ତାଙ୍କର ଅସାଧାରଣ କୌଶଳ, ଦଳୀୟ ସମନ୍ୱୟ ଓ ପ୍ରତିଯୋଗୀତାମୂଳକ ମନୋଭାବ ପ୍ରଦର୍ଶନ କରୁଛନ୍ତି। ଫକୀର ମୋହନ ବିଶ୍ୱବିଦ୍ୟାଳୟ ନିରନ୍ତର ଭାବେ କ୍ରୀଡା ସଂସ୍କୃତିକୁ ପ୍ରୋତ୍ସାହନ ଓ ନୂତନ ପ୍ରତିଭାଙ୍କୁ ସଫଳତାର ଅବସର ଯୋଗାଇବା ସହ ଏହି ଟୁର୍ଣ୍ଣାମେଣ୍ଟ ଗ୍ରାମୀଣ ଫୁଟବଲ ଖେଳାଳିମାନଙ୍କ ପାଇଁ ଆଗକୁ ବଢ଼ିବାର ଏକ ମହତ୍ୱପୂର୍ଣ୍ଣ ସୋପାନ ସାବ୍ୟସ୍ତ ହେବ ବୋଲି ଆଶା କରାଯାଇଛି।

# ଜାତୀୟ ରାଜପଥରେ କାର ଓ ବସ ମଧ୍ୟରେ ଦୁର୍ଘଟଣା : ୧ ମୃତ, ୪ ଗୁରୁତର

ସୁବର୍ଣ୍ଣପୁର, ୨୯/୪ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ୨୬ ନମ୍ବର ଜାତୀୟ ରାଜପଥ ହାଇସ୍କୁଲ ଛକ ନିକଟରେ ମଙ୍ଗଳାବର ଅପରାହ୍ଣ ପ୍ରାୟ ୩ଟା ବେଳେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି । ଦୁର୍ଘଟଣା ସ୍ଥଳରେ ଜଣଙ୍କ ପ୍ରାଣବାୟୁ ଉଡ଼ି ଯାଇଥିବା ବେଳେ ୪ ଗୁରୁତରଙ୍କୁ ବୁର୍ଲା ବଡ ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନା ଯୋଗ୍ୟ ଯେ, ବଲାଙ୍ଗିର – ବରଗଡ ଜାତୀୟ ରାଜପଥ ବଲାଙ୍ଗିର ପଟକୁ ଯାଉଥିବା ଏକ ଦ୍ରୁତଗାମୀ କାର ଓ ମହାପାତ୍ର ନାମକ ଏକ ଘରୋଇ ବସ୍ ମଧ୍ୟରେ ଡୁଙ୍ଗୁରିପାଲି ହାଇସ୍କୁଲ ଛକ ଠାରେ ମୁହାମୁହିଁ ଧକ୍କା ହେବା ଫଳରେ କାରରେ ଥିବା ମଧ୍ୟପ୍ରଦେଶର ଭୋପାଲ ଅଞ୍ଚଳର ବୀରେନ୍ଦ୍ର ସିଂ (୬୫)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ଏହାସହ ତାଙ୍କ ପତ୍ନୀ ଓ ପୁଅ ଗୁରତର ଥିବା ବେଳେ ବୋହୂ ଓ ୨ ଶିଶୁ ଆହତ ହୋଇଛନ୍ତି ।

# ଅନ୍ତରଙ୍ଗ କଳିଙ୍ଗ ପାଳିଲା ସ୍ୱାଭିମାନ ଦିବସ

ଭୁବନେଶ୍ୱର, ୨୯/୪ (ନି.ପ୍ର): ଆଜି କୁଳବୃଦ୍ଧ ମଧୁସୂଦନଙ୍କ ଧରାବତରଣ ଦିବସ ଅବସରରେ ଓଡ଼ିଶା ମାଟିରେ ଓଡ଼ିଆ ସ୍ୱାଭିମାନର ଉଦ୍ଯାପନ ଲକ୍ଷ୍ୟରେ କାର୍ଯ୍ୟରତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅନ୍ତରଙ୍ଗ କଳିଙ୍ଗ ଫାଉଣ୍ଡେସନ ପକ୍ଷରୁ ଐତିହାସିକ କଳଣ ଗ୍ରାମର ମଧୁପୁର ମହାବିଦ୍ୟାଳୟ ପରିସରରେ ସ୍ୱାଭିମାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ମହାବିଦ୍ୟାଳୟ ପରିସରରେ ଫାଉଣ୍ଡେସନ ପକ୍ଷରୁ ପୂର୍ବରୁ ସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ପୂଜାର୍ଚ୍ଚନା ପରେ ସଭାଗୃହରେ ସଂସ୍କୃତ ଅଧ୍ୟାପକ ଲକ୍ଷ୍ମୀଧର ଭୁଏ ଡ. ଦୁର୍ବାଦଳ ମେହେରଙ୍କ ସଂସ୍କୃତ ଭାଷାରେ ରଚିତ ମଧୁବନ୍ଦନା ଗାନ




କରିଥିଲେ, ପରେ ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ମଧୁବାବୁଙ୍କ କାଳଜୟୀ କବିତା 'ତୁ ପରା ବୋଲାଉ ଉତ୍କଳ ସନ୍ତାନ' ଗାନ ସହିତ ସଭାରମ୍ଭ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ 'ଓଡ଼ିଆ ସ୍ୱାଭିମାନ ଓ ମଧୁସୂଦନ' ଶୀର୍ଷକ ଆଲୋଚନାଚକ୍ରରେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଶ୍ରୀଯୁକ୍ତ ନିରଞ୍ଜନ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମଧୁବାବୁଙ୍କ ଜାତୀୟ ଜୀବନର ବ୍ୟାଖ୍ୟାନ କରିବା ସହିତ ସଭାରେ ଉପସ୍ଥିତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧୁବାବୁଙ୍କ ସ୍ୱାଭିମାନ ତଥା ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ ସହିତ ତାଙ୍କ ସ୍ୱାଭିମାନ ମନ୍ତ୍ରରେ ଦୀକ୍ଷିତ ହେବା ପାଇଁ ପ୍ରବର୍ତ୍ତାଇ ଥିଲେ ! ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ପ୍ରଦୀପ କୁମାର ଦାସ ଯୋଗଦେଇ ଓଡ଼ିଆଙ୍କ ଜନଜୀବନରେ ମଧୁବାବୁଙ୍କ ଜୀବନଗାଥାର ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ । ଫାଉଣ୍ଡେସନର ଯାଜପୁର ମଣ୍ଡଳର ସଭାପତି ଶ୍ରୀଯୁକ୍ତ ବସନ୍ତ କୁମାର ଶତପଥୀ ନିଜର ବକ୍ତବ୍ୟ ରଖିଥିଲେ ଏବଂ ଫାଉଣ୍ଡେସନ ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ଅମ୍ବିକା ପଟ୍ଟନାୟକ ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ତରଙ୍ଗ କଳିଙ୍ଗ ଫାଉଣ୍ଡେସନ ପକ୍ଷରୁ ରାଜ୍ୟରେ ପ୍ରଥମଥର ପାଇଁ ପ୍ରସ୍ତୁତ କରାଯାଇଥିବା ଓଡ଼ିଆ ସ୍ୱାଭିମାନ ପତାକାର ଉନ୍ମୋଚନ କରାଯାଇଥିଲା । ଅନୁଷ୍ଠାନର ଏଭଳି ଅନନ୍ୟ ପଦକ୍ଷେପକୁ ଉପସ୍ଥିତ ସଭାସଦବର୍ଗ ଭୁରି ଭୁରି ପ୍ରଶଂସା କରିଥିଲେ । ଏହା ସହିତ ଫାଉଣ୍ଡେସନର ସ୍ମରଣିକା 'ସ୍ୱାଭିମାନ ସ୍ମରଣେ' କୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। 'ଓଡ଼ିଆ ସ୍ୱାଭିମାନ ଓ ମଧୁସୂଦନ' ଶୀର୍ଷକ ବିଷୟରେ ପୂର୍ବରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଫାଉଣ୍ଡେସନ ତରଫରୁ ପଦକ ଏବଂ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା। ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ଶେଖ୍ ଗୁଲଜାର ହୁସେନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ, ସଭାରେ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅପର୍ଣ୍ଣା ଶରଣ, ଫାଉଣ୍ଡେସନର କର୍ମକର୍ତ୍ତା ପୁରୁଷୋତ୍ତମ ଖୁଣ୍ଟିଆ, ନିରଞ୍ଜନ ସାହୁ, ଦେବ ତ୍ରିପାଠୀ, ନିହାର ରଞ୍ଜନ ଆଚାର୍ଯ୍ୟ, ରଶ୍ମିରଞ୍ଜନ ପଣ୍ଡା, ଦେବାଶିଷ ଦାସ ପ୍ରମୁଖ ଯୋଗଦାନ କରିଥିଲେ ।

# ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ସାମ୍ବାଦିକ ସୁରକ୍ଷା ପାଇଁ ଦାବିପତ୍ର ପ୍ରଦାନ

ଖୋର୍ଦ୍ଧା, ୨୯/୪ (ନି.ପ୍ର): ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ପେନସନ ପ୍ରଦାନ,ସ୍ୱାସ୍ଥ୍ୟ ବୀମା ଯୋଜନା ରେ ସମ୍ପ୍ରସାରଣ,ବ୍ୟାପକ ଅଧି ସ୍ୱୀକୃତି ପ୍ରଦାନ,ଓଡ଼ିଶାପ୍ରେସ ଏକାଡେମୀ ଗଠନ ଓ ମୃତ୍ୟୁ ଅନୁକମ୍ପା ରାଶି ଦଶ ଲକ୍ଷ ଟଙ୍କା ବୃଦ୍ଧି ଦାବିରେ ଆଜି ଉତ୍କଳ ସାମ୍ବାଦିକ ସଂଘ, ଓଡିଶା ର ସଭାପତି ବିଭୁତି ଭୂଷଣ କରଙ୍କ ଆହ୍ୱାନ ରେ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଙ୍କ ନେତୃତ୍ୱ ରେ ଚାଲିଶି ରୁ ଉର୍ଦ୍ଧ ସାମ୍ବାଦିକ ଏକାଠି ହୋଇ ନାରାବାଜି କରି ଏକ ଶୋଭାଯାତ୍ରା ଆସି ଓଡିଶା ର ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟ ରେ ଏକ ସ୍ମାରକ ପତ୍ର ଜିଲ୍ଲାପାଳ ଙ୍କ ଅନୁପସ୍ଥିତ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି କାର୍ଯ୍ୟରତ ସାମ୍ବାଦିକମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡିଶା ରେ ଅପେକ୍ଷାକୃତ ଦୁର୍ବଳ। ଦେଶର ସଂଖ୍ୟାଧିକ ରାଜ୍ୟ, ସେ ରାଜ୍ୟର ହଜାର ହଜାର ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ କରୁଥିବା ବେଳେ ଆମ ରାଜ୍ୟରେ ଏ ସଂଖ୍ୟା ମାତ୍ର ୨୦୦ରେ ସୀମିତ ରହିଛି। ଦେଶର ୨୦ରୁ ଅଧିକ ରାଜ୍ୟରେ ସାମ୍ବାଦିକମାନଙ୍କୁ ୧୦,୦୦୦ରୁ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ପେନସନ, ରିହାତି ମୂଲ୍ୟରେ ପରିବହନ ସୁବିଧା, ସାମ୍ବାଦିକ ସୁରକ୍ଷା ଆଇନ ମାଧ୍ୟମରେ ବୃତ୍ତିଗତ ଅଭୟତା ଭଳି ନାନାଦି ଆର୍ଥିକ ଓ ସାମାଜିକ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି । ମାତ୍ର ଓଡ଼ିଶା ସରକାର ପକ୍ଷରୁ କିଛି ସୀମିତ ଯୋଜନା ବ୍ୟତୀତ ଆବଶ୍ୟକ ମୌଳିକ ସୁବିଧାରୁ ସାମ୍ବାଦିକବର୍ଗଙ୍କୁ ବଞ୍ଚିତ କରାଯାଇଛି। ଏହା ଦର୍ଶାଉଛି ଯେ, ରାଜ୍ୟ ସରକାର ସାମ୍ବାଦିକମାନଙ୍କ ଦାବି ପ୍ରତି ଆବଶ୍ୟକୀୟ ସମ୍ବେଦନଶୀଳତା ପ୍ରଦର୍ଶନ କରୁନାହାଁନ୍ତି । ଏହି ସନ୍ଦର୍ଭରେ ପୂର୍ବ ସରକାର ସମୟରେ "ଉତ୍କଳ ସାମ୍ବାଦିକ ସଂଘ" ପକ୍ଷରୁ ନିରନ୍ତର ଧାରଣା, ପ୍ରତିବାଦ ଓ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏମିତି କି ୨୦୨୪ ମସିହା ଫେବୃୟାରୀ ମାସରେ ବିଧାନସଭା ସମ୍ମୁଖରେ ତତ୍କାଳୀନ ସରକାର ବିରୋଧରେ ଏକ ବିଶାଳ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିବାବେଳେ ତତ୍କାଳୀନ ବିରୋଧୀ ଦଳର ମୁଖ୍ୟ ଛାଟିଆ ଭାବେ ବର୍ତ୍ତମାନ ର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ପାଞ୍ଚଜଣ ସହଯୋଗୀ ବିଧାୟକଙ୍କ ସହ ବିକ୍ଷୋଭସ୍ଥଳରେ ପହଞ୍ଚି ସମବେତ ତିନି ହଜାରରୁ ଉର୍ଦ୍ଧ୍ୱ ସାମ୍ବାଦିକଙ୍କୁ ଉଦ୍‌ବୋଧନ ମାଧ୍ୟମରେ ଆଶ୍ୱାସନା ଦେଇଥିଲେ–" ସରକାରକୁ ଆସିଲେ ସାମ୍ବାଦିକମାନଙ୍କ ନ୍ୟାର୍ଯ୍ୟ ଦାବିକୁ ଛଅମାସ ମଧ୍ୟରେ ପୂରଣ କରଯିବ" ।

# ବିଜେପିର ବିଶାଳ ଜନ ଆକ୍ରୋଶ ମହିଳା ପଦଯାତ୍ରା

ନୀଳଗିରି , ୨୯/୪ (ନି.ପ୍ର): ଭାରତୀୟ ଜନତାପାର୍ଟି ନୀଳଗିରି ନିର୍ବାଚନମଣ୍ଡଳୀ ପକ୍ଷରୁ ଆଜି ଏକ ଐତିହାସିକ 'ଜନ ଆକ୍ରୋଶ ମହିଳା ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ନାରୀଶକ୍ତି ବନ୍ଦନ ଅଧିନିୟମ'କୁ ବିରୋଧ କରୁଥିବା ଇଣ୍ଡିମେଣ୍ଟ ଓ ବିଜେଡିର ମହିଳା ବିରୋଧୀ ମାନସିକତା ବିରୁଦ୍ଧରେ ନୀଳଗିରିର ହଜାରହଜାର ମହିଳା ରାଜରାସ୍ତାକୁ ଓହ୍ଲାଇଥିଲେ। ପଦଯାତ୍ରା ନୀଳଗିରି ଜଗନ୍ନାଥ ମନ୍ଦିରରୁ ବାହାରି ସହର ପରିକ୍ରମାକରିବା ପରେ ବସଷ୍ଟାଣ୍ଡ ନିକଟରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାର ଦେବାରେ ବାଧା ସୃଷ୍ଟି କରୁଥିବା ଇଣ୍ଡିମେଣ୍ଟର ପ୍ରମୁଖନେତା ରାହୁଲ ଗାନ୍ଧୀ, ନବୀନ ପଟ୍ଟନାୟକ, ଅଖିଳେଶ ଯାଦବ, ମମତା ବାନାର୍ଜୀଙ୍କ ସମେତ ବିରୋଧୀ ମେଣ୍ଟର ଅନ୍ୟାନ୍ୟ ନେତାମାନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ନାରୀଶକ୍ତିର ଅପମାନ କରୁଥିବା ଏହି ନେତାମାନଙ୍କ ବିରୁଦ୍ଧରେ ସମଗ୍ର ସହରରେ ଆକ୍ରୋଶ ଦେଖିବାକୁ ମିଳିଥିଲା।ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବିଧାୟକ ଶ୍ରୀ ସନ୍ତୋଷ କୁମାର ଖଟୁଆଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ଜିଲ୍ଲାପରିଷଦ ସଭ୍ୟା ମୁନି ସିଂ, ଉଷାରାଣୀ ରାଉଳ, ସୁବର୍ଣ୍ଣ ମଞ୍ଜରୀ ସିଂ, ରଞ୍ଜିତା ସିଂ, ଔପଦା ବ୍ଲକ୍ ଚେୟାରମ୍ୟାନ ସୁଶ୍ରୀ ବିଶି ବିପସା ପାତ୍ର, ଏସଡିସି ଭାଇସ୍ ଚେୟାରମ୍ୟାନ ଝରଣା ସିଂ, ରଞ୍ଜିତା ସିଂ (କୋଅପରେଟିଭ୍ ବ୍ୟାଙ୍କ), ସରସ୍ୱତୀ ନନ୍ଦ, ଅପର୍ଣ୍ଣା ପ୍ରଧାନ ଏବଂ ନୀଳଗିରି ବିଜ୍ଞପିତ ଅଞ୍ଚଳପରିଷଦର ସମସ୍ତ ମହିଳା କାଉନସିଲର ପ୍ରମୁଖ ସାମିଲ ହୋଇ ବିରୋଧୀଙ୍କୁ ତୀବ୍ର ସମାଲୋଚନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆସିଲା ଏଗଜିଟ୍ ...

୧୪୦ ବିଧାନସଭା ଆସନ ବିଶିଷ୍ଟ କେରଳରେ ବାଦମଦଳକୁ ୬୦ରୁ ୬୫ ଆସନ ମିଳିପାରେ ବୋଲି ସର୍ଭେ ସଂସ୍ଥା ପକ୍ଷରୁ କୁହାଯାଇଛି। କଂଗ୍ରେସକୁ ଏଠାରେ ୭୦ରୁ ୭୫ଟି ଆସନ ମିଳିପାରେ। ପ୍ରଜା ପୋଲ ସର୍ଭେ ରିପୋର୍ଟ ଅନୁସାରେ ୩୩ ଆସନ ବିଶିଷ୍ଟ ପୁଡୁଚେରୀ ବିଧାନସଭା ନିର୍ବାଚନରେ ବିଜେପକୁ ୧୯ରୁ ୨୫ଟି ଆସନ ମିଳିବ। ଏଠାରେ କଂଗ୍ରେସକୁ ୬ରୁ ୮ଟି ଆସନ ମିଳିପାରେ। ଇଣ୍ଡିଆ ଟୁଡେ ରିପୋର୍ଟ ଅନୁସାରେ ବିଜେପିକୁ ୧୬ରୁ ୨୦ ଏବଂ କଂଗ୍ରେସକୁ ୬ରୁ ୮ଟି ଆସନ ମିଳିପାରେ। ସୂଚନାଯୋଗ୍ୟ, ୫ଟି ରାଜ୍ୟର ୮୨୪ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୭ କୋଟି ମତଦାତା ଭୋଟିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଅନୁମାନ କରାଯାଉଛି। ଆସାମ, କେରଳ ଏବଂ ପୁଡୁଚେରୀରେ ଚଳିତ ମାସ ୯ ତାରିଖରେ ମତଦାନ ଗ୍ରହଣ କରାଯାଇଥିଲା। ତାମିଲନାଡୁରେ ଏପ୍ରିଲ ୨୩ ଗୋଟିଏ ପର୍ଯ୍ୟାୟରେ ମତଦାନ କରାଯାଇଥିଲା। ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ମତଦାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଗତ ୨୩ ତାରିଖରେ ମତଦାନ ହୋଇଥିଲା। ଆଜି ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ଶେଷ ହୋଇଛି।

### ଡାବୁଗାଁ ପୁଲିସ...

ଦୁଇ ମାସ ତଳର ନାବାଳିକା ଅପହରଣ ମାମଲାରେ, ଅଭିଯୁକ୍ତ ପୂର୍ଣ୍ଣ କଲାରକୁ ସୋମବାର ସିଂସାରି ଥାନାକୁ ଅଣାଯାଇଥିଲା। ଦୁଇ ଦିନ ଧରି ପୀଡ଼ିତାଙ୍କ ପରିବାର ସହ ଆପୋଷ ଆଲୋଚନା କରି ମାମଲାର ସମାଧାନ କରିବାକୁ ଚେଷ୍ଟା କରାଯଇଥିଲା। ପୀଡ଼ିତାଙ୍କ ପରିବାର ରାଜି ନହେବାରୁ ପୁଲିସ ମାମଲା ରୁଜୁ କରିଥିଲେ। ବୁଧବାର ସକାଳୁ ପୂର୍ଣ୍ଣକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ଯୋଜନା କରିଥିଲା। ଏହା ମଧ୍ୟରେ ଅଭିଯୁକ୍ତ ପୂର୍ଣ୍ଣ ଆତ୍ମହତ୍ୟା କରିଥିଲା। ପୂର୍ବାହ୍ଣରେ ତାଙ୍କ ଭାଇ ଘନ କଲାର ଓ ସମ୍ପର୍କୀୟ ଭାଇ ରନ୍ କଲାରଙ୍କୁ ଥାନାକୁ ଡାକି ପୁଲିସ ମୃତଦେହ ଦେଖାଇଥିଲେ। ପରେ ମରଶରୀରକୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଖବର ପ୍ରଚାର ହେବା ପରେ ଶହଶହ ଗ୍ରାମବାସୀ ଓ ତାଙ୍କ ସମ୍ପର୍କୀୟ ମାନେ ଡାବୁଗାଁଥାନା ନିକଟରେ ଜମା ହୋଇଥିଲେ। ଥାନା ସମ୍ମୁଖରେ ଉତ୍ତ୍ୟକ୍ତ ଲୋକେ ବହୁ ସମୟ ଅପେକ୍ଷା କରିଥିଲେ। 'ପଇସା ନିଅ, ମୋ ଭାଇକୁ ଦିଅ' ?ସ୍ଲୋଗାନ ଦେବା ସହ ଥାନା ଭିତରକୁ ପଶିବାକୁ ଚେଷ୍ଟା କରିଥିଲେ। ପରେ ଢେଲା ଫିଙ୍ଗିଥିଲେ। ଉମରକୋଟ ଏସଡିପିଓ ଶୁଭେନ୍ଦୁ ଶବର କହିଛନ୍ତି, ଏଥିରେ ୩ଜଣ କନେଷ୍ଟବଲ ସାମାନ୍ୟ ଆହତ ହୋଇଥିବା ବେଳେ ୨ଟି ପୁଲିସ ଗାଡ଼ି ଭାଙ୍ଗିଛି। ଘଟଣା ସମ୍ପର୍କରେ ସୂଚନା ପାଇ ଏସପି ଏମ୍ ସନ୍ଦୀପ ସମ୍ପତ ତୁରନ୍ତ ପଦକ୍ଷେପ ନେଇଛନ୍ତି। ଘଟଣାର ତଦନ୍ତ କରି ଗୋଟିଏ ଦିନରେ ରିପୋର୍ଟ ଦାଖଲ କରିବାକୁ ଏଏସ୍‌ପି ଆଦିତ୍ୟ ସେନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲ୍ଲା କଂଗ୍ରେସ ସଭାପତି ଡ.ଲିପିକା ମାଝୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଆଦି ଘଟଣା ସ୍ଥଳକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀ ଗୃହବିଭାଗ ଦାୟିତ୍ୱରେ ରହିଛନ୍ତି। ସେ ନିଜେ ନୈତିକତା ଉପରେ ନେଇ ନିଜେ ଇସ୍ତଫା ଦିଅନ୍ତୁ। ୨୭ତାରିଖ ଦିନ ପିଲାଙ୍କୁ ହସ୍ତାନ୍ତର କରିବା ସମୟ ଠାରୁ ଯୁବକର ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ପୁଲିସ ଅଧିକାରୀ ଓ କର୍ମଚାରୀ ମାନେ ଥିଲେ ସେମାନେ ସମ୍ପୁର୍ଣ୍ଣ ରୂପେ ଦାୟୀ ତେଣୁ ଘଟଣାର ବିଚାରବିଭାଗୀୟ ତଦନ୍ତ କରାଯାଉ ବୋଲି ଏମାନେ ଦାବି କରିଛନ୍ତି। ପରିବାରବର୍ଗଙ୍କ ପକ୍ଷରୁ ୨୦ଲକ୍ଷଟଙ୍କାର ଆର୍ଥିକ କ୍ଷତିପୂରଣ, ଜଣେ ଭାଇଙ୍କୁ ଚାକିରୀ ଓ ଅନ୍ୟ ସହଯୋଗୀଙ୍କ ନାଁରେ ହୋଇଥିବା ମାମଲା ପ୍ରତ୍ୟାହାର, ସିଂସାରୀ ଫାଣ୍ଡି ଅଧିକାରୀ ମୃତକଙ୍କ ୩ବନ୍ଧୁଙ୍କୁ ନେଇ ମାଡ଼ମାରିଥିବାରୁ ତାଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଆଦି ସହ ବିଚାର ବିଭାଗୀୟ ତଦନ୍ତ କରିବାକୁ ଦାବି କରିଥିଲେ। ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ବିଡିଓ , ଏଏସପି ଶ୍ରୀ ସେନ, ଏସଡିପିଓ ନବରଙ୍ଗପୁର କୃଷ୍ଣଚନ୍ଦ୍ର ଭତ୍ରା ପ୍ରତିନିଧି ଦଳକୁ ନେଇ ଆଲୋଚନା କରିଥିଲେ। ଆର୍ଥିକ ସହାୟତା ପୁଲିସ ପ୍ରଶାସନ ପକ୍ଷରୁ କରାଯିବାକୁ ପ୍ରତିଶ୍ରୁତି ଦେବା ସହ ଅନ୍ୟ ସହଯୋଗ କରାଯିବ ବୋଲି କହିବା ପରେ ୪ଘଣ୍ଟା ଧରି ଚାଲିଥିବା ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା।

### କେନ୍ଦୁଝରକୁ ୧୩୩୦...

ଏହା ବ୍ୟତୀତ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆଉ ୧୦୧ଟି ନୂତନ ପ୍ରକଳ୍ପ ପାଇଁ ପ୍ରାୟ ୩୭୫ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି, ଯାହା କେନ୍ଦୁଝରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ। ଏହି ନୂତନ ଇ-ବସ ସେବାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ସୁଲଭ ଭଡା। ମାତ୍ର ୫ ଟଙ୍କାରୁ ବସ ଭଡା ଆରମ୍ଭ ହେଉଥିବାରୁ ଏହା ଦୈନନ୍ଦିନ ଯାତ୍ରା କରୁଥିବା ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ବେଶ୍ ସହାୟକ ହେବ। ସମସ୍ତ ବସ ସମ୍ପୂର୍ଣ୍ଣ ଭାବେ ଏସି ହୋଇଥିବା ବେଳେ ଯାତ୍ରୀଙ୍କ ସୁରକ୍ଷାକୁ ଏଥିରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି। ପ୍ରତିଟି ବସ୍‌ରେ ସିସିଟିଭି କ୍ୟାମେରା, ପ୍ୟାନିକ୍ ବଟନ ଏବଂ ଜିପିଏସ ବ୍ୟବସ୍ଥା ରହିଛି, ଯାହାଦ୍ୱାରା ଯାତ୍ରୀମାନେ ବିଶେଷ କରି ମହିଳାମାନେ ନିର୍ଭୟରେ ଯାତ୍ରା କରିପାରିବେ। କେବଳ ପରିବହନ ନୁହେଁ, ବରଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ମଧ୍ୟ ଏହି ପ୍ରକଳ୍ପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ଯୋଜନା ମାଧ୍ୟମରେ ପ୍ରାୟ ୧୫୦ ଜଣ ନିଯୁକ୍ତି ପାଇଥିବା ବେଳେ ସେମାନଙ୍କ ମଧ୍ୟରେ ୩୦ ଜଣ ମହିଳା ଗାଇଡ୍ ଏବଂ ୨ ଜଣ ମହିଳା ଡ୍ରାଇଭର ସାମିଲ ଅଛନ୍ତି। ମହିଳାମାନଙ୍କୁ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯିବା ରାଜ୍ୟ ସରକାରଙ୍କ 'ମହିଳା ଶକ୍ତି' ଅଭିଯାନକୁ ଆହୁରି ସୁଦୃଢ଼ କରିଛି। ସାମଗ୍ରିକ ଭାବେ, ଏହି ଇ-ବସ ସେବା ସହରୀ ପରିବହନ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ । କେନ୍ଦୁଝରବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେନ୍ଦୁଝର ଜିଲ୍ଲା ରାଜ୍ୟକୁ ଅନେକ କିଛି ଦେଇଛି, କିନ୍ତୁ ବିଗତ ଦିନରେ ଏହି ଜିଲ୍ଲା ଅବହେଳିତ ହୋଇ ରହିଥିଲା। ସେ ସ୍ପଷ୍ଟ କରିଛନ୍ତି ଯେ ଆମ ସରକାର ଆସିବା ପରେ କେନ୍ଦୁଝରର ବିକାଶ ତ୍ୱରାନ୍ୱିତ ହୋଇଛି। ଜିଲ୍ଲାରେ ଏକ ମେଗାଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହାର ଶିଳାନ୍ୟାସ କରାଯାଇ କେନ୍ଦୁଝରକୁ ଦେଶର ଏକ ଶ୍ରେଷ୍ଠ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ଗଢି ତୋଳାଯିବ। ଏହି ବିଶାଳ ପଦକ୍ଷେପ ଜିଲ୍ଲାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସାଧାରଣ ଜନତାଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପର ଅନ୍ୟତମ ବିଶେଷତ୍ୱ ହେଉଛି ନାରୀ ଶକ୍ତିର ସହଭାଗିତା। ଏହି ବସ୍ ସେବାରେ ମହିଳାମାନେ ସାରଥୀ (ଡ୍ରାଇଭର) ଏବଂ ଗାଇଡ୍ ଭାବେ ନିଯୁକ୍ତି ପାଇ ନିଜର ଦକ୍ଷତା ପ୍ରତିପାଦନ କରିବେ।

### ସମ୍ମିଳିତ କର୍ମଜୀବି ...

ରଖି ସଂଘର ବହୁମୁଖୀ କାର୍ଯ୍ୟାଧରକୁ ଆଗକୁ ନେବାକୁ ପ୍ରେରଣା ଭରିଥିଲେ । ତତସହ ଆଜିର ସମୟରେ ସାମ୍ବାଦିକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମାଜିକ,ଅର୍ଥନୈତିକ ଏବଂ ରାଜନୈତିକ ସ୍ତମ୍ଭକାର ସମ୍ବଳିତ ସମସ୍ତ ତଥ୍ୟ ସମାଜର ଆଇନା ସଦୃଶ । ଉଭୟ ଛପା ଓ ବୈଦ୍ୟୁତିକ ଗଣମାଧ୍ୟମ ସହିତ ସାମାଜିକ ଗଣମାଧ୍ୟମ ସତ୍ୟ ସମ୍ବାଦ ପରିବେଷଣ କରି ଜନତାର ସେବା ପାଇଁ ବ୍ରତୀ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ସାମ୍ବାଦିକ କମଳାକାନ୍ତ ନାୟକ ଏବଂ ମହେଶ୍ୱର ପ୍ରଧାନ ନିଜ ନିଜ ଅଭିଜ୍ଞତା ବାଣ୍ଟି ଥିଲେ। ଏହି ଅବସରରେ ସଂଘର ପୂର୍ବତନ ସଭାପତି ତଥା ଦିବଂଗତ ସମ୍ବାଦିକ ସତ୍ୟପ୍ରିୟ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ଓ ତାଙ୍କ କାର୍ଯ୍ୟଦକ୍ଷତା କୁ ଅତିଥିମାନେ ସ୍ମରଣ କରିଥିଲେ । ସ୍ୱର୍ଗତ ମହାନ୍ତିଙ୍କ ବିୟୋଗରେ ସଂଘ ବହୁମାତ୍ରାରେ ଦୁର୍ବଳ ହୋଇପଡିଥିଲା ବେଳେ ପୁନଃର୍ବାର ଏହାକୁ ଆଗକୁ ନେବାକୁ ସମସ୍ତଙ୍କ ମିଳିତ ସହଯୋଗ କାମନା କରିଥିଲେ । ସାମ୍ବାଦିକ ମାନେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । କଲମ ମୁନ ହିଁ ଶାଣିତ ଅସ୍ତ୍ର ଠାରୁ ବି ଶକ୍ତିଶାଳୀ ବୋଲି ମତବ୍ୟକ୍ତ କରିବାସହ କୌଣସି ବାହ୍ୟ ଚାପର ବଶଃବର୍ତ୍ତୀ ନହୋଇ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପ୍ରବର୍ତ୍ତାଇଥିଲେ। ଏହିଅବସରରେ ସଂଘର ନୂତନ ଜିଲ୍ଲା କାର୍ଯ୍ୟାଳୟ ଅତିଥିଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା । ଏହିପରିପ୍ରେକ୍ଷୀରେ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀଯୁକ୍ତ ମିଶ୍ର ସଂଘର ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଭାବେ ଅପର୍ଣ୍ଣା ମହାପାତ୍ର ଏବଂ ସାଧାରଣ ସମ୍ପାଦକ ଭାବେ ଦେବବ୍ରତ ପାଣିଗ୍ରାହୀଙ୍କୁ ସ୍ୱୀକୃତି ପ୍ରଦାନ କରିଥିଲେ । ଶେଷରେ ଗୀତାଞ୍ଜଳୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ସଞ୍ଜୟ ଓଝା, ଅଭିରାମ ମଣ୍ଡଳ,କମଳାକାନ୍ତ ନାୟକ, ଭଗବାନ ଦାସ, ମହେଶ୍ୱର ପ୍ରଧାନ, ବିପିନ ବିହାରୀ ଦାସ, ତପନ ଦାସ, ହରିଶଙ୍କର ଜେନା, ଅରୁଣ କୁମାର ସାହୁ, ଆଶିଷ କୁମାର ଗିରୀ, ଉମେଶ ପାଣିଗ୍ରାହୀ, ମନୋଜ ବିଶ୍ୱାଳ, ତ୍ରିଲୋଚନ ମହାନ୍ତି, ନିହାରରଞ୍ଜନ ଜେନା, ବିସ୍ମୟ କୁମାର ମଲ୍ଲିକ, ପରେଶ କୁମାର ସେଠୀ, କାର୍ତ୍ତିକ ପୁଥାଳ, ଆର. କେ ମହାନ୍ତି, କଂଯମଣୀ ସ୍ୱାଇଁ, ହିର୍ତିକ ନାୟକ, ଦମୟନ୍ତୀ ମହାପାତ୍ର, ଧୀରଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ଟ୍ରମ୍ପଙ୍କ ବିପଜ୍ଜନକ...

ଏଥିପାଇଁ ସେ ହର୍ମୁଜ ପ୍ରଣାଳୀକୁ ଅସ୍ତ୍ର କରିବେ। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ଏକ ରିପୋର୍ଟକୁ ଉଦ୍ଧୃତ କରି ଏହି ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ହର୍ମୁଜରେ ଦୀର୍ଘକାଳୀନ ଅବରୋଧ ଯୋଜନା କରିଛନ୍ତି। ଏଥିପାଇଁ ଟ୍ରମ୍ପ ତାଙ୍କ ଅଧିକାରୀମାନଙ୍କୁ ଦୀର୍ଘକାଳୀନ ଅବରୋଧ ପାଇଁ ପ୍ରସ୍ତୁତ ରହିବାକୁ କହିଛନ୍ତି। ସୂଚନା ମୁତାବକ, ଟ୍ରମ୍ପ ପୂର୍ବରୁ ଆଉ ଦୁଇଟି ବିକଳ୍ପ ଉପରେ ବିଚାର କରିଥିଲେ। ତାହା ହେଉଛି- ଆମେରିକା ପୁନର୍ବାର ଇରାନ ଉପରେ ଆକ୍ରମଣ ଆରମ୍ଭ କରିବ କିମ୍ବା ସବୁଦିନ ପାଇଁ ଯୁଦ୍ଧ ଶେଷ କରିବ। ତେବେ ଏହି ଦୁଇଟି ବିକଳ୍ପ ଭିତରେ ଆମେରିକା ଅଧିକ ବିପଦ ଦେଖିଥିଲା। ସେଥିପାଇଁ ବର୍ତ୍ତମାନ ଟ୍ରମ୍ପ ଅବରୋଧ ଜାରି ରଖି ଇରାନ ଉପରେ ଅର୍ଥନୈତିକ ଚାପ ପକାଇବାକୁ ନିଷ୍ପତ୍ତି ନେଇଛନ୍ତି। ବାସ୍ତବରେ ଆମେରିକା ଏହାର ତୈଳ ରପ୍ତାନିକୁ ପ୍ରଭାବିତ କରି ଇରାନକୁ ଗଭୀର କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରୁଛି। ଇରାନର ତୈଳ ରପ୍ତାନି ପାଇଁ ହର୍ମୁଜ ପ୍ରଣାଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ମାର୍ଗ ଦେଇ ଇରାନର ତୈଳ ଟ୍ୟାଙ୍କରଗୁଡ଼ିକର ଗତିବିଧିକୁ ସୀମିତ କରି ଆମେରିକା ଏହି ଲାଇଫ୍ ଲାଇନ୍‌ର ଗଳା ଚିପିବାକୁ ଚେଷ୍ଟା କରୁଛି। ଆମେରିକା ଏଠାରେ ଅବରୋଧ ଲାଗୁ କରିବା ପରଠାରୁ ଇରାନର ରପ୍ତାନି ତୀବ୍ର ହ୍ରାସ ପାଇଛି ଏବଂ ଏହାର ପ୍ରଭାବ ବର୍ତ୍ତମାନ ଏହାର ଅର୍ଥନୀତି ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି।

ଗୁରୁବାର, ଏପ୍ରିଲ ୩୦, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଓଡ଼ିଶା ସ୍ୱାଭିମାନ ପରିଷଦର ସ୍ୱାଭିମାନ ଦିବସ ପଦଯାତ୍ରା

ବସ୍ତା , ୨୯/୪ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ଓଡ଼ିଶା ସ୍ୱାଭିମାନ ପରିଷଦ ଆନୁକୁଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ସ୍ୱାଭିମାନ ଦିବସ ପଦଯାତ୍ରା, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସ୍ୱାଭିମାନ ପରିଷଦର ସଦସ୍ୟ ଓ ଛାତ୍ରଛାତ୍ରୀମାନେ ଏକ ପଦଯାତ୍ରାରେ ଯାଇ ରୂପସାସ୍ଥିତ ମହାପାତ୍ର ହାଇସ୍କୁଲ ପରିସରରେ ଅବସ୍ଥିତ ମଧୁସୂଦନ ଦାସ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଓଡ଼ିଶା ସ୍ୱାଭିମାନ ପରିଷଦର ଆବାହକ ସୁଧାକର ଗିରି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ, ପ୍ରାକ୍ତନ ଜନସ୍ୱାସ୍ଥ୍ୟ ଅଧିକାରୀ ଜଗନ୍ନାଥ ସ୍ୱାଇଁ ଓ ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ସ୍ୱାଭିମାନ ଦିବସ ପାଳନର ମହତ୍ତ୍ୱ ଓ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମଧୁସୂଦନ ଦାସଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ମହାପାତ୍ର ହାଇସ୍କୁଲର ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ବେହେରା, ରୋଜାଲିନ ନାୟକ, ଯଜ୍ଞପ୍ରଭା ବେହେରା ଓ ସୁକନ୍ୟା ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୋପାଳ ଚନ୍ଦ୍ର ସାହୁ, ରାମଚନ୍ଦ୍ର ବେହେରା, ଜିତେନ୍ଦ୍ର ନାଥ ପ୍ରଧାନ, ସଞ୍ଜୟ କୁମାର ପରିଡ଼ା, ବିନୟ କୁମାର ବେହେରା, ଉମେଶ କୁମାର ରାଉଳ ଓ ନିରଞ୍ଜନ ବାରିକ ପ୍ରମୁଖ ସ୍ୱାଭିମାନ ଦିବସ ପଦଯାତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଇସର୍ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ । ଶେଷରେ ଗୋପାଳ ଚନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦ୍ୟୁତ୍ କରେଣ୍ଟଲାଗି ଆରସିଏମ ପମ୍ପ ଡ୍ରାଇଭର ମୃତ

ନୀଳଗିରି , ୨୯/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ସଜନାଗଡ ପଞ୍ଚାୟତ ରାଜେନ୍ଦ୍ରପୁର ଗ୍ରାମର ଜୈନିକ ବ୍ୟକ୍ତି ବିଦ୍ୟୁତଆଘାତରେ ମୃତ୍ୟୁବରଣ କରିଥିବାରୁ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ସୂଚନା ମୁତାବକ ରାଜେନ୍ଦ୍ରପୁର ଗ୍ରାମର ସ୍ୱର୍ଗତ ହଗୁରୁ ଦାସଙ୍କ ପୁଅ ଭଗବାନ ଦାସ(୫୫) ନିଜ ଘରବାଡିରେ ଥିବା କୂଅରେ ଏକ ଇଲେକ୍ଟ୍ରିପମ୍ପ ସାହାଯ୍ୟରେ ପାଣିଉଝୁଳା କାମ କରୁଥିଲେ। ଆଜି ସନ୍ଧ୍ୟାପ୍ରାୟ ୬ଟା ସମୟରେ ପାଣି ବାହାରକରି ସାରିବାପରେ ଭୁଲବଶତଃ ଇଲେକ୍ଟ୍ରି କନେକ୍ସନ୍ ନକାଢି ପମ୍ପଟିକୁ କାଢୁଥିବା ସମୟରେ କରେଣ୍ଟ ଲାଗିଯାଇଥିଲା। ସଙ୍ଗେସଙ୍ଗେ ପରିବାର ଲୋକେ ନୀଳଗିରି ଉପଖଣ୍ଡ ହସ୍ପିଟାଲ ଆଣିଥିଲେ ହେଁ ଡାକ୍ତର ମୃତଘୋଷଣା କରିଛନ୍ତି। ଭଗବାନ ପଞ୍ଚାୟତ ଦ୍ୱାରା ନିଯୁକ୍ତ ଆରସିଏମ ପମ୍ପ ଡ୍ରାଇଭର ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କର ସ୍ତ୍ରୀ,ଦୁଇପୁଅ ଓ ବୋହୂ ଅଛନ୍ତି। ସେ ଜଣେ ଅମାୟିକ, ପରୋପକାରୀ ଲୋକ ଥିବାରୁ ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।

## ଦ୍ୱିତୀୟ ଦିନରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

ଭୁବନେଶ୍ୱର, ୨୯/୪ (ନି.ପ୍ର): ରାଜ୍ୟ ବିଜେପି କାର୍ଯ୍ୟାଳୟରେ "ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬" ଦ୍ୱିତୀୟ ଦିବସରେ ଜାରୀ ରହିଛି। ଏହାର ପ୍ରଥମ ସତ୍ରରେ ରାଜ୍ୟ ସଭାପତି ମନମୋହନ ସାମଲ , ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରୀଡା , ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପୂର୍ବ ଭାରତର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ର ସଂଯୋଜକ ଡଃ ଦୀନେଶାନନ୍ଦ ଗୋସ୍ୱାମୀ,ପ୍ରଦେଶ ସଙ୍ଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି , ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଏବଂ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ଯୋଜନାର ଶିଳାନ୍ୟାସ କଲେ ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୨୯/୪ (ନି.ପ୍ର): ବାଲେଶ୍ୱର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ପୂର୍ବ ପ୍ରତିଶୃତି ଅନୁଯାୟୀ ନିରନ୍ତର ପଦକ୍ଷେପ ନେଉଛନ୍ତି ବିଧାୟକ ମାନସ କୁମାର ଦତ୍ତ । ଏହି ପରିପ୍ରେକ୍ଷୀରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ବାଲେଶ୍ୱର ପୌରାଂଚଳର ବିଭିନ୍ନ ୱାର୍ଡରେ ଥିବା ପୋଖରୀଗୁଡିକର ଉନ୍ନତି ସହ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧିନରେ ବାଲେଶ୍ୱର ପୌର ପାଳିକା ପକ୍ଷରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଏ ନେଇ ଆୟୋଜିତ ପୃଥକ ପୃଥକ କାର୍ଯ୍ୟକ୍ରମରେ ସଦର ବିଧାୟକ ଯୋଗଦେଇ ପ୍ରକଳ୍ପଗୁଡିକର ଶିଳାନ୍ୟାସ କରିଥିଲେ । ପ୍ରଥମେ ୨୦ନଂ ୱାର୍ଡରେ ଶୋଭାରାମପୁର ସହରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ପୋଖରୀର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା । ରାଜ୍ୟର ଲୋକପ୍ରିୟ ସରକାର ସହରଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଆରମ୍ଭ ସହ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଅନୁଦାନ ପ୍ରଦାନ କରୁଛନ୍ତି । ଏହି ସୂତ୍ରରେ ବାଲେଶ୍ୱର ସହରର ବିକାଶ ପାଇଁ ନିରନ୍ତର ଉଦ୍ୟମ ଜାରି ରହିଛି । ଏହି ପ୍ରକଳ୍ପରେ ପୋଖରୀର ସମ୍ପୂର୍ଣ୍ଣ ପଙ୍କୋଦ୍ଧାର ସହିତ ଗାର୍ଡୱାଲ ଓ ଷ୍ଟିଲ ବ୍ୟାରେକେଟିଂ କରାଯିବ । ଧାର୍ଯ୍ୟ ସମୟସୀମା ମଧ୍ୟରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବିଧାୟକ ଶ୍ରୀ ଦତ୍ତ ଏହି ଅବସରରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୌରାଧ୍ୟକ୍ଷା ସବିତା ସାହୁ ଏଥିରେ ପୌରହିତ୍ୱ କରିବା ସହିତ ବାଲେଶ୍ୱର ସହରରେ ପୋଖରୀ ପୁନରୁଦ୍ଧାର ଯୋଜନାର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ କିଛି ପୋଖରୀର ଉନ୍ନତିକରଣ କରାଯାଇଥିଲା । ଏବେ ଦ୍ୱିତୀୟ ପର୍ଯ୍ୟାୟରେ ୬ଟି ପୋଖରୀର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କରାଯାଉଛି । ତେବେ ସମସ୍ତ ପୋଖରୀର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ଏଥିପାଇଁ ପୌରପାଳିକା ପକ୍ଷରୁ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ରହିଛି ବୋଲି ଶ୍ରୀମତୀ ସାହୁ ସୂଚନା ଦେଇଥିଲେ । ଆଗାମୀ ଦିନରେ ସହର ମଧ୍ୟରେ ଥିବା ଅନ୍ୟ ପୋଖରୀ ଚିହ୍ନଟ ସହ ସେଗୁଡିକର ଉନ୍ନତି କରାଯିବ ବୋଲି ସେ କହିଛନ୍ତି । ଏହା ପରେ ୨୧ନଂ ୱାର୍ଡ଼ର ଗୋଡ଼ିପଦା ମହାବୀର ପୋଖରୀ, ୨୨ନଂ ୱାର୍ଡ଼ର ବାଳାଶ୍ରମ ପୋଖରୀ, ୨୩ ନଂ ୱାର୍ଡ଼ର ଚନ୍ଦନ ପୋଖରୀ ଓ ଗୋଶାଳାପଦା ପୋଖରୀ ଏବଂ ୮ନଂ ୱାର୍ଡ଼ର ବିଶ୍ରାମ ପୋଖରୀ ପ୍ରଭୃତିର ଉନ୍ନତି ପାଇଁ ଶିଳାନ୍ୟାସ କରାଯାଇଥିଲା । ପୌରନିର୍ବାହୀ ଅଧିକାରୀ ସିରିୟଲ ଶୁଭ୍ର ପଟେଲ, ପୌରଯନ୍ତ୍ରୀ ସୀମାଂଚଳ ମିଶ୍ର, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ, ୨୦ନଂ ୱାର୍ଡ଼ କାଉନସିଲର ନିରୂପମା ଦାଶ, ୨୧ନଂ ୱାର୍ଡ଼ କାଉନସିଲର ସୁଚିସ୍ମିତା ପଣ୍ଡା, ୨୨ନଂ ୱାର୍ଡ଼ କାଉନସିଲର ଦେବାଶିଷ ସିଂ, ୨୨ନଂ ୱାର୍ଡ଼ କାଉନସିଲର ଶଶୀରେଖା ମହାନ୍ତି, ୮ନଂ ୱାର୍ଡ଼ କାଉନସିଲର ପ୍ରିତିଲତା ସେଠୀ ପ୍ରମୁଖଙ୍କ ସହ ବରିଷ୍ଠ ନେତା ଗୌରାଙ୍ଗ ଦାସ, ଭାଗବତ ସାହୁ, ଗଙ୍ଗାଧର ରାଉତ, ଚିତ୍ତରଞ୍ଜନ ପଣ୍ଡା, ରାଜେନ୍ଦ୍ର ଚାଟାର୍ଜୀ, ଉପେନ୍ଦ୍ର ଶତପଥୀ, ସୁଧାଂଶୁ ପଣ୍ଡା, ସୀତାକାନ୍ତ ସ୍ୱାଇଁ, ପ୍ରମୁଖ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମଗୁଡିକରେ ଉପସ୍ଥିତ ଥିଲେ ।

## ବସ୍ତାରେ ଦ୍ରୁତଗାମୀ ଟ୍ରେନ ରହଣି ଦାବିରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଅନଶନ



ବସ୍ତା, ୨୯/୪ (ନି.ପ୍ର): ଦକ୍ଷିଣ ପୂର୍ବ ରେଳବାଇ ଅଧୀନ ବସ୍ତା ଷ୍ଟେସନରେ ଏକାଧିକ ଦ୍ରୁତଗାମୀ ଟ୍ରେନ ରହଣି ଦାବି କରି ଆଜି ଷ୍ଟେସନ ନିକଟରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଆମରଣ ଅନଶନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଗତ ୧୫ ତାରିଖରେ ବସ୍ତାରେ ଓଡିଶା ସମ୍ପର୍କ କ୍ରାନ୍ତି, ଭୁବନେଶ୍ୱର ହାବଡା ଜନ ଶତାବ୍ଦୀ ଓ ନିଳାଚଳ ଏକ୍ସପ୍ରେସର ରହଣି ଦାବିରେ ଏକ ଦାବିପତ୍ର ରେଳ ବିଭାଗର କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ପୂର୍ବରୁ ମଧ୍ୟ ବାରମ୍ବାର ଏହି ସବୁ ଦାବି ନେଇ ସ୍ମାରକ ପତ୍ର ଦିଆଯାଇଥିଲା। ମାତ୍ର ଏଥିପ୍ରତି ଦାବି ପ୍ରତି କେହି ନଜର ନ ଦେବାରୁ ଆଜି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲା ସଭାପତି କମଳ ଲୋଚନ ବାରିକ, ବସ୍ତା ବ୍ଲକ ସଭାପତି ମୀର ଜାହିଦ କାଦ୍ରୀ, ପ୍ରଶାନ୍ତ କୁମାର ପାତ୍ର, ସେକ ରିଆଜୁଦ୍ଦିନ, କୁମୁଦ ରଞ୍ଜନ ଗିରି, ଲିଲି ମୁଖି, ପଦ୍ମିନୀ ଦାସ, ବାସନ୍ତୀ ରାମ, ଆଶାମଣି ରାମ, ବିନତୀ ରାମ, ରଇକାରୀ ରାମ ଆମରଣ ଅନଶନରେ ବସିଛନ୍ତି।ଖବର ଲେଖା ପର୍ଯ୍ୟନ୍ତ ରେଳ ବିଭାଗର କୌଣସି ଅଧିକାରୀ ଅନଶନକାରୀଙ୍କ ଠାରେ ପହଞ୍ଚି ନାହାନ୍ତି।ଏଥିନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ , ୨୯/୪ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଶାନ୍ତି ଆଶ୍ରମ, ତିହିଡ଼ି, ଭଦ୍ରକ ଠାରେ ମହିଳା ମାନଙ୍କ ପାଇଁ ଥିବା ଯୌନ ଉତ୍ପୀଡ଼ନ ଆଇନ ଏବଂ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ନିମନ୍ତେ ଥିବା ଯୋଜନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଲୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ, ଡ. ତାପସ କୁମାର ମହାନ୍ତି ତଥା ଆଶ୍ରମର ସମସ୍ତ ସଦସ୍ୟ ଏବଂ ଛାତ୍ର ଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀ ଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟଶାଳା





ଭଦ୍ରକ , ୨୯/୪ (ନି.ପ୍ର): ପୁରୁଣାବଜାର ସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଡ଼ଭୋକେଟ୍ ଡଃ ରାଧାରାଣୀ ମହାପାତ୍ର ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡଃ କୃପାସିନ୍ଧୁ ନାୟକ, ସମ୍ମାନିତ ଅତିଥି ବସୁମିତ୍ରା ସାହୁ, ବିଶିଷ୍ଟ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ ଓ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷିକା ମନୋରମା ରାଉତ୍ ପ୍ରମୁଖ ଯୋଗଦାନ କରି ଶକ୍ତିଶ୍ରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ନାରୀ ସଶକ୍ତି କରଣ ଓ ଆତ୍ମରକ୍ଷା କୌଶଳ ମାଧ୍ୟମରେ କିପରି ନାରୀ ସଶକ୍ତ ହୋଇପାରିବ ବୋଲି ଅତିଥିମାନେ ନିଜର ପୃଥକ ପୃଥକ ବକ୍ତବ୍ୟ ରଖିଥିଲେ। ଛାତ୍ରୀମାନେ ମହାବିଦ୍ୟାଳୟ ପରିସରରୁ ପୁରୁଣାବଜାର ପର୍ଯ୍ୟନ୍ତ ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ। ପରିଶେଷରେ ଶକ୍ତିଶ୍ରୀ ସଂଯୋଜିକା ପ୍ରଭାତୀ ନାୟକ ଧନ୍ୟବାଦ ଦେଇଥିବା ବେଳେ ରଘୁନାଥ ନାୟକ, ଆଶୁତୋଷ ସିଂ ଓ ଗୌରାଙ୍ଗ ଦାସ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

## ଆଧାର ନାହିଁ ବୋଲି କଲେନାହିଁ ଆଡ଼ମିସନ : ପାଠପଢ଼ାରେ ଡ଼ୋରି ବାନ୍ଧିଲେ 'ଚାନ୍ଦୁ'



ଉଦଳା, ୨୯/୪ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ବାଲିଡ଼ାହି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରାମେଶ୍ୱର ସିଂଙ୍କର ୧୩ବର୍ଷ ବୟସର କନ୍ୟା ଚାନ୍ଦୁ ସିଂ ଆଜକୁ ୪ ବର୍ଷ ଧରି ପାଠପଢ଼ାରେ ଡ଼ୋରି ବାନ୍ଧିଦେବାକୁ ବାଧ ହୋଇଥିବାର କଥା ପରିବାରର ଲୋକେ କହିଛନ୍ତି । ଖବର ନେବାରୁ ଚାନ୍ଦୁ ସିଂ ପଦ୍ମପୋଖରି ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୫ମ ଶ୍ରେଣୀ ପାସ କରିଛନ୍ତି । ପରେ ଶାଳଚୁଆସ୍ଥିତ ଉଚ୍ଚ ବିଦ୍ୟାଳୟକୁ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଯିବାରୁ ଏଠାରେ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ମାଗିଲେ । ଆଧାର କାର୍ଡ଼ ଦେଖାଇ ନପାରିବାରୁ ନାମ ଲେଖାଯାଇପାରିବ ନାହିଁ ବୋଲି ରୋକ୍ ଠୋକ୍ ମନା କରି ଶିକ୍ଷକ ଜଣକ ବିଦା କରିଦେଇଥିବାର କଥା ରାମେଶ୍ୱର ଗଣମାଧ୍ୟମକୁ ଜଣାଇଛନ୍ତି । ପାଠପଢ଼ା ଛାଡ଼ିଥିବା ସମସ୍ତ ପିଲାଙ୍କୁ ପୁଣିଥରେ ବିଦ୍ୟାଳୟକୁ ନେବା ପାଇଁ ସରକାର 'ଆସ ସ୍କୁଲଯିବା ଅଭିଯାନ' ଚଳାଇଛନ୍ତି । ନାମ ଲେଖା କ୍ଷେତ୍ରରେ ଆଧାର ବାଧ୍ୟତା ମୂଳକ ନୁହେଁ ବୋଲି ସରକାରୀ ବାବୁ ମାନେ ନିୟମିତ ଢ଼ୋଲ ପିଟୁଛନ୍ତି । କିନ୍ତୁ 'ଚାନ୍ଦୁ'ଙ୍କ ପରି ଏବେ ମଧ୍ୟ ଆଧାର କାର୍ଡ଼ ପାଇଁ ବହୁ ସଂଖ୍ୟାରେ ପିଲା ବିଦ୍ୟାଳୟ ବାହାରେ ଅଛନ୍ତି । ଆଧାର କାର୍ଡ଼ ପାଇଁ 'ଚାନ୍ଦୁ' ବାରମ୍ବାର ଫଟୋ ଉଠାଇଥିଲେ ମଧ୍ୟ ତାଙ୍କର ଆଧାର କାର୍ଡ଼ କାହିଁକି ଆସୁନାହିଁ ତାହା ପରିବାର ଲୋକଙ୍କୁ ଜଣାନଥିବାର କଥା କହିଛନ୍ତି । ସେହିପରି ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ଚାନ୍ଦୁଙ୍କ ନାମ ଯୋଡ଼ାଯାଇ ପାରୁନଥିବାରୁ ମୁଣ୍ଡପିଛା ମିଳୁଥିବା ୫କିଗ୍ରା ଚାଉଳ ପାଇବାରୁ ସେ ବଂଚିତ ଅଛନ୍ତି । ତାଛଡ଼ା ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁ ପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ଚାନ୍ଦୁ ସିଂ ଜଣେ ଆଦିବାସୀ ଛାତ୍ରୀ ହୋଇଥିବା ବେଳେ ତାଙ୍କୁ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ରାଜ୍ୟ ମହିଳା କମିସନଙ୍କ ଶିବିର ଅଦାଲତ: ୮ ଗୋଟି ମାମଲାର ଶୁଣାଣି, ୪ ନୂଆ ମାମଲା ପଞ୍ଜିକୃତ




ବାରିପଦା, ୨୯/୪ (ନି.ପ୍ର): ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷଓ ଶ୍ରୀମତୀ ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓଡିଶା ରାଜ୍ୟ ମହିଳା କମିସନ ଶିବିର ଅଦାଲତ ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ରାଜ୍ୟ ମହିଳା କମିସନର ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ମହିଳା ମାନଙ୍କ ଉପରେ ହେଉଥିବା ହିଂସା , ନିର୍ଯ୍ୟାତନା ,ଶୋଷଣ ପରି ସଙ୍ଗୀନ ମାମଲାର ତ୍ୱରିତ ସମାଧାନ ପାଇଁ ବିଭିନ୍ନ ଆବେଦନର ଶୁଣାଣି କରିଛନ୍ତି ଓ ପୂର୍ବରୁ ୯ ଗୋଟି ମାମଲା ତାଲିକାଭୁକ୍ତ ହୋଇଥିଲା । ସେଥିମଧ୍ୟରୁ କେବଳ ୮ ଗୋଟି ମାମଲାର ସମ୍ବୋଧିତ ଆବେଦନକାରୀ ଉପସ୍ଥିତ ଥିବାରୁ ତା'କୁ ହିଁ ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ଶୁଣାଣି କରିଛନ୍ତି । ତହିଁରୁ ୫ ଗୋଟି ମାମଲାର ଶୁଣାଣି ପାଇଁ ପୁଣିଥରେ ପକ୍ଷଭୁକ୍ତ ମାନଙ୍କୁ ଆଗାମୀ ଶୁଣାଣି ପାଇଁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ୪ ଗୋଟି ନୂଆ ମାମଲା ମଧ୍ୟ ପଞ୍ଜିକୃତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିସନର ସଭ୍ୟା ପ୍ରତିଭା ମହାନ୍ତି , ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପଲ୍ଲୀ ,ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସବିତା ମାଝି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି , ସମାଜ କଲ୍ୟାଣ ଅଧିକାରିଣୀ ଅନ୍ନପୂର୍ଣ୍ଣା ବୁରୁଡ଼ା ,ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ , ମହିଳା ସଶକ୍ତି କରଣ କେନ୍ଦ୍ର ର ଜିଲ୍ଲା ସଂଯୋଜକ ସୀମନ୍ତ ଦିଗାର ଏବଂ ମହିଳା ସଶକ୍ତିକରଣ କେନ୍ଦ୍ରର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ନୃତ୍ୟ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯/୪ (ନି.ପ୍ର): ଅନ୍ତର୍ଜାତୀୟ ନୃତ୍ୟ ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନ୍ତର୍ଜାତୀୟ ନୃତ୍ୟ ଦିବସ ଅବସରରେ ସମସ୍ତ ନୃତ୍ୟଶିଳ୍ପୀ ଓ କଳାପ୍ରେମୀଙ୍କୁ ମୋର ଆନ୍ତରିକ ଶୁଭକାମନା।

## ଜଳେଶ୍ୱର ପଞ୍ଚାୟତ ସମିତିର ଦ୍ୱାଦଶ ସାଧାରଣ ଅଧିବେଶନ ଅନୁଷ୍ଠିତ

ଜଳେଶ୍ୱର, ୨୯/୪ (ନି.ପ୍ର): ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଦଶମ ସାଧାରଣ ଅଧିବେଶନ ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ଆହ୍ୱାନରେ ପଞ୍ଚାୟତ ସମିତିର ଅଧକ୍ଷ ମାନସ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ଏହି ଦ୍ୱାଦଶ ସାଧାରଣ ଅଧିବେଶନରେ ମାନ୍ୟବର ସାଂସଦଙ୍କ ପ୍ରତିନିଧି ତଥା ପୁର୍ବତନ ବ୍ଲକ ଉପାଧକ୍ଷ ବ୍ରଜମୋହନ ପ୍ରଧାନ, ବିଧାୟକ ଅଶ୍ୱିନି କୁମାର ପାତ୍ର, ଜିଲ୍ଲା ପରିଷଦ ଉପାଧକ୍ଷା ଆନୁଷୟା ପ୍ରଧାନ,ପଞ୍ଚାୟତ ସମିତି ଉପାଧକ୍ଷା ସଞ୍ଜିତା ସେନାପତି,ଏବିଡ଼ିଓ ସୁଧୀର କୁମାର ସାହୁ,ବ୍ଲକ ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସନ୍ଧ୍ୟାରାଣୀ ପାତ୍ର, ଜିପିଡିଓ ସବ୍ୟଶାଚି ଦାସ,ସିପି ସୁଜିତ କୁମାର ଜେନା ଯୋଗ ଦେଇ ପୂର୍ବ ବିବରଣୀ ପଠନ ଓ ଦୃଢ଼ି କରଣ କାର୍ଯ୍ୟ ଯଥା-ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ବନ୍ଧୀୟ, ଜଳସେଚନ, ଉଠାଜଳସେଚନ, ନାଳ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ, ଖଣି ବିଭାଗ ସମ୍ବନ୍ଧୀୟ ଜାନୁଆରୀ ମାସ ୮ ତାରିଖ ଦିନ ହୋଇଥିବା ଦ୍ୱାଦଶ ଅଧିବେଶନର ଦୃଢି କରଣ କରା ଯାଇଥିଲା। ଏହି ଅଧିବେସନରେ ଏବିଇଓ ଶୁଶାନ୍ତ କୁମାର ଜେନା, ସିଡ଼ିପିଓ ମିନତୀ ସିଂ, ହାତିଗଡ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଭୀଷ୍ମ ଚରଣ ପରିଡ଼ା, ବ୍ଲକ ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିକ୍ରମ କୁମାର ଜେନା, ଟାଟା ପାୱାର ଇଲେକ୍ଟ୍ରି ସରକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରତୀ ରଞ୍ଜନ ରାଉତ, ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ସଜତ ଅନୁପମ, ପାନୀୟ ଜଳ ବିଭାଗର ଜୁନିଅର ଇଂଜିନିୟର ପଙ୍କଜ ତ୍ରିପାଠୀ, ଡ୍ରେନେଜ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଶରତ ସି, ପୂର୍ତ୍ତ ବିଭାଗର ଏସଡିଓ ବିକ୍ରମ୍ ମୁର୍ମୁ, ଫିସାରି ଅଫିସର ପ୍ରିୟଙ୍କା ସାହୁ ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ରହି ପାନୀୟ ଜଳର ବିଭିନ୍ନ ସମସ୍ୟା, କୃଷି, ଉଦ୍ୟାନ ବିଭାଗ, ଫିସାରି, ଇଲେକ୍ଟ୍ରୀ ସହିତ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ମୃତ୍ତିକା ସଂରକ୍ଷଣ, ଜଳ ସେଚନ, ଉଠାଜଳସେଚନ, ଡ୍ରେନେଜ, ସମ୍ବନ୍ଧୟ ଆଲୋଚନା ସହିତ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ସମ୍ବନ୍ଧୀୟ ଆଲୋଚନା ତଥା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ବନ୍ଧୀୟ ଆଲୋଚନା ହୋଇଥିଲା।

## ଆଦର୍ଶ ଶିକ୍ଷକ କମଳାକାନ୍ତ ନାୟକଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର , ୨୯/୪ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲୁଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ କମଳା କାନ୍ତ ନାୟକଙ୍କ କାର୍ଯ୍ୟକାଳ ଶେଷ ହୋଇ ଥିବାରୁ ତାଙ୍କ ପାଇଁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସରସ୍ୱତୀ ମୁଖୀ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଭିଷେକ ପାତ୍ର, ବଡ କିଆରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଦାଧର ମଲ୍ଲିକ, ଏ ୟୁ ପି ଟି ଏଫ୍ ସଂଘର ଜିଲ୍ଲା ଉପ ସଭାପତି ଶାନ୍ତନୁ କୁମାର ମଲ୍ଲିକ, ଚଣ୍ଡିଆ ସ୍କୁଲର ଶିକ୍ଷକ ରବୀନ୍ଦ୍ର ରାଉଳ, ସ୍କୁଲ୍ ପରିଚାଳନା କମିଟି ସଭାପତି ଜିତେନ୍ଦ୍ର ମଲ୍ଲିକ, ୱାର୍ଡ ମେମ୍ବର ଅନିତା ସେନାପତି ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ବିଦାୟୀ ଶିକ୍ଷକ କମଳାକାନ୍ତ ନାୟକଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଅବସରରେ କମଳାକାନ୍ତ ସାର୍ ଙ୍କୁ ମାନପତ୍ର ଓ ଉପଢ୍ଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା ଓ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଅବସର ପ୍ରାପ୍ତ ସହକାରୀ ଶିକ୍ଷକ କମଳାକାନ୍ତ ନାୟକ ନିଜର ଦୀର୍ଘ ବର୍ଷର ଶିକ୍ଷାଦାନ ସମୟର ବିଭିନ୍ନ ସ୍ମୃତିକୁ ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ସୁନିଲ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷୟତ୍ରୀ ଆରତି ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ବିଜୟ କୁମାର ବେହେରା ମାନପତ୍ର ପାଠ କରିଥିଲେ। ଶିକ୍ଷକ ଚନ୍ଦ୍ର ଶେଖର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ସଂଜୁଲତା ମଣ୍ଡଳ, ତିଲୋତ୍ତମା ଜେନା ଓ ବିଭିନ୍ନ କର୍ମ କର୍ତ୍ତା ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ଅବସର ପ୍ରାପ୍ତ ଶିକ୍ଷକ କମଳାକାନ୍ତ ନାୟକଙ୍କ ଧର୍ମ ପତ୍ନୀ ତିଲୋତ୍ତମା ନାୟକ, ପୁତ୍ର ନୀଳକଣ୍ଠ ନାୟକ, ସ୍କୁଲ୍ କମିଟିର ବିଭିନ୍ନ କର୍ମକର୍ତ୍ତା ଓ ଗ୍ରାମବାସୀ ଏହି ଉତ୍ସବରେ ଯୋଗ ଦେଇଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida